
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୬ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 26 MAY 2025
Vol.No. 36 ■ No.138 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଏନଡିଏ ମୁଖ୍ୟମନ୍ତ୍ରୀ କନକ୍ଲେଭରେ ଦୁଇ ପ୍ରସ୍ତାବ ପାରିତ: ଜାତିଭିତ୍ତିକ ଜନଗଣନାକୁ ମିଳିଲା ମଞ୍ଜୁରୀ

ନୂଆଦିଲ୍ଲୀ, ୨୫/୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏନଡିଏ ମୁଖ୍ୟମନ୍ତ୍ରୀ କନକ୍ଲେଭ୍ ଶେଷ ହୋଇଛି । ଏହି କନକ୍ଲେଭରେ ଭାଗ ନେଇଥିଲେ ୨୦ ମୁଖ୍ୟମନ୍ତ୍ରୀ ଏବଂ ୧୮ ଉପ ମୁଖ୍ୟମନ୍ତ୍ରୀ । ଆଜିର ଏହି ମୁଖ୍ୟମନ୍ତ୍ରୀ କନକ୍ଲେଭରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ 'ଅପରେସନ ସିନ୍ଦୂର' ନେଇ ପ୍ରଥମ ପ୍ରସ୍ତାବ ପାରିତ ହୋଇଥିଲା । ଏଥିରେ 'ଅପରେସନ ସିନ୍ଦୂର'ରେ ସେନାବାହିନୀ ବୀରତ୍ୱକୁ ପ୍ରଶଂସା କରାଯାଇଥିଲା ।ଏହାପରେ ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ପାରିତ କରାଗଲା ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା । ଅନ୍ୟ ପକ୍ଷରେ ଜାତି ଜନଗଣନା ନେଇ ଦ୍ୱିତୀୟ ପ୍ରସ୍ତାବ ପାରିତ ହୋଇଛି । ଜାତିଭିତ୍ତିକ ରାଜନୀତି ନୁହେଁ, କେବଳ ଉନ୍ନତି ତାହିଁ ନେଇ ସହମତି ପ୍ରକାଶ କରିଛନ୍ତି




ସମସ୍ତ ମୁଖ୍ୟମନ୍ତ୍ରୀ । ଉଲ୍ଲେଖଯୋଗ୍ୟ ଯେ, କଂଗ୍ରେସ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପକ୍ଷରୁ ଦୀର୍ଘଦିନ ଧରି ଜାତିଭିତ୍ତିକ ଜନଗଣନାର ଦାବି କରାଯାଉଥିଲା । ମୋଦି ସରକାରଙ୍କ ତୃତୀୟ କାର୍ଯ୍ୟକାଳରେ କ୍ୟାବିନେଟ ବୈଠକରେ ଏହାକୁ ମଞ୍ଜୁରୀ ମିଳିଥିଲା । ଏପ୍ରିଲ ୩୦ ତାରିଖରେ ଜାତିଗତ ଜନଗଣନା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ୧୯୪୭ ପରଠାରୁ ଭାରତରେ ଜାତି ଜନଗଣନା କରାଯାଇନାହିଁ । କଂଗ୍ରେସ ଜାତି ଜନଗଣନା ବଦଳରେ ଜାତି ସର୍ଭେ କରିଥିଲା । ୟୁପିଏ ସରକାର ସମୟରେ ଅନେକ ରାଜ୍ୟ ରାଜନୈତିକ ଦୃଷ୍ଟିକୋଣରୁ ଜାତି ସର୍ଭେ କରିଥିଲେ । ଜାତି ଜନଗଣନାକୁ ମୂଳ ଜନଗଣନାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, ଆସନ୍ତା ଜନଗଣନାରେ ଜାତିଭିତ୍ତିକ ଜନଗଣନାକୁ ସାମିଲ୍ କରାଯିବ । ବିରୋଧୀ ଏହାକୁ ନେଇ କେବଳ ରାଜନୀତି କରୁଛନ୍ତି ବୋଲି ପୂର୍ବରୁ ମତ ଦେଇଥିଲେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।

## ମନାଲିରେ ହେରୋଇନ ସହିତ ଦୁଇ ଗିରଫ

ନୂଆଦିଲ୍ଲୀ, ୨୫/୫ : ମନାଲି ଥାନା ଅଧୀନରେ ପୋଲିସ ନିଶା ଚାଲାଣ ଅଭିଯୋଗରେ ଦୁଇଜଣ ଯୁବକଙ୍କୁ ଗିରଫ କରିଛି ପୋଲିସ ଦ୍ୱାରା ଗିରଫ କରାଯାଇଥିବା ଦୁଇ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରିବାର ପ୍ରକ୍ରିୟା ଶେଷ ହେଉଛି । ନିଶା କାରବାର ମାମଲାରେ ସାମ୍ନାକୁ ଆସିଥିଲା ଯେତେବେଳେ ପୋଲିସ ଗୁପ୍ତ ସୁଚନା ଆଧାରରେ ମନାଲିର ଲେଫ୍ଟ ବ୍ୟାଙ୍କ ରୋଡରେ ଅବସ୍ଥିତ ଅଲେଯୁରେ ଏକ ଆବାସିକ ଘରେ ରହୁଥିବା ଜଣେ ଭଡାଟିଆଙ୍କ କୋଠରୀରେ ଚଢାଉ କରିଥିଲେ । ଯେଉଁଠାରୁ ସର୍ଚ୍ଚ ଅପରେସନ ସମୟରେ ୧୧.୨୯୦ ଗ୍ରାମ ହେରୋଇନ (ଚିଟା )ଜବତ ହୋଇଛି । ପୋଲିସ ନିଶା ସାମଗ୍ରୀ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛି ।ପୋଲିସ ଅଧୀକ୍ଷକ ଡା.କାର୍ତ୍ତିକେୟନ କହିଛନ୍ତି ଯେ ଅକ୍ଷୟ ଓରଫ ସୁଖୀ(୨୯)ପୁଅ ବଂସୀ ଲାଲ ଗ୍ରାମ ପିପଲୀ ଡାକଘର ଡରବାର ତହସିଲ ସରକାଘାଟ ଜିଲ୍ଲା ମଣ୍ଡୀ ଏବଂ ରାକେଶ କୁମାର ଓରଫ ରତନୁ(୩୧)ପୁଅ ଅଶୋକ କୁମାର ନିବାସୀ ଗ୍ରାମ ଏବଂ ଡାକଘର ବଡୋହ ତହସିଲ ବଡୋହ ଜିଲ୍ଲା କାଙ୍ଗଡା ବିରୁଦ୍ଧରେ ମାଦକ ପଦାର୍ଥ ଆଇନ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି ।

## ଦାନା ବାନ୍ଧୁଛି ଲଘୁଚାପ: ୩୦ ପର୍ଯ୍ୟନ୍ତ ପ୍ରବଳ ଛେଚିବ



ଭୁବନେଶ୍ୱର, ୨୫/୫ (ନି.ପ୍ର): ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଲଘୁଚାପ । ଆସନ୍ତା ୨୭ ତାରିଖ ସୁଦ୍ଧା ପଶ୍ଚିମ କେନ୍ଦ୍ରୀୟ ଓ ଉତ୍ତର ବଙ୍ଗୋପାସଗରରେ ଲଘୁଚାପ ସୃଷ୍ଟି ହେବା ନେଇ ସମ୍ଭାବନା ରହିଛି । ଏହାର ପ୍ରଭାବରେ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ପ୍ରବଳ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ସହ ପବନ ମଧ୍ୟ ବହିବାର ସମ୍ଭାବନା ରହିଛି । ୨୫ ତାରିଖରେ ଦକ୍ଷିଣ ଓଡିଶାର ଅନେକ ସ୍ଥାନ ଓ ଉତ୍ତର ଓଡିଶାର ଅଳ୍ପ କିଛି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ରାୟଗଡା, କୋରାପୁଟ, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝରରେ ପ୍ରବଳ ବର୍ଷା ଓ ବଜ୍ରପାତ ସହ ୩୦-୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଥିବା ବେଳେ ମାଲକାନଗିରି, ବାଲେଶ୍ୱର, ସୋନପୁର, ଝାରସୁଗୁଡା, ସମ୍ବଲପୁର, ଓ କନ୍ଧମାଳରେ ମଧ୍ୟ ବଜ୍ରପାତ ଓ ପବନ ଆଶଙ୍କା ରହିଛି । ସେହିପରି ୨୮, ୨୯ ଓ ୩୦ ତାରିଖରେ ଅନେକ ସ୍ଥାନରେ ମଧ୍ୟମ ଧରଣରୁ ପ୍ରବଳ ବର୍ଷା ହୋଇପାରେ । ଏପଟେ ୮ ଦିନ ଆଗରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବା ପରେ ଓଡ଼ିଶାରେ ▶▶ପୃଷ୍ଠା ୭

## ଓଡ଼ିଶା ସରକାରଙ୍କ ତାଗିଦ: କର୍ମଚାରୀଙ୍କ ବାୟୋମେଟ୍ରିକ ହାଜିରା ବାଧ୍ୟତାମୂଳକ, ସନ୍ଧ୍ୟା ୫:୩୦ ପୂର୍ବରୁ ଅଫିସ ଛାଡ଼ିବା ମନା

ଭୁବନେଶ୍ୱର, ୨୫/୫ (ନି.ପ୍ର): ଓଡ଼ିଶା ଗ୍ରାମୀଣ ଉନ୍ନୟନ ବିଭାଗ କର୍ମଚାରୀଙ୍କ ହାଜିରା ରେକର୍ଡ ବାୟୋମେଟ୍ରିକ ମେସିନ ଜରିଆରେ ବାଧ୍ୟତାମୂଳକ କରିଛି ଏବଂ ସମସ୍ତ କର୍ମଚାରୀଙ୍କୁ ସନ୍ଧ୍ୟା ୫:୩୦ ପୂର୍ବରୁ ଅଫିସ ଛାଡ଼ିବାକୁ ନିଷେଧ କରିଛି । ବିଭାଗ ଆହୁରି କହିଛି ଯେ ଯଦି କୌଣସି କର୍ମଚାରୀ ଅଫିସ-ଆଉଟ ଡାଟା ରେକର୍ଡ ନ କରନ୍ତି, ତେବେ ସେହି ଦିନ ପାଇଁ ସମ୍ପୃକ୍ତ କର୍ମଚାରୀଙ୍କୁ କର୍ତ୍ତବ୍ୟରୁ ଅନୁପସ୍ଥିତ ବୋଲି ଗଣାଯିବ । ବିଭାଗର ନିର୍ଦ୍ଦେଶରେ କୁହାଯାଇଛି, "ସମସ୍ତ କର୍ମଚାରୀ ସକାଳ ୧୦ ଟା ସୁଦ୍ଧା ଅଫିସରେ ପହଞ୍ଚିବେ ଏବଂ ସମସ୍ତ କାର୍ଯ୍ୟଦିବସରେ ସନ୍ଧ୍ୟା ୫:୩୦ ପୂର୍ବରୁ ଅଫିସ ଛାଡ଼ିବେ ନାହିଁ।" ତେବେ, ଅପ୍ରତ୍ୟାଶିତ ପରିସ୍ଥିତି ଜନିତ ବିଳମ୍ବକୁ ବିଚାରକୁ ନେଇ ୩୦ ମିନିଟର ଛାଡ଼ପତ୍ର



ଅନୁମୋଦିତ ହୋଇଛି । ନିର୍ଦ୍ଦେଶରେ ଆହୁରି କୁହାଯାଇଛି ଯେ ବିଭାଗର ଜଣେ କର୍ମଚାରୀଙ୍କୁ ସମସ୍ତ କାର୍ଯ୍ୟଦିବସରେ ଅଫିସରେ ଅତି କମରେ ୭ ଘଣ୍ଟା ୩୦ ମିନିଟ ଉପସ୍ଥିତ ରହିବାକୁ ନିଶ୍ଚିତ କରିବାକୁ ହେବ । "ଚିକିତ୍ସା ବା ଅନ୍ୟ ଜରୁରୀ ପରିସ୍ଥିତି, ଅଫିସିଆଲ ଟୁର, ବିଭାଗ ପରିସର ବାହାରେ ଅଫିସିଆଲ କାର୍ଯ୍ୟ ପାଇଁ ଅନୁପସ୍ଥିତି, କିମ୍ବା ଅଫିସ-ଇନ ଏବଂ ଅଫିସ-ଆଉଟ ରେକର୍ଡ କରିବାକୁ ଅନୁମତି ନ ଦେଉଥିବା ଅନ୍ୟ ଅନିବାର୍ଯ୍ୟ ପରିସ୍ଥିତିରେ ସମ୍ପୃକ୍ତ ଅଧିକାରୀଙ୍କୁ ତାଙ୍କ ଶାଖା ଅଧିକାରୀ କିମ୍ବା ଯୋଗ୍ୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇବାକୁ ହେବ," ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

ଭୁବନେଶ୍ୱର, ୨୫/୫ (ନି.ପ୍ର): ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ତାଙ୍କର ପରିବାର ବର୍ଗ ସହ ନୂଆଦିଲ୍ଲୀ ଠାରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି । ସେ ନିଜେ ସୋସିଆଲ ମିଡିଆରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ଆଜି ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ ମୁଁ ଓ ମୋର ପରିବାର ବର୍ଗଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲି ।

## ୩ ବର୍ଷରେ ୧୨୫ କୋଟି ଲୁଟିଲେଣି ସାଇବର ଲୁଟେରା

ଭୁବନେଶ୍ୱର, ୨୫/୫ (ନି.ପ୍ର): କେବଳ ଗାଁ ଗହଳିର ଅପାଠୁଆ ନୁହନ୍ତି, ସାଇବର୍ ଲୁଟେରାଙ୍କ ଟାର୍ଗେଟ୍ ରେ ଉଚ୍ଚଶିକ୍ଷିତ, କୋଟିପତି ଓ ବ୍ୟବସାୟୀ । ଟ୍ରେଡିଂ କିମ୍ବା ଅନଲାଇନ୍ କାରବାର କରୁଥିବା ଲୋକଙ୍କୁ ନିଜ ଜାଲରେ ଫସାଉଛନ୍ତି । କମ୍ ସମୟରେ ଅଧିକ ରିଟର୍ଣ୍ଣ ପାଇବାର ଲୋଭନୀୟ ପ୍ରତିଶ୍ରୁତି ଦେଇ କୋଟି କୋଟି ଟଙ୍କାର ଚୂନ ଲଗାଉଛନ୍ତି । ଗତ ୩ ବର୍ଷରେ ପ୍ରାୟ ୧୨୫ କୋଟି ଟଙ୍କା ଲୁଟି ନେଇଗଲେଣି ସାଇବର ଠକ । ଏଣେ ପୋଲିସ୍ ସାଇବର୍ ଠକେଇ



ନେଇ ୬ ହଜାରରୁ ଅଧିକ ମାମଲା ରୁଜୁ କରିବା ସହ ୧୩ଶହ ୮୮ ଜଣଙ୍କୁ ଗିରଫ କରିଛି । ପ୍ରଦ୍ୟୁମ୍ନ ଦାସ, ପେଶାରେ ମେକାନିକାଲ୍ ଇଞ୍ଜିନିୟର । ଅନଲାଇନ୍ ପେମେଣ୍ଟ ଠାରୁ ଆରମ୍ଭ କରି ଡିଜାଇନ୍ ସବୁ କିଛି ଏହି ଲାପଟପରେ ହିଁ କରନ୍ତି । ହେଲେ ଏତେ ଡିଜିଟାଲ ଜ୍ଞାନ ଥାଇ ବି ସେ ପଡିଗଲେ ସାଇବର ଲୁଟେରାଙ୍କ ଜାଲରେ । ଆଖି ପିଛୁଳାକେ ତାଙ୍କ ଆକାଉଣ୍ଟରୁ ଉଡ଼ିଗଲା ୩୦ ହଜାର ଟଙ୍କା । ଆଉ ଇଏ ହେଲେ ବିଶ୍ୱଜିତ ମହନ୍ତ । କଂପ୍ୟୁଟର ସାଇନ୍ସରେ ବିଟେକ୍ କରିଛନ୍ତି । ତଥାପି ସେ ବି ବର୍ତ୍ତି ପାରିନାହାନ୍ତି ସାଇବର୍ ଲୁଟେରାଙ୍କ ପଞ୍ଝାରୁ । ୨ ବର୍ଷ ତଳେ ସେ ଏକ ଡିଜିଟାଲ ସାଇଟରୁ ଲୋନ ଆଣିଥିଲେ । ତାକୁ ସୁଝି ଦେଇଛନ୍ତି ମଧ୍ୟ । ▶▶ପୃଷ୍ଠା ୭

## ରଥଯାତ୍ରାରୁ ନୀଳାଦ୍ରିବିଜେ ମଧ୍ୟରେ ଶେଷ ହେବ ରତ୍ନଭଣ୍ଡାର ମରାମତି କାର୍ଯ୍ୟ

ଭୁବନେଶ୍ୱର, ୨୫/୫ (ନି.ପ୍ର): ରଥଯାତ୍ରାରୁ ନୀଳାଦ୍ରିବିଜେ ମଧ୍ୟରେ ଶେଷ ହେବ ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ । ଏଏସଆଇ ଡ଼ିଜି ଏବଂ ତାଙ୍କ ଟିମ ଆସି ଜଗନ୍ନାଥ ମନ୍ଦିରର ମରାମତି କାମର ସମୀକ୍ଷା କରିଛନ୍ତି । ଏହାସହ ରତ୍ନ ଭଣ୍ଡାର କାମର ସମୀକ୍ଷା କରିଛନ୍ତି । ରଥଯାତ୍ରା ସମୟରେ ଗର୍ଭ ଗୃହରେ ଯେଉଁ ଯେଉଁ ମରାମତି କାମ ହୁଏ ସେ ନେଇ ସମୀକ୍ଷା ହୋଇଛି । ମନ୍ଦିର ଢାଞ୍ଚାରେ କୌଣସି ପରିବର୍ତ୍ତନ ନକରି ପବିତ୍ର ପୀଠର ସଂରକ୍ଷଣ ବାବଦରେ ଆଲୋଚନା ହୋଇଛି । ମନ୍ଦିରର ଆବଶ୍ୟକତା ଦୃଷ୍ଟିକୋଣରୁ ମନ୍ଦିର ପ୍ରଶାସକ ଏଏସଆଇ ଡିଜିଙ୍କୁ ଅବଗତ କରାଇଛନ୍ତି । ମନ୍ଦିରର ସଂରକ୍ଷଣ ପାଇଁ ଯେଉଁ ସବୁ ଜ୍ଞାନ କୌଶଳର ଆବଶ୍ୟକତା ରହିଛି ସେ ନେଇ ଆଲୋଚନା ହୋଇଛି ।

## ବିଶ୍ୱର ଚତୁର୍ଥ ସର୍ବବୃହତ ଅର୍ଥନୀତି: ଜାପାନକୁ ଅତିକ୍ରମ କଲା ଭାରତ

ନୂଆଦିଲ୍ଲୀ, ୨୫/୫ : ଭାରତକୁ ମିଳିଛି ଆଉ ଏକ ସଫଳତା । ଭାରତ ଅର୍ଥନୈତିକ କ୍ଷେତ୍ରରେ ଏକ ବଡ଼ ସଫଳତା ହାସଲ କରିଛି । ବିଶ୍ୱର ଚତୁର୍ଥ ବୃହତ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି ଭାରତ । ଜାପାନକୁ ପଛରେ ପକାଇ ଭାରତ ଏହି ସଫଳତା ହାସଲ କରିଛି । ନିତି ଆୟୋଗ ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ୍ ଏହି ସୂଚନା ଦେଇଛନ୍ତି । ଓଗରର ତଥ୍ୟ ଅନୁସାରେ ଆମେରିକା, ଚୀନ ଓ ଜର୍ମାନୀ ପରେ ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଇକୋନୋମି ରହିଛି । ସୁବ୍ରମଣ୍ୟମ କହିଛନ୍ତି ଏବେ ଆମେ ୪ ଟ୍ରିଲିୟନ ଡଲାର ଅର୍ଥନୀତି ପାଲଟିଛୁ । ଆଗାମୀ ଅଢ଼େଇରୁ ତିନି ବର୍ଷ ମଧ୍ୟରେ ଜର୍ମାନୀକୁ ହଟାଇ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହୋଇପାରିବୁ ବୋଲି ମତ ଦେଇଛନ୍ତି ନିତି ଆୟୋଗ ସିଇଓ । ସୁବ୍ରମଣ୍ୟମ୍ କହିଛନ୍ତି ଯେ, ଭାରତର ଅର୍ଥନୀତି ଏବେ ଜାପାନ ଅପେକ୍ଷା ବଡ଼ । ଯଦି ଆମେ ଆମର ଯୋଜନା ଏବଂ




ଚିନ୍ତାଧାରାରେ ଅଟଳ ରହିବା, ତେବେ ଅଢ଼େଇରୁ ତିନି ବର୍ଷ ମଧ୍ୟରେ ଆମେ ତୃତୀୟ ବୃହତ୍ତମ ଅର୍ଥନୀତି ହେବୁ।' ୨୦୨୩ରେ ଭାରତର ଅର୍ଥନୀତି ୩.୫୬ ଟ୍ରିଲିୟନ ରହିଥିବା ବେଳେ ଜାପାନର ଅର୍ଥନୀତି ୪.୨୦ ଟ୍ରିଲିୟନ ରହିଥିଲା । ବର୍ତ୍ତମାନ ଭାରତର ଅର୍ଥନୀତି ୪.୨୭ ଟ୍ରିଲିୟନରେ ପହଞ୍ଚିଥିବା ବେଳେ ଜାପାନ ▶▶ପୃଷ୍ଠା ୭

## ବଡ଼ ପୁଅ ଉପରେ ଲାଲୁଙ୍କର ବଡ଼ କାର୍ଯ୍ୟାନୁଷ୍ଠାନ: ଦଳରୁ ବହିଷ୍କାର କଲେ, ପରିବାରରୁ ଦୂରେଇ ଦେଲେ

ନୂଆଦିଲ୍ଲୀ, ୨୫/୫ : ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ରବିବାର ତାଙ୍କ ବଡ଼ ପୁଅ ତଥା ବିଧାୟକ ତେଜ ପ୍ରତାପ ଯାଦବଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରିଛନ୍ତି । ତା'ସହିତ ତାଙ୍କୁ ପରିବାରଠାରୁ ଦୂରେଇ ଦେଇଛନ୍ତି । ଲାଲୁଙ୍କ ଏଭଳି ନିଷ୍ପତ୍ତି ପଛରେ ରହିଛି ତେଜ ପ୍ରତାପ ଯାଦବଙ୍କ ଗତକାଲିର ସୋଶାଲ ମିଡିଆ ପୋଷ୍ଟ, ଯେଉଁଥିରେ ସେ ଓ ଜଣେ ମହିଳା ଥିଲେ । ଉକ୍ତ ମହିଳାଙ୍କୁ ସେ ତାଙ୍କର ପ୍ରେମିକା ଭାବେ ଦର୍ଶାଇବା ସହିତ ତାଙ୍କ ସହିତ ବହୁ ବର୍ଷ ହେଲା ରିଲେସନଶିପ୍ ?ରେ ଅଛନ୍ତି ବୋଲି ଲେଖିଥିଲେ । ଅବଶ୍ୟ ପରେ ତେଜ ପ୍ରତାପ ଉକ୍ତ ପୋଷ୍ଟକୁ ଡିଲିଟ୍ କରି ଦେଇଥିଲେ । ତେଜ



ପ୍ରତାପଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିବା କଥା ଆଜି ଲାଲୁ ପ୍ରସାଦ ଯାଦବ ତାଙ୍କ 'ଏକ୍ସ' ମାଧ୍ୟମରେ ଜଣାଇଛନ୍ତି । ଏଥିରେ ସେ ଲେଖିଛନ୍ତି, ନିଜ ବ୍ୟକ୍ତିଗତ ଜୀବନରେ ମୂଲ୍ୟବୋଧକୁ ଅବହେଳା କଲେ ସାମାଜିକ ନ୍ୟାୟ ପାଇଁ ଆମେ କରୁଥିବା ସାମୂହିକ ଲଢ଼େଇ ଦୁର୍ବଳ ହୋଇଯାଏ । ବଡ଼ ପୁଅର କାର୍ଯ୍ୟକଳାପ, ସର୍ବସାଧାରଣରେ ଆଚରଣ ଓ ଦାୟିତ୍ୱହୀନ ବ୍ୟବହାର ଆମ ପରିବାରର ମୂଲ୍ୟବୋଧ ଓ ସଂସ୍କାରର ଅନୁରୂପ ନୁହେଁ । ଅତଏବ ଉପରୋକ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି ତାଙ୍କୁ ଦଳ ଓ ପରିବାରରୁ ଦୂରେଇ ଦେଉଛି । ଏବେଠାରୁ ଦଳ ଓ ପରିବାରରେ ତା'ର କୌଣସି ▶▶ପୃଷ୍ଠା ୭

## ମଣିପୁରରୁ ତିନି ଉଗ୍ରବାଦୀଙ୍କୁ ଗିରଫ କଲେ ସୁରକ୍ଷାବଳ

ନୂଆଦିଲ୍ଲୀ, ୨୫/୫ : ମଣିପୁରରେ ସୁରକ୍ଷା ବାହିନୀ ପକ୍ଷରୁ ଅଭିଯାନକୁ ତୀବ୍ର କରାଯାଇଛି । ଭିନ୍ନ-ଭିନ୍ନ ସ୍ଥାନରୁ ତିନି ଜଣ ଉଗ୍ରବାଦୀଙ୍କୁ ଗିରଫ କରାଯାଇଛି । ରାଜ୍ୟରେ ଉଗାହି ସହିତ ସଂପୃକ୍ତ ଅପରାଧୀମାନଙ୍କୁ ଧରିବା ପାଇଁ ଗୁପ୍ତ ସୂଚନା ଆଧାରରେ ବ୍ୟାପକ ଭାବେ କମ୍ବିଂ ଅପରେସନ୍ ଓ କର୍ଡନ୍ ଆଣ୍ଡ ସର୍ଚ୍ଚ ଅଭିଯାନ କରାଯାଉଛି । ଏହି ଅଭିଯାନ ସମୟରେ ସୁରକ୍ଷା ବାହିନୀ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । ପୋଲିସ ମୁଖପାତ୍ର ରବିବାର କହିଛନ୍ତି ଯେ, କାକଚିଂ ଜିଲ୍ଲାର ତେଜପୁର କ୍ରସିଂ ନିକଟରେ ଅଙ୍ଗାଙ୍ଗଚିଂ ଇକୋ ପାର୍କ ନିକଟରୁ ନିଷିଦ୍ଧ ସଂଗଠନ ପିପୁଲ୍ସ ଲିବରେସନ୍ ଆର୍ମିର ଦୁଇ ଜଣ ଉଗ୍ରବାଦୀଙ୍କୁ ଗିରଫ କରାଯାଇଛି । ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ ନିଙ୍ଗଥୌଜମ ଥୋଇବା ମୈତେଇ ଅର୍ଥାତ୍ ସିନ୍ଥା, ଯିଏ ସୁଗନୁ ଅବାଂ ମୋଇରାଂଥେମ୍ ଲିକାଇରେ ବସବାସ କରନ୍ତି, ଏବଂ ମୟାଙ୍ଗଲମ୍ବମ ସୋମୋରଜିତ ସିଂହ ଯିଏ କାକଚିଂ ଖୁନୌ ଥୃଙ୍ଗନାମ୍ ନିଙ୍ଗଥୌ ଲିକାଇରେ ରହୁଛନ୍ତି । ଏହି ଦୁଇଜଣଙ୍କ ପାଖରୁ ତିନିଟି ମୋବାଇଲ୍ ଫୋନ୍ ଏବଂ ଏକ ଚାରିଚକିଆ ଗାଡ଼ି ଜବତ କରାଯାଇଛି ।

# ମହାସତୀ ସାବିତ୍ରୀଙ୍କ ବୃତ୍ତାନ୍ତ

ହେମନ୍ତ କୁମାର ଗନ୍ତାୟତ

ଯୁଗେ ଯୁଗେ ଭାରତୀୟ ନାରୀ ତା'ର ଭକ୍ତି, ଶକ୍ତି ,ପ୍ରେମ, ଜ୍ଞାନ ଓ ନିଷ୍ଠା ବଳରେ ଅସମ୍ଭବକୁ ସମ୍ଭବ କରି ପାରିଛି। ଉକ୍ତ ବିଷୟରେ ମହାଭାରତର ବନପର୍ବ ବର୍ଣ୍ଣିତ ହୋଇଛି। ପଞ୍ଚ ପାଣ୍ଡବମାନେ ଛଳ ଦ୍ୟୁତ କ୍ରୀଡ଼ାରେ ନିଜର ସମସ୍ତ ରାଜ୍ୟ ହାରିବା ସହିତ ବାର ବର୍ଷର ବନବାସ ଓ ଏକ ବର୍ଷ ଅଜ୍ଞାତ ସର୍ତ୍ତକୁ ପୂରଣ କରିବା ପାଇଁ ଦେବୀ ଦ୍ରୌପଦୀଙ୍କୁ ସଙ୍ଗରେ ନେଇ ବଣକୁ ଯାତ୍ରା କରିଲେ। ଏ ସମୟରେ କୌରବଙ୍କ ଅତ୍ୟନ୍ତ ସହଯୋଗୀ ବନ୍ଧୁ ଜୟଦ୍ରଥ ପାଞ୍ଚାଳୀଙ୍କୁ ହରଣ କରିନେଇ କହିଲେ ହେ, ଦ୍ରୌପଦୀ ! ମୁଁ ତୁମକୁ ରାଣୀକରି ରଖିବାକୁ ଚାହେଁ। ଏପରି୍ବାକ୍ୟକୁ ପ୍ରତ୍ୟାଖ୍ୟାନ କରି ଯାଜ୍ଞସେନୀ ନିଜ ସ୍ୱାମୀମାନଙ୍କ ପାଖକୁ ଫେରି ଆସିଲେ। ଏହି ଘଟଣା ପରେ ପାଣ୍ଡବ ଅଗ୍ରଜ ଯୁଧିଷ୍ଠିର ମାର୍କଣ୍ଡେୟ ଋଷିଙ୍କ ପାଖକୁ ଯାଇ କହିଲେ ଯେ, ହେ ଋଷି ପ୍ରବର ! ଏ ସଂସାରରେ ଦ୍ରୌପଦୀଙ୍କ ସମ କେହି ପତି ପରାୟଣା ଅଛନ୍ତି କି ? ଏହା ଶୁଣି ମାର୍କଣ୍ଡେୟ କହିଲେ ହେ ଧର୍ମ ନନ୍ଦନ ! ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛନ୍ତି ମହାସତୀ ସାବିତ୍ରୀ । ଏହା କହି ଋଷି କଥା କହିବା ଆରମ୍ଭ କଲେ।

ହେ ରାଜନ୍ ! ମଦ୍ର ସାମ୍ରାଜ୍ୟର ଅଶ୍ୱପତି ନାମକ ଜଣେ ଧାର୍ମିକ ରାଜା ଥିଲେ। ତାହାଙ୍କ କୌଣସି ପୁତ୍ର କିମ୍ବା କନ୍ୟା ସନ୍ତାନ ନଥିବା କାରଣରୁ ବେଦପତି ବ୍ରହ୍ମାଙ୍କ ପତ୍ନୀ ସାବିତ୍ରୀଙ୍କୁ ପ୍ରସନ୍ନ କରିବା ପାଇଁ ଅଠର ବର୍ଷ ତପସ୍ୟା ତଥା ଏକଲକ୍ଷ ଯଜ୍ଞରେ ଆହୁତି ଅର୍ପଣ କରିବା ପରେ ମା' ପ୍ରସନ୍ନ ହୋଇ ଦର୍ଶନ ଦେଲେ। ସେ ରାଜଙ୍କୁ ବର ମାଗିବାକୁ କହିଲେ। ରାଜା ଅଶ୍ୱପତି ନିଜର ବଂଶ ରକ୍ଷା କରିବା ପାଇଁ ପୁତ୍ର ପ୍ରାପ୍ତିର ବର ଭିକ୍ଷାକଲେ । ପରନ୍ତୁ ଦେବୀ ଏହାର ପରିବର୍ତ୍ତେ ଏକ ପୁତ୍ରୀର ଆଶୀର୍ବାଦ ପ୍ରଦାନ କରିଥିଲେ। କିଛି କାଳ ପରେ ମହାରାଜାଙ୍କ ପ୍ରଥମ ପାଟରାଣୀ ମାଳତୀ ଗର୍ଭବତୀ ହେଲେ ଏବଂ ସମୟ କ୍ରମେ ଏକ କନ୍ୟାକୁ ଜନ୍ମ ଦେଲେ। ସେହି ପୁତ୍ରୀର ନାମ କରଣ କଲେ ସାବିତ୍ରୀ।

ସାବିତ୍ରୀ କାଳ କ୍ରମେ ଇନ୍ଦୁକଳା ପ୍ରାୟେ ବଢ଼ିବାକୁ ଲାଗିଲେ। ଚନ୍ଦ୍ରଙ୍କ ଶୁଭ୍ର ରଙ୍ଗପରି ତାଙ୍କରି ଅଙ୍ଗକାନ୍ତି ପ୍ରତୀୟମାନ ହେବାକୁ ଲାଗିଲା। ସେ ଏକ ଦିବ୍ୟ ଦେବୀ ରୂପେ ଦୃଶ୍ୟମାନ ହେଲେ। ଯେତେବେଳେ ବିବାହ ଯୋଗ୍ୟା ହୋଇଗଲେ ସେତେବେଳେ ମହାରାଜା ତାଙ୍କ ବିବାହ ପାଇଁ ବହୁତ ଚିନ୍ତିତ ରହିଲେ। ଏହାପରେ ମହାରାଜା ଅଶ୍ୱପତି ଏକ ଶୁଭ ମୂହୁର୍ତ୍ତରେ ପୁତ୍ରୀ ସାବିତ୍ରୀଙ୍କୁ କହିଲେ ଯେ, ତୁମେ ବିବାହ ଯୋଗ୍ୟା ହୋଇଗଲଣି,ତେଣୁ ତୁମେ ତୁମର ବିବାହ ପାଇଁ ଏକ ଉପଯୁକ୍ତ ପାତ୍ରର ଅନୁସନ୍ଧାନ କର । ଏହା ମଧ୍ୟ କହିଲେ ଯେ ଧର୍ମଶାସ୍ତ୍ରର ମାନ୍ୟତା ଅନୁଯାୟୀ କନ୍ୟା ବିବାହ ଯୋଗ୍ୟା ହୋଇଗଲା ପରେ ଯେଉଁ ପିତା କନ୍ୟାଦାନ କରନ୍ତି ନାହିଁ ସେ ପିତା ନିନ୍ଦନୀୟ ଅଟନ୍ତି ।

ନିଜ ପିତାଙ୍କ ମୁଖରୁ ଏପରି ଶୁଣିବା ପରେ ଦେବୀ ସାବିତ୍ରୀ ତତକ୍ଷଣାତ୍ ବରପାତ୍ରର ସନ୍ଧାନରେ ସେଠାରୁ ବାହାରି ପଡିଲେ। ସେ ରାଜାଙ୍କର ସୁରମ୍ୟ ତପୋବନକୁ ଯାଇ କିଛିଦିନ ପର୍ଯ୍ୟନ୍ତ ସେଠାରେ ବରପାତ୍ରର ସନ୍ଧାନରେ ବୁଲିବାକୁ ଲାଗିଲେ। ଏକଦା ମଦ୍ରରାଜ ଅଶ୍ୱପତି ନିଜ ସଭାରେ ଦେବର୍ଷି ନାରଦଙ୍କ ସହ କଥା ହେଉଥାନ୍ତି। ଉକ୍ତ ସମୟରେ ଅମାତ୍ୟଙ୍କ ସହ ସାବିତ୍ରୀ ସେହି ମାର୍ଗ ଦେଇ ରାଜନଅରକୁ ପ୍ରତ୍ୟାବର୍ତ୍ତନ କଲେ । ରାଜକୁମାରୀଙ୍କୁ ଦେଖି ଦେବର୍ଷି ନାରଦ ଯେତେବେଳେ ତାଙ୍କ ବାହ୍ୟ ଭ୍ରମଣର ଅଭିପ୍ରାୟ ବିଷୟରେ ଜିଜ୍ଞାସା କଲେ, ସେତେବେଳେ ରାଜା କହିଲେ ଯେ କନ୍ୟା ନିଜର ବରପାତ୍ରର ସନ୍ଧାନରେ ଯାଇଥିଲେ। ତା'ପରେ ରାଜା ଦରବାରକୁ ରାଜକୁମାରୀଙ୍କୁ ଡକାଇ ବରପାତ୍ର ଚୟନ ବିଷୟରେ ପଚାରି ବୁଝିଲେ। ଏହାର ଉତ୍ତରରେ ସାବିତ୍ରୀ କହିଲେ ଯେ, ସେ ଶାଲ୍ୱ ରାଜ୍ୟର ଦ୍ୟୁମତ୍ସେନ ନାମକ ଅନ୍ଧ ରାଜା ଏ୍ବଂ ମାତା ଶୈବ୍ୟା ପୁତ୍ର ସତ୍ୟବାନ ଅଟନ୍ତି। ଜଣେ ଶତ୍ରୁଙ୍କ କାରଣରୁ ରାଜ୍ୟରୁ ନିର୍ବାସିତ ହୋଇ ପିତା, ମାତା ଓ ପୁତ୍ର ସମସ୍ତେ ବଣରେ ଜୀବନ ନିର୍ବାହ କରୁଛନ୍ତି। ସେହି ସତ୍ୟବାନ ନାମକ ବ୍ୟକ୍ତିଙ୍କୁ ମୁଁ ସ୍ୱାମୀ ରୂପରେ ପସନ୍ଦ କରିଛି।

ରାଜକୁମାରୀ ସାବିତ୍ରୀଙ୍କ ପାଖରୁ ଏହା ଶୁଣି ନାରଦ କହିଲେ ରାଜନ୍ ଏହା ଅତ୍ୟନ୍ତ ବହୁତ ଦୁଃଖ



ଓ ପରିତାପର ବିଷୟ । କାରଣ ରାଜକୁମାରୀ ଯେଉଁ ବର ପାତ୍ରକୁ ଚୟନ କରିଛନ୍ତି ସେ ସ୍ୱଳ୍ପାୟୁ ଏବଂ ମାତ୍ର ଏକ ବର୍ଷ ପରେ ସେ ମୃତ୍ୟୁବରଣ କରିବାକୁ ଯାଉଛନ୍ତି। ତେଣୁ ରାଜକୁମାରୀଙ୍କର ବିବାହ ସତ୍ୟବାନଙ୍କ ସହ କରାଯିବା ଅନୁଚିତ । କିନ୍ତୁ ଏଥିରେ ସାବିତ୍ରୀ ନିଜର ଅନିଚ୍ଛା ପ୍ରକାଶ କରିବା ସହ କହିଲେ ଯେ, ପିତା ଯେପରି ଥରେ ମାତ୍ର କନ୍ୟାଦାନ କରିଥାନ୍ତି, ଠିକ ସେପରି ମୁଁ ମଧ୍ୟ ନିଜର ବରପାତ୍ର ଚୟନ କରିସାରିଛି । ତା'ଙ୍କୁ ହିଁ ବିବାହ କରିବି ।

ଏହାପରେ ମହାରାଜା ଅଶ୍ୱପତି ଏବଂ ସାବିତ୍ରୀ ଦ୍ୟୁମତ୍ସେନ ଓ ସତ୍ୟବାନଙ୍କ ପାଖକୁ ଯାଇ ବିବାହ ପ୍ରସ୍ତାବ ଦେଲେ। ଏହି ପ୍ରସ୍ତାବକୁ ଆନନ୍ଦର ସହ ସମସ୍ତେ ମଧ୍ୟ ସ୍ୱୀକୃତି ପ୍ରଦାନ କଲେ। ଶୁଭଲଗ୍ନ ଦେଖି ସତ୍ୟବାନ ଓ ସାବିତ୍ରୀଙ୍କ ବିବାହ ଉତ୍ସବ ଯଥାରିତିରେ ଅନୁଷ୍ଠିତ ହେଲା। ବିବାହ ପରେ ତୁରନ୍ତ ସାବିତ୍ରୀ ନିଜର ପରିହିତ ଆଭୂଷଣମାନ ପରିତ୍ୟାଗ କରି ତପସ୍ୱୀଭଳି ଲାଲ ବର୍ଣ୍ଣର ବସ୍ତ୍ର ଧାରଣ କରିଲେ ଏବଂ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କ ପ୍ରତି ପୂର୍ଣ୍ଣ ଆଜ୍ଞାକାରି ହୋଇ ରହିବାକୁ ଲାଗିଲେ।

ବିବାହ ପରେ ସତ୍ୟବାନ ଏବଂ ସାବିତ୍ରୀଙ୍କ ହସଖୁସିର ଜୀବନ ବିତି ଚାଲିବା ସହିତ ସତ୍ୟବାନଙ୍କ ମୃତ୍ୟୁର ଦିନ ମଧ୍ୟ ନିକଟବର୍ତ୍ତୀ ହେବାକୁ ଲାଗୁଥିଲା। ସାବିତ୍ରୀ ଗୋଟିଏ ପରେ ଗୋଟିଏ ଦିନ ଗଣି ଚାଲିଥିଲେ। ତା'ଙ୍କୁ ସବୁବେଳେ ନାରଦ ମୁନିଙ୍କର ବଚନ ସ୍ମରଣ ହେଉଥାଏ। ଯେତେବେଳେ ସତ୍ୟବାନଙ୍କ ମୃତ୍ୟୁକୁ ଆଉ ମାତ୍ର ଚାରିଦିନ ବାକି ଥିଲା, ସାବିତ୍ରୀ ତିନି ଦିନର ବ୍ରତ ଧାରଣ କଲେ। ଶେଷଦିନ ଯେତେବେଳେ ସତ୍ୟବାନ ଜଙ୍ଗଲକୁ କାଠ ହାଣିବାକୁ ଗଲେ ସାବିତ୍ରୀ ମଧ୍ୟ ତା'ଙ୍କ ସହ ଯିବାର ଇଚ୍ଛା ପ୍ରକାଶ କଲେ। କିନ୍ତୁ ଜଙ୍ଗଲର ରାସ୍ତା ଅତ୍ୟନ୍ତ କଠିନ ଏବଂ ବିପଦପୂର୍ଣ୍ଣ ହେବା କାରଣରୁ ସତ୍ୟବାନ ସ୍ତ୍ରୀଙ୍କୁ ଏଥିରୁ ବାରଣ କଲେ। ମାତ୍ର ସାବିତ୍ରୀ ସତ୍ୟବାନଙ୍କ କଥା ନ ମାନି ତାହାଙ୍କ ସହ ଜଙ୍ଗଲକୁ ଚଳିଲେ ।

ସତ୍ୟବାନ ଯେତେବେଳେ କାଠ ହାଣିବାକୁ ଆରମ୍ଭ କଲେ ହଠାତ୍ ତା'ଙ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେବାକୁ ଲାଗିଲା ଏବଂ ସେ ନିଜର ଅସୁସ୍ଥତା ବିଷୟରେ ସାବିତ୍ରୀଙ୍କୁ ଅବଗତ କରାଇବା ସହ ବସିବାରେ ମଧ୍ୟ ନିଜର ଅକ୍ଷମତା ପ୍ରକାଶ କଲେ । ବିଚଳିତ ହୋଇ ସାବିତ୍ରୀ ସତ୍ୟବାନଙ୍କ ମସ୍ତକକୁ ନିଜ କୋଳରେ ରଖି ନାରଦଙ୍କ ବାକ୍ୟକୁ ସ୍ମରଣ କରିବାକୁ ଲାଗିଲେ । ଏହି ସମୟରେ ସେଠାରେ ଯମରାଜ ଆବିର୍ଭୂତ ହେଲେ ଏବଂ ସତ୍ୟବାନଙ୍କ ଶରୀରରୁ ପ୍ରାଣ ବାହାର କରି ତାକୁ ପାଶରେ ବାନ୍ଧି ଦକ୍ଷୀଣ ଦିଗକୁ ଅଗ୍ରସର ହେଲେ । କିନ୍ତୁ ସାବିତ୍ରୀ ତା'ଙ୍କୁ ବାରମ୍ବାର ନିଜ ସ୍ୱାମୀଙ୍କର ପ୍ରାଣଭିକ୍ଷା କରି ଚାଲିଲେ। ଏଥିରେ ଯମରାଜ ନିଜର ଅକ୍ଷମତା ପ୍ରକାଶ ସହ, ସାବିତ୍ରୀଙ୍କୁ ଅନୁସରଣ କରିବାକୁ ମନାକଲେ । ପରନ୍ତୁ ସାବିତ୍ରୀ ଅନ୍ତକଙ୍କ ପଛରେ ଗମନ କଲେ। ଯମରାଜ ଏଥିରୁ ତାଙ୍କୁ ବାରଣ କରିବା ସହ ସ୍ୱାମୀଙ୍କ ଜୀବନ ବଦଳରେ ଇଚ୍ଛାକୃତ ବର ମାଗି ନେବାକୁ କହିଲେ ।

ଏହାଶୁଣି ସାବିତ୍ରୀ ବର ସ୍ୱରୂପ ନିଜ ଶ୍ୱଶୁରଙ୍କ ଚକ୍ଷୁ, ସେ ହରାଇଥିବା ରାଜ୍ୟ ଏବଂ ନିଜ ପିତାଙ୍କ ପାଇଁ ଏକ ଶତ ପୁତ୍ରର ଇଚ୍ଛା ପ୍ରକଟକଲେ । ଏ ସବୁ ବରପ୍ରାପ୍ତ ହେବା ପରେ ସେ ପୁନର୍ବାର ଯମରାଜାଙ୍କର ପଥକୁ ଅନୁସରଣ କରନ୍ତେ, ଯମରାଜ ତାଙ୍କୁ ଏକ ଶେଷ ବର ପ୍ରଦାନ କରିବାର ଆଶ୍ୱାସନା ପ୍ରଦାନ କଲେ । ଏହି ସମୟରେ କଥା ଛଳରେ ସାବିତ୍ରୀ ନିଜ ପାଇଁ ତାଙ୍କ ସ୍ୱାମୀଙ୍କ ଔରସରୁ ଶହେଟି ଯଶସ୍ୱୀ ପୁତ୍ର ପ୍ରାପ୍ତିର ବର ମାଗିଲେ। ଆଗପଛ ବିଚାର ନ କରି ଯମରାଜ ତଥାସ୍ତୁ କରନ୍ତେ, ସାବିତ୍ରୀ ତା'ଙ୍କୁ ନିଜ ସ୍ୱାମୀଙ୍କ ଜୀବନ ଫେରାଇଦେବାକୁ ଭିକ୍ଷାକଲେ ଏ୍ବଂ କହିଲେ ତାଙ୍କର ସ୍ୱାମୀଙ୍କ ବିନା ସେ ମାତୃ ହେବା ଅସମ୍ଭବ । ଏବେ ଯମରାଜା ନିଜ ଭୁଲକୁ ହୃଦୟଙ୍ଗମ କରିବା ସହ ସାବିତ୍ରୀଙ୍କ ବାକ ଚାତୁରୀରେ ଅତ୍ୟନ୍ତ ପ୍ରସନ୍ନ ହୋଇ ତତକ୍ଷଣାତ ସତ୍ୟବାନଙ୍କ ପ୍ରାଣ ଫେରାଇ ଦେଇଥିଲେ ।

ହେ ଯୁଧିଷ୍ଠିର! ସାବିତ୍ରୀ ହେଉଛନ୍ତି ପ୍ରେମ, ନିଷ୍ଠା ଓ ନାରୀ ଶକ୍ତିର ଅମର ପ୍ରତୀକ । ଯେପରି ସାବିତ୍ରୀ ନିଜ ଶ୍ୱଶୁରାଳୟର ମାନ, ସମ୍ମାନ, ପ୍ରତିଷ୍ଠା ଓ ସୌଭାଗ୍ୟ ପ୍ରାପ୍ତି କରି ପାରିଥିଲେ, ସେପରି ମଧ୍ୟ ଦ୍ରୌପଦୀ ପାଣ୍ଡବଙ୍କ ସମସ୍ତ ଶ୍ରୀ ବର୍ଦ୍ଧନ କରିବେ ବୋଲି ମାର୍କଣ୍ଡ ଋଷି କହିଥିଲେ।

ସେହି ଦିନଠାରୁ ସାବିତ୍ରୀ ମହାସତୀ ସାବିତ୍ରୀ ଭାବରେ ଏ ଦୁନିଆରେ ପରିଚିତ ହେଲେ ଏବଂ ତାଙ୍କର ପଦାଙ୍କ ଅନୁସରଣ କରି ପ୍ରତ୍ୟେକ ବର୍ଷ ହିନ୍ଦୁ ନାରୀମାନେ ନିଜ ସ୍ୱାମୀଙ୍କର ଦୀର୍ଘ ଜୀବନ କାମନା କରି ସାବିତ୍ରୀ ବ୍ରତ ପାଳନ କରି ଆସୁଛନ୍ତି । ଯଦି ନିଜଠାରୁ ମଧ୍ୟ ଅତ୍ୟାଧିକ ସ୍ୱାମୀଙ୍କୁ ଈଶ୍ୱରଙ୍କ ସ୍ୱରୂପରେ ଭଲ ପାଉଥିବ ଏବଂ ସତ୍ୟ ଓ ଭକ୍ତିରେ ଦୃଢ଼ ବିଶ୍ୱାସ ରହିଥିବ ,ତେବେ ନିଶ୍ଚୟେ ମୃତ୍ୟୁକୁ ମଧ୍ୟ ପରାଭୂତ କରିପାରିବ।


+ଆସିକା, ଗଞ୍ଜାମ

# ସାବିତ୍ରୀ ସଙ୍ଗେ ସତ୍ୟବାନ

ବୈଷ୍ଣବ ମେହେର

ବର୍ତ୍ତମାନର ଆଭିଜାତ୍ୟପୂର୍ଣ୍ଣ ଆଧୁନିକ ଜୀବନ ଶୈଳୀ ଭିତରେ ମଧ୍ୟ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଓ ରୁଚିପୂର୍ଣ୍ଣ ବାର୍ତ୍ତା ଦିଏ ସାବିତ୍ରୀବ୍ରତ । ପବିତ୍ର ଜ୍ୟୈଷ୍ଠମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିର ଏହି ବ୍ରତ ସୂଚାଇଦିଏ ମଧୁର ଦାମ୍ପତ୍ୟ ଜୀବନର ସମୃଦ୍ଧମୟ ଗାଥା । ପତିପତ୍ନୀ ଉଭୟ ପରସ୍ପର ପରିପୂରକ। ଏହି ନ୍ୟାୟରେ ପତି ପ୍ରତି ପତିବ୍ରତା ସାବିତ୍ରୀଙ୍କ ସମର୍ପିତ ଭାବ ଓ ସାବିତ୍ରୀଙ୍କ ପ୍ରତି ପତି ସତ୍ୟବାନଙ୍କ ଅଗାଧ ବିଶ୍ୱାସ ଭରା ଉତ୍ତରଦାୟିତ୍ୱ ଏହି ବ୍ରତର ସର୍ବଶ୍ରେଷ୍ଠ ଦିଗ । ସେଥିପାଇଁ ତ ଆଜିର ସମୟରେ ସାବିତ୍ରୀବ୍ରତ ସମାଜ ପାଇଁ ଶକ୍ତିର ଆଧାର। ଏହି ବ୍ରତରେ ସାବିତ୍ରୀ ନିଜ ପତି ସତ୍ୟବାନଙ୍କୁ ମୃତ୍ୟୁମୁଖରୁ ଫେରାଇ ଆଣିବାକୁ ଯେଉଁ ତ୍ୟାଗ, ସମର୍ପଣ, ସହିଷ୍ଣୁତା, ଆତ୍ମବିଶ୍ୱାସ, ଧୈର୍ଯ୍ୟ ଦେଖାଇ ଥିଲେ ତା'ହା ନିଶ୍ଚିତ ଅତୁଳନୀୟ । ତେବେ ଏହି କାହାଣୀରେ ସାବିତ୍ରୀଙ୍କ ପରି ସତ୍ୟବାନଙ୍କ ଗୁଣ ଗାରିମା ଓ ସତ୍ୟ ନିଷ୍ଠ ଆଦର୍ଶ ବ୍ୟକ୍ତିତ୍ୱର ମଧ୍ୟ କୌଣସି ପଟାନ୍ତର ନାହିଁ । ତଥାପି ଏହି ବ୍ରତ କାହିଁକି କେଜାଣି ବିଶେଷ ଭାବରେ ସାବିତ୍ରୀ କେନ୍ଦ୍ରିକ ମନେ ହୁଏ । ସତ୍ୟବାନଙ୍କ ପ୍ରତି ଥିବା ସାବିତ୍ରୀଙ୍କ ଗଭୀର ଅନୁରକ୍ତିକୁ ନେଇ ପ୍ରତିଟି ନାରୀ ସାବିତ୍ରୀଙ୍କ ଭଳି ହେବାକୁ ଆଜିର ସମାଜ ଯେତିକି ଇଚ୍ଛା ପ୍ରକଟ କରେ ସେହିପରି ସାବିତ୍ରୀଙ୍କ ପ୍ରତି ଥିବା ସତ୍ୟବାନଙ୍କ ଆଦର୍ଶତା ଓ ଉତ୍ତର ଦାୟିତ୍ୱକୁ ମଧ୍ୟ ଆଜିର ପ୍ରତ୍ୟେକ ପତି କିପରି ଅନୁପାଳନ କରିବେ ସେନେଇ ସେତିକି ଜାଗରଣ ଅଣାଯାଇ ପାରିଲେ ସାବିତ୍ରୀ ବ୍ରତ ପାଳନର ମହାନତା ସାଂପ୍ରତିକ ସମୟରେ ଆହୁରି ଅଧିକ କଲ୍ୟାଣକାରୀ ହୋଇପାରନ୍ତା ।

ପତିପତ୍ନୀ ହେଉଛନ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ପ୍ରଥମେ ଯେତେବେଳେ ସେମାନେ ବିବାହ ମଣ୍ଡପରେ ବରବଧୂ ବେଶରେ ପରସ୍ପର ପ୍ରତି ସମର୍ପିତ ହୋଇଯାନ୍ତି ସେତେବେଳେ ବର ବଧୂର ଓ ବଧୂ ବରର ହୃଦୟରେ ତଲ୍ଲିନ ହୋଇ କହନ୍ତି ଆଜିଠାରୁ ତୁମର ବ୍ରତ ମୋର ବ୍ରତ ଏକ । ଆଗରୁ ତୁମେ କ'ଣ ଶିଖିଥିଲ ଆଉ ମୁଁ ଗୋଟିଏ କ'ଣ



ଶିଖିଥିଲି ! କିନ୍ତୁ ଆଜିଠାରୁ ଆମେ ଦୁହେଁ ମିଶି ଗୋଟିଏ କାମ କରିବା । ଆମ ଶରୀର ଭିନ୍ନ ହୋଇପାରେ କିନ୍ତୁ ବିଚାର ଓ ନିଷ୍ପତ୍ତି ସଦା ଏକ ହୋଇ ରହିବ । ସମୟର ପ୍ରତିକୂଳ ପରିସ୍ଥିତିରେ ପରସ୍ପରର ଭୁଲ ଦେଖିଲେ ଅନ୍ଧ ହୋଇଯିବା ଆଉ ଯେତେବେଳେ ଏକ ମଧୁର ସ୍ଥିତି ଆସିବ ସେତେବେଳେ ଖୋଲା ହୃଦୟରେ ପ୍ରତ୍ୟେକ ସମସ୍ୟାର ଆଲୋଚନା କରି ସମାଧାନର ବାଟ ଖୋଜିବା ଆମର ଧର୍ମ ହେବ । ଦୁହେଁ ଦୁହିଁଙ୍କୁ ଜୀବନସାଥି ଭାବରେ ବାଛିଥିବା ଯୁଗଳଙ୍କ ସୁଖଦ ଭବିଷ୍ୟତ ନିମନ୍ତେ ଉଭୟଙ୍କ ମଧ୍ୟରେ ମାନସିକ ମିଳନ ରହିବା ଅତ୍ୟନ୍ତ ଅପରିହାର୍ଯ୍ୟ । କାରଣ ଗୋଟିଏ ଉତ୍ତମ ଦାମ୍ପତ୍ୟତା, ଏକ ଭଲ ପରିବାର ଓ ଏକ ଶ୍ରେଷ୍ଠ ସମାଜ ନିର୍ମାଣ ନିମନ୍ତେ ଉଭୟ ପତିପତ୍ନୀଙ୍କ ସମାନ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଆସିଛି । ସ୍ୱାମୀ ଶିବାନନ୍ଦ ପରାମର୍ଶ ଦେବାକୁ ଯାଇ କହନ୍ତି ଯେ ନାରୀ ହେଉଛନ୍ତି ଘରର ରାଣୀ, ଘରର ଲକ୍ଷ୍ମୀ, ଯେଉଁଠି ନାରୀ ପୂଜା ପାଆନ୍ତି ସେଇଠି ସୁଖ, ସମୃଦ୍ଧି, ସଫଳତା, ଶାନ୍ତି ଓ ଧନସମ୍ପତ୍ତି ବ?ଦ୍ଧି ହୁଏ । ତେଣୁ ପ୍ରତ୍ୟେକ ପତି ନିଜ ପତ୍ନୀଙ୍କୁ ଦେବୀଙ୍କ ଭଳି ସମ୍ମାନ ଦିଅନ୍ତୁ । ସେହିପରି ନାରୀମାନେ ନିଜ ପୁରୁଷଙ୍କ ଭାବଅଭାବରେ ନିଜକୁ ସମ ପରିମାଣରେ ଭାଗିଦାରି କରାନ୍ତୁ, ଯାହାଦ୍ୱାରା ଉଭୟଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ହେବା ସହିତ ପ୍ରତ୍ୟେକ ସ୍ଥିତିର ସମୁଚିତ ମୁକାବିଲା କରିବାକୁ ଉଭୟେ ସମର୍ଥ ହୋଇପାରିବେ । ଜଣେ ପତିବ୍ରତା ପତ୍ନୀ ପାଇଁ ପତି ହିଁ ତାଙ୍କର ଜୀବନ ଏବଂ ସେ ପତିଙ୍କ ଉପରେ ଜୀବନ ବ୍ୟାପି ସବୁକିଛିରେ ନିର୍ଭରଶୀଳ । ସେ ନିଜ ପତିଙ୍କୁ କେବେ କୌଣସି ସ୍ଥିତିରେ ଜବାବ ଦିଅନ୍ତି ନାହିଁ କି କୌଣସି ସ୍ୱାର୍ଥ ରଖି ନଥାନ୍ତି । ସେ ଯାହା ବି କରନ୍ତି ସବୁ କିଛି ତାଙ୍କ ପତିଙ୍କ ମଙ୍ଗଳ ନିମିତ୍ତ ଉଦ୍ଦିଷ୍ଟ ଥାଏ ଏବଂ ନିଜ ଜୀବନକାଳ ମଧ୍ୟରେ ନିଜ ପତିଙ୍କ ଛଡ଼ା ପରପୁରୁଷକୁ ଭୁଲରେ ବି ମନକୁ ଆଣନ୍ତି ନାହିଁ । ଏହିସବୁ ଗୁଣ ପାଇଁ ଜଣେ ପତ୍ନୀ ଦୈବୀଶକ୍ତିର ଅଧିକାରିଣୀ ହୋଇପାରୁଥିବା କୁହାଯାଉଥିବା ବେଳେ ଜଣେ ଦେବୀଙ୍କ ସାନ୍ନିଧ ପାଇବାକୁ ଦେବତା ହେବା ବି ଜରୁରୀ, ଏକଥାକୁ ମଧ୍ୟ ଅଣଦେଖା କରାଯିବା ଉଚିତ ନୁହଁ । ପତ୍ନୀର ପତିବ୍ରତା ହେବାର ଅନୁରୂପ ଜଣେ ପତି ପତ୍ନୀବ୍ରତା ହେବାର ବିଚାର ରଖିବା ନ୍ୟାୟ ସଙ୍ଗତ । ଜଣେ ଉତ୍ତମ ପତି ପତ୍ନୀଙ୍କ ଯଥୋଚିତ ଇଚ୍ଛା ପୂରଣ କରିବାକୁ ନିଜ ସାଧ ମତେ ପ୍ରୟାସ କରିଥାନ୍ତି । ପତ୍ନୀଙ୍କୁ ପ୍ରେମ ଓ ସମ୍ମାନରେ ପରିପୂର୍ଣ୍ଣ କରିବା ସହ ନିଜ ମନରେ ଅନ୍ୟ ନାରୀର ଚିନ୍ତା ଆଦୌ ରଖନ୍ତି ନାହିଁ । ଯେଉଁ ପତି ନିଜ ପତ୍ନୀଠାରେ ଅତୁଳନୀୟ ଅନୁରାଗ ରଖେ ବା ନିଜ ପତ୍ନୀପ୍ରତି ସଂପୂର୍ଣ୍ଣ ନିଷ୍ଠାବାନ ଥାଏ ସେ ହିଁ ପତ୍ନୀବ୍ରତା ପତି ହୋଇପାରେ । କିନ୍ତୁ ଯୁଗେଯୁଗେ ସମାଜ ପାଇଁ ଆଦର୍ଶତାର ବାର୍ତ୍ତା ବହନ କରି ଆସିଥିବା ସାବିତ୍ରୀ ବ୍ରତରେ ଯେଉଁ ମାତ୍ରାରେ ପତିବ୍ରତା ପତ୍ନୀ ହେବାର କଥା କୁହାଯାଇଛି ସେହି ଅନୁପାତରେ ପତ୍ନୀବ୍ରତା ପତି ହେବାର ପ୍ରସଙ୍ଗ ନରହିବା ଏକତରଫା ମନେ ହୁଏ । ହଁ ଏକଥା ସତ୍ୟ ଯେ ଏହି ବ୍ରତ ଆୟୋଜନରେ ପତିମାନଙ୍କ ଅବଦାନ ନିଶ୍ଚିତ ରହିଛି କିନ୍ତୁ ବ୍ରତର ଅସଲ ଉଦ୍ଦେଶ୍ୟକୁ ଜୀବନରେ ଧରି ରଖିବାକୁ ପ୍ରାୟତଃ ପତ୍ନୀମାନେ ହିଁ ନିଜର କର୍ତ୍ତବ୍ୟ ମନେ କରୁଛନ୍ତି । ଯଦି ପତି ମାନେ ନିଜ ପତ୍ନୀଙ୍କୁ ପତିବ୍ରତା ହେବାର ଆଶା ରଖିଛନ୍ତି ତେବେ ସେମାନଙ୍କୁ ମଧ୍ୟ ପତ୍ନୀବ୍ରତା ହେବାକୁ ପଡ଼ିବ ତେବେ ଯାଇ ଏକ ଉତ୍ତମ ଓ ସମୃଦ୍ଧ ଦାମ୍ପତ୍ୟ ଜୀବନର ସ୍ୱପ୍ନ ପୂରଣ ହେବ ।

ବୟସର ପ୍ରତିଟି ସୋପାନରେ ନାରୀଟିଏ ଭିନ୍ନଭିନ୍ନ ରୂପରେ ତା'ର ଉପଯୋଗିତା ସାବ୍ୟସ୍ତ କରି ଆସିଛି । ନାରୀ ନିରସ ସମାଜର ରସ ସଦୃଶ ଯାହାର ସ୍ଥିତି ରୁକ୍ଷତା ଓ କଠୋରତାକୁ ନମନୀୟ କରିଦିଏ । ପତିର ପ୍ରତ୍ୟେକ ସ୍ଥିତିରେ ଜଣେ ପତ୍ନୀ ଛାଇ ଭଳି ତା ସହିତ ରହି ପତିର ଆତ୍ମବିଶ୍ୱାସ ଓ ମନୋବଳକୁ ସୁଦୃଢ଼ ରଖେ । ପତିକୁ ଆଗକୁ ବଢ଼ିବାର ପ୍ରେରଣା ସାଜିଥାଏ । ଉଭୟ ଭଲ ଓ ମନ୍ଦ ଅବସ୍ଥାରେ ନିଜ ପତିକୁ ଉପଯୁକ୍ତ ସମ୍ମାନ ଓ ଭଲ ପାଇବା ଦେଇ ଚାଲିଥାଏ । ପତ୍ନୀ ହିଁ ତା'ର ପତି ପାଇଁ ଆଶାର କିରଣ ହୋଇପାରେ । ସେଥିପାଇଁ ତ ପ୍ରତି ପୁରୁଷର ସଫଳତା ପଛରେ ଜଣେ ନାରୀର ସାହଚର୍ଯ୍ୟ ସନ୍ନିହିତ ଥିବା ସ୍ୱୀକାର କରାଯାଏ । ତଥାପି ଆଜିର ନାରୀ ସମାନୁପାତିକ ଭାବରେ ନିଜର ଅଧିକାର ପାଇବାରୁ କେବଳ ବଂଚିତ ରହେ ତା'ହା ନୁହେଁ, ବିଡ଼ମ୍ବନା ଏଇଆ ଯେ ତା ପ୍ରତି ସଦା ହେଉଥିବା ଅବହେଳା, ନିର୍ଯ୍ୟାତନା, ନିଷ୍ପେସତାର କେବେ ଅନ୍ତ ହୁଏ ନାହିଁ ।

ନାରୀ ଓ ପୁରୁଷ ଉଭୟ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଉଭୟଙ୍କ ମଧ୍ୟରୁ ଜଣକ ବିନା ପୂର୍ଣ୍ଣାଙ୍ଗ ସମାଜର ପରିକଳ୍ପନା ସଂପୂର୍ଣ୍ଣ ନିରର୍ଥକ । ସମାଜର ପ୍ରତ୍ୟେକ କାର୍ଯ୍ୟକଳାପରେ ଉଭୟଙ୍କ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଏବଂ ଅଙ୍ଗିକାରବଦ୍ଧତା ସଦା ସ୍ୱୀକାର୍ଯ୍ୟ । ଜଣେ ନାରୀର ଉଚ୍ଚାରଣ ଓ ଆଚରଣ ମଣିଷ ସମାଜ ପାଇଁ ଯେତିକି ମହତ୍ୱପୂର୍ଣ୍ଣ ପୁରୁଷଟିଏର ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଏକଥା ଭୁଲିବାର ନୁହେଁ ଯେ, ସମାଜର ସୁଖସମୃଦ୍ଧି, ତଥା ଶ୍ରୀବୃଦ୍ଧି ପାଇଁ ଉଭୟ ନାରୀ ଓ ପୁରୁଷର ସମାନ ସାଧନା ଓ ସମର୍ପିତ ଭାବ ରହିବା ବିଧେୟ । ତେଣୁ ଭାରତୀୟ ସମାଜ ପାଇଁ ପତ୍ନୀଟିଏ ପତିବ୍ରତା ହେବା ଯେତିକି ଜରୁରୀ ସମ ପରିମାଣରେ ପତିଟିଏ ପତ୍ନୀବ୍ରତା ହେବାର ମଧ୍ୟ ଆବଶ୍ୟକତା ରହିଛି । ତେଣୁ ସମାଜର ସାମଗ୍ରିକ ବିକାଶ ପାଇଁ କେବଳ ସାବିତ୍ରୀ ନହୋଇ ଆସନ୍ତୁ ସାବିତ୍ରୀସତ୍ୟବାନ ହେବା । ଆଜିର ସାବିତ୍ରୀ ବ୍ରତ ପରିପେକ୍ଷୀରେ ପତ୍ନୀଟିଏ ସ୍ୱାମୀ ପ୍ରତି ତ୍ୟାଗ, ସମର୍ପଣ, ସହିଷ୍ଣୁତା, ବିଶ୍ୱସନୀୟତାର ପରିପ୍ରକାଶ କରି ସାବିତ୍ରୀ ଭଳି ଆସ୍ଥାଭାଜନ ହେବା ପରି ପତିମାନଙ୍କୁ ମଧ୍ୟ ସତ୍ୟବାନଙ୍କ ଆଦର୍ଶ ଅନୁପ୍ରାଣିତ କରୁ ।

+ ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫

# ସାବିତ୍ରୀ ବ୍ରତ

ଅପର୍ଣ୍ଣା ନାୟକ

ଭାରତୀୟ ସଂସ୍କୃତିରେ ସାବିତ୍ରୀ ବ୍ରତର ଯଥେଷ୍ଟ ମହାତ୍ମ୍ୟ ରହିଛି । ଓଡ଼ିଆଣୀ ବୋହୂମାନେ ପତିଙ୍କ ଦୀର୍ଘ ଜୀବନ କାମନା କରି ଏହି ବ୍ରତ ପାଳନ କରିଥାଆନ୍ତି । ଜ୍ୟେଷ୍ଠ ମାସ ଅମାବାସ୍ୟା ତିଥିରେ ପାଳିତ ହେଉଥିବା ଏହି ବ୍ରତରେ ଦେବୀ ସାବିତ୍ରୀଙ୍କ ପୂଜାର୍ଚ୍ଚନା କରାଯାଇଥାଏ । ପୂଜାରେ ଦେବୀ ସାବିତ୍ରୀଙ୍କୁ ୯ ପ୍ରକାରର ଫଳ ଏବଂ ୯ ପ୍ରକାରର ଫୁଲ ଅର୍ପଣ କରାଯାଇଥାଏ । ମଦ୍ର ଦେଶର ରାଜା ଅଶ୍ୱପତି ଦୀର୍ଘ ଦିନ ଧରି ନିସନ୍ତାନ ଥିଲେ । ସନ୍ତାନପ୍ରାପ୍ତି ପାଇଁ ସେ ସୂର୍ଯ୍ୟ ଦେବ ସବିତ୍ରଙ୍କ ତପସ୍ୟା କଲେ । ସବିତ୍ରଙ୍କ କୃପାରୁ ଆଶ୍ୱପତି ଖୁବ୍‌ଶୀଘ୍ର ଏକ କନ୍ୟାର ଜନକ ହେବାର ସୌଭାଗ୍ୟ ଅର୍ଜନ କଲେ । ଦେବୀ ସାବିତ୍ରୀ ରୂପବତୀ ଏବଂ ଗୁଣବତୀ ଥିଲେ । ସେ ଥିଲେ ଜଣେ ପବିତ୍ର ନାରୀ । ବିବାହ ବୟସ ଉପନୀତ ହେବା କ୍ଷତି ସାବିତ୍ରୀଙ୍କ ବିବାହ ପାଇଁ କୌଣସି ପ୍ରସ୍ତାବ ଆସିନଥିଲା । ଏଣୁ ରାଜା ଅଶ୍ୱପତି ନିଜ ଇଚ୍ଛାରେ ପତି



ବରଣ କରିବାକୁ ସାବିତ୍ରୀଙ୍କୁ ଛାଡ଼ିଦେଲେ । ପତି ସନ୍ଧାନରେ ସାବିତ୍ରୀ ତୀର୍ଥ ଭ୍ରମଣରେ ବାହାରିଥିବା ସାବିତ୍ରୀଙ୍କର ଅନ୍ଧରାଜା ଦ୍ୟୁମତସେନଙ୍କ ପୁତ୍ର ସତ୍ୟବାନଙ୍କ ସହ ଦେଖାହେଲା । ସତ୍ୟବାନଙ୍କ ଗୁଣରେ ସାବିତ୍ରୀ ବିଶେଷ ଭାବେ ପ୍ରଭାବିତ ହୋଇଥିଲେ । ସତ୍ୟବାନଙ୍କ କ୍ଷୀଣ ଆୟୁ ସମ୍ପର୍କରେ ନାରଦ ମୁନିଙ୍କ ଭବିଷ୍ୟବାଣୀ ସତ୍ତ୍ୱେ ସାବିତ୍ରୀ ତାଙ୍କୁ ବିବାହ କଲେ । ଜଙ୍ଗଲରେ ପିତାମାତାଙ୍କ ସହ ନିର୍ବାସିତ ଭାବେ ରହୁଥିବା ସତ୍ୟବାନ ସହ ସାବିତ୍ରୀ କିଛି ଦିନ ବିତାଇବା ପରେ ଏକ ଅଘଟଣ ଘଟିଲା । ଦିନେ ଜଙ୍ଗଲରୁ କାଠ କାଟିବା ବେଳେ ଗଛରୁ ଖସିପଡ଼ି ସତ୍ୟବାନଙ୍କ ପ୍ରାଣହାନୀ ଘଟିଲା । ବିଳମ୍ବିତ ସମୟ ପର୍ଯ୍ୟନ୍ତ ସତ୍ୟବାନ ନଫେରିବା ଦେଖି ସାବିତ୍ରୀ ଜଙ୍ଗଲକୁ ଧାଇଁଗଲେ । ସେଠାରେ ସେ ଦେଖିଲେ ଯେ ସତ୍ୟବାନଙ୍କ ଆତ୍ମାକୁ ନେଇ ଯିବା ଲାଗି ଯମରାଜ ଉପନୀତ ।

ଯମ ସତ୍ୟବାନଙ୍କ ଆତ୍ମା ନେଇଯିବା ସମୟରେ ସାବିତ୍ରୀ ତାଙ୍କ ପଛେ ପଛେ ଧାଇଁଗଲେ । ଯମରାଜଙ୍କୁ ସତ୍ୟବାନଙ୍କ ଆତ୍ମା ଫେରାଇଦେବା ଲାଗି ଗୁହାରି କରନ୍ତେ, ଯମରାଜ ତାଙ୍କୁ ଧର୍ମ ଏବଂ ସତ୍ୟ ସଂକ୍ରାନ୍ତୀୟ କେତେଗୁଡ଼ିଏ ପ୍ରଶ୍ନ ପଚାରିଲେ । ସମସ୍ତ ପ୍ରଶ୍ନ ଉତ୍ତର ଦେବା ପରେ ଯମରାଜ ସାବିତ୍ରୀଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ସତ୍ୟବାନଙ୍କ ଜୀବନ ବ୍ୟତୀତ କିଛି ବର ମାଗିବାକୁ ପ୍ରସ୍ତାବ ଦେଲେ । ଶ୍ୱଶୁରଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ସହ ତାଙ୍କୁ ତାଙ୍କ ରାଜ୍ୟ ଫେରାଇଦେବା ଲାଗି ଯମରାଜଙ୍କୁ ନିବେଦନ କଲେ ଦେବୀ ସାବିତ୍ରୀ । ଯମରାଜ ତଥାସ୍ତୁ କହିଲେ । ଦ୍ୱିତୀୟ ବରଭାବେ ସତ୍ୟବାନଙ୍କ ଔରସରୁ ତାଙ୍କର ଏକ ଶତ ପୁତ୍ର ହେଉ ବୋଲି ସାବିତ୍ରୀ ବର ମାଗିବାରୁ ଯମରାଜ ଦ୍ୱନ୍ଦ୍ୱରେ ପଡ଼ିଲେ । ଶେଷରେ ବାଧ ହୋଇ ସତ୍ୟବାନଙ୍କୁ ଜୀବନ ଦାନ ଦେଇ ଯମରାଜ ଫେରିଗଲେ । ସେହିଦିନ ଠାରୁ ଦେବୀ ସାବିତ୍ରୀଙ୍କ ପବିତ୍ର ଗାଥା ସମସ୍ତ ସଂସାର ପାଇଁ ପତିବ୍ରତା ନାରୀତ୍ୱର ଏକ ଉଦାହରଣ ପାଲଟିଗଲା ।

+ମେନ ସାଗର ପାନ ରୋଡ଼, ନଂ-୩,
ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର,
ନୂଆଦିଲ୍ଲୀ, ପିନ-୧୧୦୦୪୬

# ଓଁ ଯମାୟ ପାଶହସ୍ତାୟ ମହିଷ ବାହନାୟଚ

ଇତିଶ୍ରୀ ଅଲିଭା ଦିପ୍ତିମୟୀ ରାଉତ





ଜ୍ୟେଷ୍ଠମାସ ଅମାବାସ୍ୟା ଦିନ ଓଡ଼ିଶାର ଘରେ ଘରେ ସାବିତ୍ରୀ ବ୍ରତ ପାଳନ ହୋଇଥାଏ । ବ୍ରତଚାରିଣୀମାନେ ବଟବୃକ୍ଷ ମୂଳେ ନୈବେଦ୍ୟ ସମର୍ପଣ କରି ଦେବୀ ସାବିତ୍ରୀ, ଯମଦେବତା ଓ ସତ୍ୟବାନଙ୍କୁ ପୂଜା କରି ସ୍ତୁତିଗାନ କରିଥାନ୍ତି - 'ଓଁ ଦେବାସୁର ମନୁଷ୍ୟାଣାଂ ପୂଜନୀୟା ବିଧାନତଃ, ପତିବ୍ରତେ ମହାଭାଗେ ବନ୍ଦିତେ ଚ ଶୁଚିସ୍ମିତେ, ଅବୈଧବ୍ୟ ସୌଭାଗ୍ୟଂ ଦେହିତ୍ୱଂମମ ସୁବ୍ରତେ, ପୁତ୍ର ପୌତ୍ରଂଚ ମୋକ୍ଷଞ୍ଚ ଦେହି ଦେବୀ ନମୋସ୍ତୁତେ' । ବ୍ରତଚାରିଣୀମାନେ ପୂଜା ସାରି ଦେବୀଙ୍କୁ ପାଞ୍ଚଥର ପୁଷ୍ପାଞ୍ଜଳୀ ପ୍ରଦାନ କରି ଘିଅ ଦୀପରେ ବନ୍ଦନା ଗାନ କରିଥାନ୍ତି । ଯମ ଦେବତାଙ୍କୁ ପୂଜା କରି ଗାନ କରିଥାନ୍ତି - 'ଓଁ ଯମାୟ ପାଶହସ୍ତାୟ ମହିଷ ବାହନାୟଚ, ସର୍ବଜୀବାପହରାୟ ନମୋ ବୈବସ୍ୱତାୟଚ ।'ତ୍ୱତ୍ ପ୍ରସାଦା ଜଗନ୍ନାଥ ଦୀର୍ଘଯୁସ୍ତେ ମେ ପତି' ଉଚ୍ଚାରଣ କରି ପ୍ରଣାମ କରନ୍ତି । ଶେଷରେ ସତ୍ୟବନ୍ତ ଗୁଣଶୀଳ ରାଜପୁତ୍ର ସତ୍ୟବାନଙ୍କୁ ଧୂପ, ଦୀପ, ପୁଷ୍ପ ଚନ୍ଦନ ଦେଇ ସ୍ତୁତି କରନ୍ତି । 'ଓଁ ସତ୍ୟବ୍ରତଂ ରାଜପୁତ୍ରଂ ରାଜଲକ୍ଷଣ ସଂଯୁତଂ, ପୂର୍ଣ୍ଣ ଚନ୍ଦ୍ରାନନଂ ଗୌରଂ ସର୍ବାଭରଣ ଭୂଷିତଂ' । ପୂଜା କର୍ମ ପରେ ସାବିତ୍ରୀ, ଯମରାଜା, ସତ୍ୟବାନଙ୍କୁ ଯଥାଶକ୍ତି ଘୃତାହୁତି ପ୍ରଦାନ କରି କଥା ଶୁଣନ୍ତି ।

ପୁରୋହିତ କର୍ମକାଣ୍ଡର ଚତୁର୍ଥଭାଗରେ ଲେଖାରହିଛି ଯେ ଏହି ବ୍ରତର ପ୍ରଧାନ ଦେବାତା ଦେବୀ ହେଉଛି ସାବିତ୍ରୀ । ଯମରାଜ ଓ ସତ୍ୟବାନଙ୍କୁ ମଧ ପୂଜା କରାଯାଏ । ସାବିତ୍ରୀ ହେଉଛନ୍ତି ଅଶ୍ୱପତି ରାଜାଙ୍କ କନ୍ୟା ଓ ସତ୍ୟବାନଙ୍କ ପତ୍ନୀ ସତୀ ସାବିତ୍ରୀ । ପୌରାଣିକ କାହାଣୀ ଅନୁଯାୟୀ ସ୍ୱାମୀ ସତ୍ୟବାନଙ୍କ ଆୟୁଷ ଶେଷ ହେବାକୁ ମାତ୍ର ତିନିଦିନ ବାକି ରହିଛି ବୋଲି ଜାଣି ସାବିତ୍ରୀ ତ୍ରିରାତ୍ର ବ୍ରତ ପାଳନ କରି ତିନିଦିନ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରିଥିଲେ । ମହାଭାରତର ତଥ୍ୟ ଅନୁଯାୟୀ ମାର୍କଣ୍ଡେୟ ମୁନି ଧର୍ମରାଜ ଯୁଧିଷ୍ଠିରଙ୍କୁ ଏ ବ୍ରତର ନିୟମ ଓ କାହାଣୀ କହିଥିଲେ । ସାବିତ୍ରୀ ବ୍ରତ ହେଉଛି ପତିଭକ୍ତିର ସର୍ବଶ୍ରେଷ୍ଠ ସାଧନାର ତପସ୍ୟାର କାହାଣୀ । ସ୍ୱାମୀଙ୍କ ଜୀବନ ରକ୍ଷା ପାଇଁ ପ୍ରାଣ ନେବା ସମୟରେ ଜମରାଜଙ୍କ ଠାରୁ ନିଜ ବୁଦ୍ଧି ଓ ସତୀତ୍ୱ ବଳରେ ନିଜର ପତିଙ୍କ ପ୍ରାଣ ଫେରି ପାଇଥିଲେ କେବଳ ସେତିକି ନୁହେଁ ଯମରାଜଙ୍କ ଠାରୁ ଆଶୀର୍ବାଦ ପାଇଥିଲେ । ଅନ୍ଧ ଶାଶୁଶ୍ୱଶୁର ଚକ୍ଷୁଲାଭ କରିବା ସହ ନିଜର ରାଜ୍ୟ ଫେରି ପାଇବାକୁ ସମର୍ଥ ହୋଇଥିଲେ । ମହାଭାରତର କାହାଣୀ ଅନୁଯାୟୀ ମାର୍କଣ୍ଡେୟ ମୁନି ବ୍ରତ କଥା କହି ଯୁଧିଷ୍ଠିରଙ୍କୁ କହିଥିଲେ ଯେ ସତୀ ସାବିତ୍ରୀଙ୍କ ପରି ପାଞ୍ଚାଳୀ ଦ୍ରୌପଦୀ ତୁମ୍ଭମାନଙ୍କୁ ବିପଦରୁ ଉଦ୍ଧାର କରିବ ।

ସାବିତ୍ରୀ ବ୍ରତର ଲୋକାଚାର ଅନୁଯାୟୀ ନାରୀମାନେ ଶାଶୁ ଶ୍ୱଶୁର ପ୍ରଭୃତି ଗୁରୁଜନ ମାନଙ୍କୁ ନୂତନ ବସ୍ତ୍ର ଓ ସୁଭୋଜନ ଦ୍ୱାରା ସନ୍ତୁଷ୍ଟ କରି ନିଜର ଦେବାତ ରୂପକ ପତିଙ୍କୁ ପୂଜା କରିଥାନ୍ତି । ସ୍ୱାମୀ ହିଁ ସ୍ତ୍ରୀର ଜୀବନ ସର୍ବସ୍ୱ । ସ୍ୱାମୀ ସେବା କରିବା ନାରୀର ଶ୍ରେଷ୍ଠ ଧର୍ମ । ସ୍ୱାମୀ ଓ ସ୍ତ୍ରୀ ଏକ ମନ ହୋଇ ଚଳିଲେ ଗୃହରେ ସର୍ବଦା ଶାନ୍ତି ବିରାଜିତ ହୋଇ ସମସ୍ତ ପ୍ରଗତି ହୋଇଥାଏ । ତେଣୁ ନାରୀ ଜାତିକୁ ବହୁପୁରାଣରେ ଶାସ୍ତ୍ର ମାନଙ୍କରେ ପତି ପୂଜାର ମହତ୍ତ୍ୱ ବୁଝାଯାଇଛି । ଲକ୍ଷ୍ମୀପୁରାଣ ଅନୁଯାୟୀ - 'ପତି ସେବା ବିନା ନାହିଁ ନାରୀଙ୍କ ଗତି, ପତି ପ୍ରାଣା ନାରୀ କରେ ଦେବଲୋକେ ଗତି । ଯେଉଁ ନାରୀ ସ୍ୱାମୀକୁ ଦେବତା ସମ ମଣି ସେବା କରି ତୋଷୁଥାଏ ତାର ମର୍ତ୍ତି ଚିହ୍ନି ।' ସ୍ୱାମୀ ଓ ସ୍ତ୍ରୀ ଦୁଇଜଣ ପ୍ରକୃତି ପୁରୁଷ ରୂପେ ଶକ୍ତି - କର୍ମ ରୂପେ - ଆଖ୍ୟାୟିତ । ପତିବ୍ରତା ପ୍ରସଙ୍ଗରେ ସତୀ ଅନସୂୟା, ସୀତା ଓ ସାବିତ୍ରୀ ହେଉଛନ୍ତି ଜ୍ୱଳନ୍ତ ଆଦର୍ଶର ମୂର୍ତ୍ତି । ସ୍ତ୍ରୀ ଜାତି ଏହି ମହାନ ଆଦର୍ଶରେ ଅନୁପ୍ରାଣୀତ ହେଲେ ନିଜେ ସୁଖୀ ହେବା ସହ ପରିବାରରେ ସୁଖ ଓ ଶାନ୍ତି ବିରାଜିତ ହେବ । ଏହା ସହିତ ସ୍ୱାମୀ ମଧ ଦୀର୍ଘ ନିରାମୟ ଜୀବନ ପାଇ ପାରିବେ । ସାବିତ୍ରୀ ବ୍ରତ ନିଷ୍ଠାର ସହିତ ପାଳନ କଲେ ପ୍ରତ୍ୟେକ ନାରୀ ପତିପ୍ରାଣା ଓ ପତିସ୍ୱହାଗିନୀ ହେବାକୁ ଈଶ୍ୱରଙ୍କ ପାଦତଳେ ଭକ୍ତିମନରେ ପ୍ରଣତି ବାଢ଼ିଥାନ୍ତି । ସାବିତ୍ରୀ ବ୍ରତରେ ତିନିଗୋଟି ମୁଖ୍ୟ କଥା ହେଉଛି ଯେ ସତୀ ସାବିତ୍ରୀ ତାଙ୍କ ସତୀତ୍ୱ ଓ ବୁଦ୍ଧିମତା ଦ୍ୱାରା ଦିନେ ଅଶ୍ୱପତିଙ୍କ କନ୍ୟା ଭାବେ ଜନ୍ମ ଗ୍ରହଣ କରି ସ୍ୱାମୀଙ୍କ ଜୀବନ ସ୍ୱୟଂ ଯମରାଜଙ୍କ ଠାରୁ ଫେରାଇ ଆଣିବାକୁ ସମର୍ଥ ହୋଇଥିଲେ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶେଷ କଥାଟି ହେଉଛି ଏହି ବ୍ରତରେ ଜଗତର ସ୍ରଷ୍ଟା ଓ ଆଦର୍ଶ ଦମ୍ପତ୍ତି ଲକ୍ଷ୍ମୀନାରାୟଣଙ୍କ ଆଶୀର୍ବାଦ ମିଳିଥାଏ । ଓଡ଼ିଆ ଜନଜୀବନରେ ସାବିତ୍ରୀ ବ୍ରତର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ସେକ୍ଟର-୬, ସିଡିଏ, କଟକ,
ମୋ: ୯୪୩୭୨୨୫୬୮୯,

# ସାବିତ୍ରୀ ବ୍ରତ ଓ ବଟବୃକ୍ଷ ମାହାତ୍ମ୍ୟ

ଡକ୍ଟର ଲକ୍ଷ୍ମଣ ସାହୁ

ଭାରତୀୟ ହିନ୍ଦୁ ସଂସ୍କୃତିରେ ନାରୀ ମାନଙ୍କ ବ୍ରତ ପାଳନ ଏକ ସ୍ୱତନ୍ତ୍ରତା ରୁଚି ରହିଛି । ପ୍ରତ୍ୟେକଟି ବ୍ରତ ତା'ର ସ୍ୱାମୀ ବା ପୁତ୍ର/ କନ୍ୟା ପାଇଁ ଉଦ୍ଦିଷ୍ଟ ଥାଏ । ସେଭଳି ସାବିତ୍ରୀ ବ୍ରତ ପାଳନ ନାରୀ ପାଇଁ ଅନ୍ୟ ବ୍ରତ ଠାରୁ ସଂପୂର୍ଣ୍ଣ ନିଆରା ତଥା ଶ୍ରେଷ୍ଠ ବ୍ରତ ପାଳନ ଅଟେ । ଅନ୍ୟପକ୍ଷରେ ହିନ୍ଦୁ ଧର୍ମରେ ସ୍ୱାମୀ ସୁହାଗିନୀ ନାରୀର ସାବିତ୍ରୀ ବ୍ରତ ପାଳନ ଏକ ଲୋକପ୍ରିୟ ବ୍ରତ ଅଟେ । ଏହା ଏକ ପ୍ରମୁଖ ଉପବାସ । ଏହି ବ୍ରତ ଜ୍ୟେଷ୍ଠ ଅମାବାସ୍ୟାରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜାକର୍ମ ଆରମ୍ଭ କରାଯାଏ । ଗୋଟିଏ ଶିଳପୁଆକୁ ପଞ୍ଚାମୃତ ଜଳରେ ସ୍ନାନ କରାଯାଏ । ପରେ ସେହି ଶିଳପୁଆକୁ ନୂତନ ବସ୍ତ୍ର ଓ ଅଳଙ୍କାର ଦ୍ୱାରା ଅତି ଯତ୍ନ ସହକାରେ ସଜାଇ ସାବିତ୍ରୀ ଦେବୀ ରୂପେ ସ୍ଥାପନା କରି ଧୂପ, ଦୀପ, ପୁଷ୍ପ ଅର୍ପଣ କରାଯାଏ । ବିଭିନ୍ନ ପ୍ରକାରର ଫଳରେ ଉଛପାଚିଲା ଆମ୍ବ, ପଣସ, ସପୁରି, ତାଳସଜ, ନଡ଼ିଆ, କଦଳୀ ପ୍ରଭୃତି ନାନା ଜାତିର ପକ୍ୱଫଳ ଓ ଧୂଆମୁଗ ନୈବେଦ୍ୟ ରୂପେ ବଢ଼ାଯାଏ । ସାବିତ୍ରୀ ବ୍ରତରେ ଦେବୀ ସାବିତ୍ରୀ, ଯମଦେବତା ଓ ସତ୍ୟବାନଙ୍କୁ ପୂଜା କରାଯାଏ । ପୁରାଣ କାହାଣୀ ଅନୁସାରେ ଯମରାଜା ଆସି ସତ୍ୟବାନଙ୍କ ପ୍ରାଣ ନେବା ସମୟରେ ସାବିତ୍ରୀ ନିଜ ବୁଦ୍ଧି ଓ ସତୀତ୍ୱ ବଳରେ ଯମରାଜଙ୍କ ଠାରୁ ନିଜ ସ୍ୱାମୀଙ୍କ ପ୍ରାଣ ଫେରି ପାଇଥିଲେ । ଏହି ଉପବାସ ଭାରତୀୟ ସଂସ୍କୃତିର ଜଣେ ମହାନ ମହିଳା ଚରିତ୍ର ସତୀ ସାବିତ୍ରୀଙ୍କ ଭକ୍ତିର ପ୍ରତୀକ, ଅନନ୍ୟ ବୁଦ୍ଧି ଦକ୍ଷତା ଓ ସ୍ୱାମୀ ଧର୍ମର ଚମତ୍କାର ଶକ୍ତି । ଉପବାସ ସହ ଜଡିତ ସାବିତ୍ରୀ ସତ୍ୟବାନଙ୍କ କାହାଣୀ ବିଷୟରେ ଉଣା ଅଧିକେ ସମସ୍ତେ ଭଲ ଭାବରେ ଜାଣିଛନ୍ତି ।


ମହାଭାରତ ମତେ ମଦ୍ର ଦେଶରେ ଅଶ୍ୱପତି ରାଜା ରାଜତ୍ୱ କରୁଥିଲେ । ସେ ସାବିତ୍ରୀଦେବୀଙ୍କୁ କନ୍ୟା ରୂପେ ପାଇବା ପାଇଁ ଯଜ୍ଞର ଆୟୋଜନ କଲେ । ଦେବୀ ଅଶ୍ୱପତିଙ୍କୁ ଦର୍ଶନ ଦେଇ ଇପ୍ ?ସିତ ବର ମାଗିବାକୁ କହିବାରୁ ରାଜା ପୁତ୍ରସନ୍ତାନ ପାଇଁ ଦେବୀଙ୍କୁ ପ୍ରାର୍ଥନା କଲେ । ଦେବୀ ରାଜାଙ୍କୁ ପୁତ୍ରସନ୍ତାନ ଯୋଗ ନ'ଥିବା ସୂଚାଇ ଉତ୍ତମ କନ୍ୟା ହେବାର ଆଶୀର୍ବାଦ ଦେଇ ଅନ୍ତର୍ଦ୍ଧାନ ହେଲେ । ଦେବୀଙ୍କ କୃପାରୁ ଅଶ୍ୱପତିଙ୍କ ପତ୍ନୀଙ୍କ କୋଳରେ କନ୍ୟାଟିଏ ଜାତ ହେଲା । ସାବିତ୍ରୀ (ଗାୟତ୍ରୀ)ଙ୍କ ଆଶୀର୍ବାଦରୁ କନ୍ୟା ସନ୍ତାନଟିଏ ଲାଭ କରିବାରୁ ତା'ର ନାମ ସାବିତ୍ରୀ ରଖିଥିଲେ । ଗାୟତ୍ରୀ ଯୌବନରେ ପାଦ ଦେବାପରେ ପିତା ଅଶ୍ୱପତିଙ୍କ ଆଦେଶମତେ ସ୍ୱଇଚ୍ଛାରେ ବର ଖୋଜିବାକୁ ସହଚରୀମାନଙ୍କ ସହ ଭ୍ରମଣରେ ବାହାରିଲେ ।

ତେଣେ ଶାଲ୍ୱଦେଶର ରାଜା ଦ୍ୟୁମତସେନଙ୍କ ଔରସରେ ଶୈବ୍ୟାଙ୍କ ଗର୍ଭରୁ ସତ୍ୟବାନ ଜନ୍ମଗ୍ରହଣ କରିଥିଲେ । ଦୈବୀ ଦୁର୍ବିପାକରୁ ସତ୍ୟବାନଙ୍କ ଶୈଶବାସ୍ଥାରେ ଦ୍ୟୁମତସେନ ଅନ୍ଧ ଓ ଭ୍ରଷ୍ଟରାଜ୍ୟ ହୋଇ ବନବାସୀ ଥିଲେ । ସତ୍ୟବାନ ବଣରେ ଫଳମୂଳ ଖାଇ ମୁନିବୃତ୍ତି ଅବଲମ୍ବନ କରି ଭକ୍ତି ସହକାରେ ପିତାମାତାଙ୍କର ସେବା କରୁଥିଲେ । ସାବିତ୍ରୀ ଭ୍ରମଣ କରୁ କରୁ ସେହି ବଣରେ ପହଞ୍ଚି ସତ୍ୟବାନଙ୍କ ଅସୀମ ପିତୃଭକ୍ତି, ଧର୍ମପରାୟଣାତା ଓ ରୂପରେ ମୁଗ୍ଧା ହୋଇ ଐଶ୍ୱର୍ଯ୍ୟ ଭୋଗଲାଳସା ତ୍ୟାଗ କରି ତାଙ୍କ ସହିତ ଜୀବନଯାପନ ପାଇଁ ସଂକଳ୍ପ କରି ସତ୍ୟବାନଙ୍କୁ ପତିରୂପେ ମନୋନୀତ ଫେରି ଆସି ପିତାଙ୍କୁ ଜଣାଇଲେ । ସେଠାରେ ନାରଦ ଉପସ୍ଥିତ ହୋଇ ସତ୍ୟବାନଙ୍କ ପରମାୟୁ ଆଉ ମାତ୍ର ଏକ ବର୍ଷ ଥିବା ଜଣାଇ, ମତ ବଦଳାଇବାକୁ ସାବିତ୍ରୀଙ୍କୁ ଅନୁରୋଧ କଲେ । ମାତ୍ର ସାବିତ୍ରୀ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ନିଜ ନିଷ୍ପତ୍ତିରେ ଅଟଳ ରହିଲେ । ପିତାମାତାଙ୍କ ଅନୁମତି କ୍ରମେ ସାବିତ୍ରୀଙ୍କର ସତ୍ୟବାନଙ୍କ ସହିତ ଯଥାରୀତି ବିବାହ ସମ୍ପନ୍ନ ହେଲା ।

ବିବାହ ପରେ ସାବିତ୍ରୀ ପିତୃଗୃହର ରାଜ ସମ୍ପଦ, ବିଳାସ ଓ ଦାସଦାସୀ ବର୍ଗଙ୍କୁ ତ୍ୟାଗ କରି ସ୍ୱାମୀଙ୍କ ସହିତ ତପୋବନର କୁଟୀରରେ ରହି ଶାଶୁ ଓ ଶ୍ୱଶୁରଙ୍କ ସେବାରେ ଲାଗିଲେ । ବିବାହର ଏକ ବର୍ଷ ପୂରିବାକୁ ତିନି ଦିନ ପୂର୍ବରୁ ସାବିତ୍ରୀ ତ୍ରିରାତ୍ର-ବ୍ରତ ଅବଲମ୍ବନ କଲେ । ଯେଉଁଦିନ ଏକ ବର୍ଷ ପୂର୍ଣ୍ଣ ହେଲା ଓ ସତ୍ୟବାନଙ୍କର ପରମାୟୁ ଶେଷ ହେବକୁ ଗଲା, ସେଦିନ ସତ୍ୟବାନ ଫଳମୂଳ ଓ ସମିଧ ସଂଗ୍ରହ କରିବାକୁ ବଣକୁ ଯିବାବେଳେ ସାବିତ୍ରୀ ତାଙ୍କ ସହ ଗଲେ । ବଣରେ ସତ୍ୟବାନ ଅଶ୍ୱସ୍ତି ବୋଧ କରିବାରୁ ସାବିତ୍ରୀଙ୍କ କୋଳରେ ମୁଣ୍ଡ ରଖି ନିଦ୍ରା ଗଲେ ଓ ତାହାହିଁ ତାଙ୍କର ମହାନିଦ୍ରା (ମୃତ୍ୟୁ) ହେଲା । କିନ୍ତୁ ସାବିତ୍ରୀ ନିଜ ମୃତ ସ୍ୱାମୀଙ୍କ ମସ୍ତକକୁ ନିଜ କୋଳରେ ରଖି ସେଠାରେ ବସି ରହିଲେ । ସତ୍ୟବାନଙ୍କ ଜୀବ ନେବା ପାଇଁ ଯମଦୂତମାନେ ଆସି ସାଧ୍ୱୀ ସାବିତ୍ରୀଙ୍କ ନିକଟରୁ ଛଡ଼ାଇ ନେଇ ନପାରି ଫେରିଗଲେ । ବିଫଳ ଯମଦୂତଙ୍କଠାରୁ ଖବର ପାଇ ନିଜେ ଯମ ଆସି ସେଠାରେ ପହଞ୍ଚି ସତ୍ୟବାନଙ୍କ ଜୀବ ଧରି ବାହାରିଲେ । ସାବିତ୍ରୀ ମଧ ଯମଙ୍କୁ ଅନୁଗମନ କଲେ । ଯମରାଜା ତାଙ୍କର ପତିଭକ୍ତି ଓ ସ୍ତୁତିପାଠରେ ତୁଷ୍ଟ ହୋଇ ସତ୍ୟବାନଙ୍କ ବଦଳରେ ତିନୋଟି ବର ଦେବାକୁ ସତ୍ୟକଲେ ସର୍ତ୍ତ ରଖିଲେ । ସାବିତ୍ରୀ ପ୍ରଥମ ବରରେ ଶ୍ୱଶୁରଙ୍କ ନଷ୍ଟ ଚକ୍ଷୁ ଓ ହୃତ ରାଜ୍ୟ ପୁନଃ ପ୍ରାପ୍ତି, ଦ୍ୱିତୀୟ ବରରେ ନିଜ ପିତାଙ୍କ ପାଇଁ ଏକ ପୁତ୍ର ସନ୍ତାନ ଓ ତୃତୀୟ ବରରେ ନିଜ ଗର୍ଭରୁ ଶତପୁତ୍ର କାମନା କଲେ । ଯମ ତଥାସ୍ତୁ କହି ଫେରିଯିବାକୁ କହିବାରୁ, ସାବିତ୍ରୀ ବିନମ୍ର ସ୍ୱରରେ ସ୍ୱାମୀଙ୍କ ବିନା କିପରି ଶତପୁତ୍ର ପାଇବେ ପଚାରିଲେ । ଶେଷରେ ନିରୂପାୟ ହୋଇ ସତ୍ୟବାନଙ୍କୁ ପୁନଃ ଜୀବିତ କରାଇ ଆୟୁଦାନ କଲେ ।

ବାସ୍ତବରେ ପ୍ରାଚୀନ କାଳରୁ ସାବିତ୍ରୀଙ୍କ ଏହି ବିଜୟକୁ ଭାରତୀୟ ବିବାହିତ ନାରୀମାନେ ସ୍ୱାମୀଙ୍କ ଦୀର୍ଘାୟୁତା ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବର୍ଷର ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ଦିନରେ ଏହି ବ୍ରତ ପାଳନ କରି ସାବିତ୍ରୀଙ୍କୁ ପୂଜା କରି ଆସୁଛନ୍ତି । ଏହି ବ୍ରତ ପାଳନରେ କୁହାଯାଇଛି, ଏକ ବଟ ବୃକ୍ଷ ତଳେ ମହାସତୀ ସାବିତ୍ରୀ ତାଙ୍କ ମୃତ୍ୟୁ ସ୍ୱାମୀ ସତ୍ୟବାନଙ୍କ ଜୀବନ ଯମରାଜଙ୍କଠାରୁ ଫେରାଇ ଆଣିଥିଲେ । ସେହି ଦିନ ଠାରୁ ହିନ୍ଦୁ ସମାଜରେ ଏହି ବଟ ବୃକ୍ଷକୁ ମଧ ପୂଜା କରାଯାଇଥାଏ । ଯଦି ଏହାକୁ ଏକ ମୌଳିକ ଦୃଷ୍ଟିକୋଣରୁ ବିଚାର କରାଯାଏ, ବ୍ରତ ଧାରଣ ଓ ଉପାସନାର ବହୁ ମହନୀୟତା ଲୁଚି ରହିଛି । ମହାଭାରତୀୟ ସଂସ୍କୃତିରେ ଲୁକ୍କାୟିତ ମହିଳାମାନଙ୍କର ଜୀବନଶକ୍ତିର ବିଜୟର ମହାନ ଆତ୍ମା ସହିତ, ଆମ ଜୀବନରେ ବୃକ୍ଷର ମହତ୍ତ୍ୱ ଯେମିତି ପରିବେଶ ସଂରକ୍ଷଣର ପବିତ୍ର ବାର୍ତ୍ତା ଏଥିରେ ଲୁଚି ରହିଛି ।

କେଉଁ ଅନାଦି କାଳରୁ ବୃକ୍ଷ ପୂଜା ରହିଆସିଛି । ଏପରିକି ବୃକ୍ଷମାନଙ୍କୁ ଜୀବନ୍ତ ଦେବତାମାନଙ୍କର ନାମରେ ମଧ ନାମିତ କରାଯାଇଛି । ବୈଦିକ ସାଧୁ ସନ୍ଥମାନେ କୁହନ୍ତି ଯେ ଘନ ଛାୟା ଗଛଗୁଡ଼ିକ ପବନର ପ୍ରବାହିତ ହୋଇ ସେମାନଙ୍କୁ ଆଲିଙ୍ଗନ କରିଥିଲେ ।



ସୃଷ୍ଟିକର୍ତ୍ତାମାନେ କେବଳ ପ୍ରକୃତିର ଏହା ଶୃଙ୍ଗାର ଭାବରେ କେବଳ ନୁହେଁ, ବରଂ ଜୀବନର ଉତ୍ସାହ, ଉଚ୍ଛ୍ୱାସ ଏଥିରେ ଭରି ରହିଥିବା ଦର୍ଶାଇଛନ୍ତି । ମତ୍ସ୍ୟ ପୁରାଣରେ ଜଙ୍ଗଲର ମହତ୍ତ୍ୱ ବର୍ଣ୍ଣନା କରି କୁହାଯାଇଛି ଯେ -

'ଦଶକୂପ ସମାବାପୀ, ଦଶବାପୀସମୌହଦ୍ର/ ଦଶହଦ୍ର ସମଃ ପୁତ୍ରୋ ଦଶପୁତ୍ରାସମୋଦ୍ରୁମ ।'

ଏହାର ଅର୍ଥ ହେଉଛି ଦଶଟି କୂଅ ଖୋଳିବାର ପୁଣ୍ୟ ଏକ ପୋଖରୀ ନିର୍ମାଣ ସହିତ ସମାନ, ଦଶଟି ପୋଖରୀ ନିର୍ମାଣ କରିବାର ପୁଣ୍ୟ ଏକ ହ୍ରଦ ସହିତ ସମାନ ଅଟେ । ସେଭଳି ଗୋଟିଏ ଭଲ ପୁତ୍ର/କନ୍ୟା ପାଇବାର ପୁଣ୍ୟ ଗୋଟିଏ ଗଛ ଲଗାଇବା ସହିତ ସମାନ ।

ପ୍ରକୃତିର ଗଛ ଏପରି ଜଙ୍ଗଲ ଅଛି । ଯାହା ଆମକୁ ସବୁଜ ଫଳ ଏବଂ ଫୁଲ ଦେବା ବ୍ୟତୀତ, ଆମର ଉତ୍ତମ ସ୍ୱାସ୍ଥ୍ୟରେ ମଧ ସାହାଯ୍ୟ କରେ, ସ୍ୱଚ୍ଛ ଅମ୍ଳଜାନ ଯୋଗାଇ ଦିଏ । ପରିବେଶ ସୁରକ୍ଷା କ୍ଷେତ୍ରରେ ବୃକ୍ଷମାନଙ୍କର କେବଳ ଅମୂଲ୍ୟ ଅବଦାନ ନାହିଁ, ଏପରିକି ଗ୍ରହ ଏବଂ ବାସ୍ତୁଦୋଷ ମଧ ଦୂର ହୁଏ । ଗଛ ଓ ଉଦ୍ଭିଦ ପ୍ରତି ଗଭୀର ଶ୍ରଦ୍ଧା ଏବଂ ସଂଲଗ୍ନତା ଭାରତୀୟ ସଂସ୍କୃତିର ଏକ ପ୍ରାଚୀନ ଏବଂ ସମ୍ବେଦନଶୀଳ ପରମ୍ପରା । ବିଶ୍ୱର ସର୍ବ ପୁରାତନ ବୈଦିକ ଋକ୍ ବେଦରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ ଶାସ୍ତ୍ର, ପୁରାଣ, ଉପନିଷଦ, ରାମାୟଣ ଇତ୍ୟାଦିର ରଚୟିତା ସାଧୁ, ସନ୍ଥ ଋଷିମାନେ ଦେବ ଦୁର୍ଲ୍ଲଭ ଅମୂଲ୍ୟ ଜ୍ଞାନକୁ ଅରଣ୍ୟର ବିଶାଳ ବୃକ୍ଷର ସୁଶୀତଳ ଛାୟା ତଳେ ନିଜ ଆଶ୍ରମ ତିଆରି କରି ଲେଖିଥିଲେ । ବୈଦିକ ଭାରତରେ ଲୋକମାନେ ନିୟମିତ ଭାବରେ ବଣଦେବୀଙ୍କୁ ପୂଜା କରି ଆସୁଥିଲେ । ଋଷିମାନଙ୍କର ସ୍ମୃତି ଗ୍ରନ୍ଥରେ ଉଲ୍ଲେଖ ଅଛି ଯେଉଁମାନେ ବଣକୁ ନଷ୍ଟ କରନ୍ତି ସେମାନଙ୍କ ପାଇଁ କଠୋର ଦଣ୍ଡ ଦିଆଯାଏ । ଭାରତୀୟ ଆରଣ୍ୟକ ସଂସ୍କୃତିରେ, ଅରଣ୍ୟ ସମସ୍ତଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ।

ସବୁଜ ଅରଣ୍ୟହିଁ ଆମ ସମସ୍ତଙ୍କ ଜୀବନଦାତା । ଅମରତ୍ୱ ପ୍ରଦାନଦାତା, ଦୀର୍ଘାୟୁତା ଓ ଅନନ୍ତ ଜୀବନର ଚରମ ପ୍ରତୀକ ଭାବରେ ସ୍ୱୀକୃତି ପାଇଛି । ବହୁ ପ୍ରାଚୀନ କାଳରେ, ଆମର ସାଧୁ, ସନ୍ଥ ଋଷିମାନେ ବଟ ବୃକ୍ଷ (ବରଗଛ) ଛାୟାରେ ଦୀର୍ଘ ସମୟ ଦିନ, ମାସ, ବର୍ଷ ଧରି ତପସ୍ୟା କରୁଥିଲେ । ବିଭିନ୍ନ ଅନୁସନ୍ଧାନ ଦ୍ୱାରା ସିଦ୍ଧ ପ୍ରମାଏ ହୋଇଛି ଯେ ପ୍ରଚୁର ଜୀବନ୍ୟାସ ପ୍ରଦାନ କରୁଥିବା ଏହି ବୃକ୍ଷ ମଣିଷର ମସ୍ତିଷ୍କକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ ଏବଂ ଧ୍ୟାନରେ ସ୍ଥିରତା ଆଣିଥାଏ । ପରାଶର ମୁନି ଏହି ବୃକ୍ଷ ମୂଳରେ ତପସ୍ୟା କରି ବଟବୃକ୍ଷର ମହନୀୟ ଉପଯୋଗିତାକୁ ପ୍ରତିପାଦିତ କରିଛନ୍ତି । ସେ କହିଛନ୍ତି ଯେ ସମଗ୍ର ବ୍ରହ୍ମାଣ୍ଡରେ ସୃଷ୍ଟି ସର୍ଜନା ଭିତରେ ଥିବା ଏକମାତ୍ର ବଟବୃକ୍ଷ (ତ୍ୱଚା) ଯେଉଁଠିରେ ତ୍ରିଶକ୍ତି ଦେବ (ବ୍ରହ୍ମା, ବିଷ୍ଣୁ ଓ ମହେଶ) ଙ୍କ ସମନ୍ୱିତ ଶକ୍ତି ନିହିତ ଅଛି । ବଟବୃକ୍ଷ ଦୀର୍ଘାୟୁ । ଦୀର୍ଘ ବିଶାଳ ବିସ୍ତାର ପାଇଁ ପ୍ରସିଦ୍ଧ । ତେଣୁ ହିନ୍ଦୁ ଦର୍ଶନରେ ବଟ ବୃକ୍ଷକୁ ଦୀର୍ଘାୟୁତା ଓ ଅମରତ୍ୱ'ର ପ୍ରତୀକ ଭାବରେ ବିବେଚନା କରାଯାଏ ।

ଭଗବାନ ବୁଦ୍ଧ 'ଦିବ୍ୟ ଜ୍ଞାନ ପ୍ରାପ୍ତ' ଅର୍ଥାତ୍ ଏହି ଗଛ ତଳେ ସେ ଚରମ ସତ୍ୟକୁ ଅନୁଭବ କରିଥିଲେ । ସେଥିପାଇଁ ଏହାକୁ 'ବୋଧିଦ୍ରୁମ' କୁହାଯାଏ । ଯଦିଓ ବୌଦ୍ଧଧର୍ମୀମାନେ ଏକ ବଡ଼ ବିଶ୍ୱାସ କରନ୍ତି ଯେ, ଏହା ବଟବୃକ୍ଷର ଛାୟାରେ ତାଙ୍କୁ ପରମ ସତ୍ୟର ସନ୍ଧାନ ମିଳିଥିଲା । ସୂକ୍ଷ୍ମ ଦୃଷ୍ଟିରେ ଚିନ୍ତା କଲେ ବୁଝି ହୁଏ ପ୍ରାଚୀନ କାଳରେ ମୁନି, ଋଷି ମାନେ ଜ୍ୟେଷ୍ଠ ମାସର ମୁଣ୍ଡ ଫଟା ସୂର୍ଯ୍ୟକିରଣରୁ ରକ୍ଷା ପାଇବା ପାଇଁ ଏହି ବିଶାଳ ଗଛକୁ ପୂଜା କରି ତା'ର ସୁଶୀତଳ ଛାୟାରେ ଆଶ୍ରୟ ନେଉଥିଲେ । ସମୟ କ୍ରମେ ବୃକ୍ଷ ପୂଜାର୍ଚ୍ଚନା କରିବାର ପରମ୍ପରା ଆରମ୍ଭ ହୋଇଆସୁଛି । କେଉଁ ଆଦିମ କାଳରୁ ମଣିଷ କରୁଛି ପ୍ରକୃତିର ଉପାସନା । ସେ ମାଟି, ପାଣି, ପବନ ଓ ବୃକ୍ଷଲତାକୁ ଈଶ୍ୱର ଭାବେ ପୂଜା କରିଆସିଛି । ପର୍ବ ପର୍ବାଣୀରେ ହିନ୍ଦୁମାନେ ସ୍ୱତନ୍ତ୍ର ବୃକ୍ଷ ମୂଳେ ପୂଜା କରିଥାନ୍ତି । ଯେପରି ନିମ୍ବ ବୃକ୍ଷକୁ ଦାରୁବ୍ରହ୍ମ ରୂପରେ ପୂଜା କରୁଛି । ସେଭଳି ଅଁଳା ନବମୀରେ ଅଁଳା ଗଛ ମୂଳେ ପୂଜାର ସ୍ୱାତନ୍ତ୍ରତା ରହିଛି । ସେଭଳି ବେଲଗଛ, ବଟବୃକ୍ଷ ଓ ଅଶ୍ୱତଥ୍ ଗଛକୁ ମଧ ପୂଜା କଲେ ପୁଣ୍ୟ ମିଳିଥାଏ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି । ତେଣୁ ବର ଓ ପିପଳ ଗଛକୁ କଟା ଯାଏ ନାହିଁ । ଶ୍ରୀମନ୍ଦିର ପରିସରରେ ଥିବା ପୁଣ୍ୟ କଳ୍ପବଟ ଅଛି । କିନ୍ତୁ ଦୁର୍ଭାଗ୍ୟବଶତଃ ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ବିପରୀତ ହୋଇଛି ।

ବିଜ୍ଞାନର ବିଜୟ ଯାତ୍ରାରେ ଚନ୍ଦ୍ର ପୃଷ୍ଠରେ ଜାଗା କିଣି ନୂତନ ସ୍ୱପ୍ନ ଦେଖୁଥିବା ମଣିଷ ଆପଣା ପଣକୁ ଭୁଲି ଯାଇଛି । ଅରଣ୍ୟ ପ୍ରତି ଆକୃଷ୍ଟ ହେବା, ଶ୍ରଦ୍ଧା କରିବା ଓ ନଷ୍ଟ ନକରିବା ବଦଳରେ କେବଳ ଚିତ୍ର ପୂଜା କରୁଛି । ନିଜର କ୍ଷୁଦ୍ର ସ୍ୱାର୍ଥ ପାଇଁ କେବଳ ଜଙ୍ଗଲକୁ ନଷ୍ଟ କରୁଛି । ପୃଥିବୀ ମା'କୁ କ୍ଷତାକ୍ତ କରି ତା' କୋଳରେ ପ୍ରବାହିତ ଜଳଧାରା ସ୍ରୋତକୁ ମଧ ଶୁଖାଇ ଦେଉଛି । ମଣିଷର ଏହି ଭୟଙ୍କର ସ୍ୱାର୍ଥପରତା ହେତୁ, ପ୍ରକୃତିର କରାଳ ରୂପକୁ ଭୋଗ କରୁଛି । ବୁଝି ପାରୁନି ପ୍ରକୃତିର ଅବଦାନକୁ । ଏ ମଣିଷ ଯେଉଁ ଦିନ ନିଜ କର୍ମ କଳା ଭୁଲକୁ ସଂଶୋଧନ କରି ଜଙ୍ଗଲର ଗୁରୁତ୍ୱକୁ ସଠିକ୍ ଭାବରେ ଚିହ୍ନି ସୁରକ୍ଷା ଦେବ, ସେହି ଦିନ ତା'ର ଦୁର୍ଯୋଗ୍ୟ ଅପସରି ଯିବ..!!!

ଅଧକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪
ମୋ: ୯୦୪୦୧୫ ୧୪୭୫

# ଓଡ଼ିଆ ପରମ୍ପରାରେ ସାବିତ୍ରୀ ବ୍ରତ ଓ ତାହାର ଉପାସନା

ଅମୂଲ୍ୟ କୁମାର ପଣ୍ଡା

ଜ୍ୟୈଷ୍ଠ ଅମାବାସ୍ୟା ଦିନ ସାବିତ୍ରୀ ଓଷା ପାଳନ କରାଯାଇଥାଏ । ସାବିତ୍ରୀ ବ୍ରତ ବା ସାବିତ୍ରୀ ଅମାବାସ୍ୟା ଓଡ଼ିଶାରେ ସଧବା ନାରୀମାନଙ୍କ ପାଳିତ ଏକ ଓଷା । ସାବିତ୍ରୀ ସାଧ୍ୱୀ ନାରୀଙ୍କର ଆଦର୍ଶ; ତେଣୁ ଏହା ନିଜ ପତିଙ୍କର ଦୀର୍ଘ ଆୟୁଷ ନିମନ୍ତେ ମଙ୍ଗଳ ମନାସି, ସଧବା ସ୍ତ୍ରୀମାନେ ସାବିତ୍ରୀଙ୍କ ପରି ଆଜୀବନ ସଧବା ହେବା ପାଇଁ, ଏ ଓଷା ପାଳନ କରିଥାନ୍ତି । ଏ ଦିନ ସଧବା ସ୍ତ୍ରୀଲୋକମାନେ ଉପବାସ କରନ୍ତି, ଅନ୍ନ ଗ୍ରହଣ କରନ୍ତି ନାହିଁ ଓ ଅପରାହ୍ଣରେ ପୂଜା ଶେଷ ହେଲେ ଧୂଆମୁଗ, ନଡ଼ିଆ, କଦଳୀ , ଆମ୍ବ, ପଣସ, ସପୁରୀ, ତାଳସଜ ଆଦି ଫଳାହାର କରନ୍ତି । ଏଥିପାଇଁ ଚଉଁରା ମୂଳେ ବା ଠାକୁର ଘରେ ବ୍ରତୋତ୍ସବ ପାଳନ ବେଳେ ସାବିତ୍ରୀ ଉପାଖ୍ୟାନ ପାଠ କରାଯାଏ । ବାସ୍ତବରେ ଏ ପୂଜାର ଆରାଧ୍ୟା ଦେବୀ ହେଉଛନ୍ତି ମା' ସାବିତ୍ରୀ । ସାବିତ୍ରୀ ବ୍ରହ୍ମାଙ୍କ ପତ୍ନୀ, ଗାୟତ୍ରୀ, ସୂର୍ଯ୍ୟାଧିଷ୍ଠାତ୍ରୀ ଦେବୀ । ଦେବୀ ସାବିତ୍ରୀଙ୍କ ମାନବୀ ସାବିତ୍ରୀଙ୍କ ପ୍ରତି ଆଶୀର୍ବାଦ ଓ କରୁଣା କିପରି ସତ୍ୟବାନଙ୍କୁ ମୃତ୍ୟୁକବଳରୁ ଫେରାଇ ଆଣିଲା, ତାହାକୁ ଆଧାର କରି ମା' ସାବିତ୍ରୀଙ୍କୁ ମହିମାନ୍ୱିତ କରାଯାଇଥାଏ । ଭାରତୀୟ ପରମ୍ପରାରେ ଦୁଇ ଶ୍ରେଷ୍ଠ କନ୍ୟା ହେଲେ ସତୀ ଏବଂ ସାବିତ୍ରୀ । ଦୁହେଁ ମାତୃ – ଦେବୀଙ୍କ ଦୁଇ ଭିନ୍ନ ଭିନ୍ନ ମରଣଶୀଳ ବା ପାର୍ଥିବ ଅବତାର । ଉଭୟେ ଥିଲେ ରାଜକନ୍ୟା । ଦୁହେଁ ବିବାହ କରିଥିଲେ ସ୍ୱ- ଇଚ୍ଛାରେ । ବରଘରକୁ ଗମନ କରିଥିଲେ ବିନା ଯାନି-ଯୌତୁକରେ । ମହାଭାରତରେ ସାବିତ୍ରୀଙ୍କୁ ବର୍ଣ୍ଣନା କରାଯାଇଛି 'କନ୍ୟା ତେଜସ୍ୱିନୀ ' ଭାବେ । ତାଙ୍କ ତେଜ- ବ୍ୟକ୍ତିତ୍ୱ ଆଗରେ ସେ ସମୟର କୌଣସି ପୁରୁଷ ଛିଡାହେଇପାରୁ ନ ଥିଲେ । ମାଦ୍ର ଦେଶର ରାଜା ଅଶ୍ୱପତି ସାବିତ୍ରୀ ଦେବୀଙ୍କୁ ପାର୍ଥନା କରି ତାଙ୍କୁ ପାଇଥିଲେ କନ୍ୟା ରୂପେ ଯେପରି ଦକ୍ଷରାଜ ଦେବ ମାତା ଅଦିତିଙ୍କୁ ତପସ୍ୟା ଦ୍ୱାରା ତୁଷ୍ଟ କରି ପାଇଥିଲେ ସତୀଙ୍କୁ । ସାବିତ୍ରୀଙ୍କ ବିବାହ ସମୟ ଉପସ୍ଥିତ ହୁଆନ୍ତେ , ଅଶ୍ୱପତି ତାଙ୍କ ପାଇଁ କିଭଳି ପତ୍ର ଚୟନ କରିବେ ସ୍ଥିର କରି ନ ପାରି ତାହା ଛାଡିଦେଲେ ସାବିତ୍ରୀଙ୍କ ଉପରେ । ପିତାଙ୍କ ମାନସିକ ଅବସ୍ଥାକୁ ଅନୁଭବ କରି ସାବିତ୍ରୀ ନିଜେ ବାହାରିଥିଲେ ବର ସନ୍ଧାନରେ ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ ମହାଭାରତ ମତେ ମଦ୍ର ଦେଶରେ ଅଶ୍ୱପତି ନାମରେ ଜଣେ ରାଜା ରାଜତ୍ୱ କରୁଥିଲେ । ସେ ସାବିତ୍ରୀଦେବୀଙ୍କୁ କନ୍ୟା ରୂପେ ପାଇବା ପାଇଁ ଏକଦା ଯଜ୍ଞର ଆୟୋଜନ କଲେ । ନିର୍ଦ୍ଦିଷ୍ଟ ସମୟ ଉପନୀତ ଉତ୍ତାରୁ ଦେବୀ ଅଶ୍ୱପତିଙ୍କୁ ଦର୍ଶନ ଦେଇ ଇପ୍ସିତ ବର ମାଗିବାକୁ କହିଲେ । ରାଜା ନିଃସନ୍ତାନ ଥିବାରୁ ପୁତ୍ରସନ୍ତାନ ପାଇଁ ଦେବୀଙ୍କ ପାଖରେ ମିନତୀ କଲେ । ଦେବୀ ରାଜାଙ୍କୁ ପୁତ୍ରସନ୍ତାନ ଲାଭ କରିବା ଯୋଗ ନ'ଥିବା ସୂଚାଇ ଦେଲେ ଏବଂ ଏକ ଉତ୍ତମ କନ୍ୟା ହେବାର ଆର୍ଶିବାଦ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ଉପଯୁକ୍ତ ସମୟରେ ଦେବୀଙ୍କ କୃପାରୁ ଅଶ୍ୱପତିଙ୍କ ପତ୍ନୀଙ୍କ କୋଳରେ କନ୍ୟାଟିଏ ଜାତ ହେଲା । ସାବିତ୍ରୀ (ଗାୟତ୍ରୀ)ଙ୍କୁ ଉପାସନା କରି ତାଙ୍କ ଆଶୀର୍ବାଦରୁ କନ୍ୟା ସନ୍ତାନଟିଏ ଲାଭ କରି ତାହର ନାମ ସାବିତ୍ରୀ ରଖିଥିଲେ । ଗାୟତ୍ରୀ କ୍ରମେ ଯୌବନରେ ପାଦ ଦେବାପରେ ପିତା ଅଶ୍ୱପତିଙ୍କ ଆଦେଶମତେ ନିଜ ଇଚ୍ଛାରେ ବର ଖୋଜିବାକୁ ସମ୍ମତି ପ୍ରକାଶ କରି ସହଚରୀମାନଙ୍କ ସହ ପତି ଅନ୍ୱେଷଣାର୍ଥେ ଭ୍ରମଣ କରିବାକୁ ବାହାରିଲେ । ଶାଲ୍ୱଦେଶର ରାଜା ଦ୍ୟୁମତସେନଙ୍କ ଔରସରେ ଶୈବ୍ୟାଙ୍କ ଗର୍ଭରୁ ସତ୍ୟବାନ ଜନ୍ମଗ୍ରହଣ କରିଥିଲେ । ଦୈବୀ ଦୁର୍ବିପାକରୁ ସତ୍ୟବାନଙ୍କ ଶୈଶବାସ୍ଥାରେ ଦ୍ୟୁମତସେନ ଅନ୍ଧ ଓ ଭ୍ରଷ୍ଟରାଜ୍ୟ ହୋଇ ବନବାସୀ ହୋଇ ଥିଲେ । ସତ୍ୟବାନ ବଣରେ ଫଳମୂଳ ଖାଇ ମୁନିବୃତ୍ତି ଅବଲମ୍ବନ କରି ଭକ୍ତି ସହକାରେ ପିତାମାତାଙ୍କର ସେବା କରୁଥିଲେ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୬ ମଇ ୨୦୨୫, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନକ୍ସଲବାଦ ଓ ଦେଶର ନୀତି...

ଛତିଶଗଡ଼ର ନାରାୟଣପୁର ଜିଲ୍ଲା ଅନ୍ତର୍ଗତ ଅବୁଝମାଡ଼ ଜଙ୍ଗଲରେ ଏକ ଏନ୍‌କାଉଣ୍ଟରରେ ବେଆଇନ୍ ଘୋଷିତ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାଓବାଦୀ) ଦଳର ସାଧାରଣ ସମ୍ପାଦକ ନମ୍ବାଲା କେଶବ ରାଓ ଓରଫ୍ ବାସବରାଜୁର ମୃତ୍ୟୁ ଦେଶରେ ନକ୍ସଲବାଦ ସମ୍ପର୍କିତ ଚରମପନ୍ଥୀ କାର୍ଯ୍ୟକଳାପ ପ୍ରତି ଏକ ବଡ଼ ଆଘାତ ପହଞ୍ଚାଇଛି । ଏହି ଏନ୍‌କାଉଣ୍ଟର କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ (ସିଆରପିଏଫ୍)ର ମହାନିର୍ଦ୍ଦେଶକ ଜିପି ସିଂହ ନକ୍ସଲବାଦକୁ ସମ୍ପୂର୍ଣ୍ଣ ଅନ୍ତ କରିବାର କାମ ଆରମ୍ଭ ହେବାକୁ ଯାଉଛି ବୋଲି ଘୋଷଣା କରିବାର ମାତ୍ର ସପ୍ତାହେ ଭିତରେ ସଂଘଟିତ ହୋଇଛି । ସଶସ୍ତ୍ର ଗରିଲାମାନଙ୍କର ଏକ ଛୋଟ ପୁଞ୍ଜିକୁ ହ୍ରାସ ପାଇଥିବା ଏବଂ ସୁରକ୍ଷା ବଳଙ୍କ ଦ୍ୱାରା ଘଉଡ଼ା ଯାଇ ଛତିଶଗଡ଼, ତେଲେଙ୍ଗାନା, ଝାଡ଼ଖଣ୍ଡ ଓ ମହାରାଷ୍ଟ୍ରରେ ରହିଥିବା ଜଙ୍ଗଲମାନଙ୍କରେ ସୀମିତ ଅଞ୍ଚଳରେ ସଂକୁଚିତ ଭାବରେ ରହିବାକୁ ବାଧ ହୋଇଥିବା ସିପିଆଇ (ମାଓ ବାଦ)ର ନକ୍ସଲମାନେ ଏବେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ପଡ଼ିବା ଅବସ୍ଥାରେ ରହିଛନ୍ତି। ସରକାରୀ ତଥ୍ୟ ଅନୁସାରେ ଛତିଶଗଡ଼ରେ ଡିସେମ୍ବର ୧, ୨୦୨୩ରୁ ମେ' ୨୧, ୨୦୨୫ ମଧ୍ୟରେ ୪୦୧ ନକ୍ସଲଙ୍କୁ ନିପାତ କରାଯାଇଥିବା ବେଳେ ୧,୩୫୫ ଜଣ ଆତ୍ମସମର୍ପଣ କରିଛନ୍ତି। ଡିସେମ୍ବର ୨୦୨୩ରେ ଛତିଶଗଡ଼ରେ ବିଷ୍ଣୁ ଦେଓ ସାଇଙ୍କ ସରକାର କାର୍ଯ୍ୟ ଆରମ୍ଭ କଲା ଏବଂ ତା' ପରଠାରୁ ରାଜ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମାଓବାଦୀମାନଙ୍କ ବିରୁଦ୍ଧରେ ସଂଯୋଜିତ କାର୍ଯ୍ୟକଳାପ ଆରମ୍ଭ ହେଲା, ଯାହା ମାଓବାଦୀମାନଙ୍କର ଶେଷ ଗଡ଼ ଥିଲା ବୋଲି କୁହାଯାଏ। ଏକ ପର୍ଯ୍ୟାୟ ମାଓବାଦର ସ୍ଥାନାନ୍ତରଣକୁ ପରିଲକ୍ଷିତ କରିଥିଲା ଯାହା ଆନ୍ଧ୍ରପ୍ରଦେଶ (ତେଲେଙ୍ଗାନା), ପଶ୍ଚିମବଙ୍ଗ ଏବଂ ବିହାରରେ ଥିବା ଏହାର ମୂଳ ଭିତ୍ତିରୁ ଛତିଶଗଡ଼ ଇତ୍ୟାଦି ରାଜ୍ୟ ମାନଙ୍କୁ ସମ୍ପ୍ରସାରିତ ହୋଇଥିଲା । ପରବର୍ତ୍ତୀ ସମୟରେ ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗ ରାଜ୍ୟ ପୁଲିସ ଭିତ୍ତିଭୂମିରେ ସଂସ୍କାର ଆଣି ମାଓ ବାଦୀ ହିଂସାର କଡ଼ା ମୁକାବିଲା କରିବାକୁ ଲାଗିଲେ । ନିର୍ବାଚନୀ ଗଣତନ୍ତ୍ର ଭଳି ଉପାଦାନଗୁଡ଼ିକର ବିସ୍ତାର ଘଟିବା, ସରକାରୀ ସାମଗ୍ରୀ ଓ ସେବା ଆଭ୍ୟନ୍ତରୀଣ ମୁଲକର ଲୋକମାନଙ୍କ ନିକଟରେ ପହଞ୍ଚିବା, ଉତ୍ତମ ଅର୍ଥନୀତିକ ସୁଯୋଗମାନ ଲୋକମାନଙ୍କୁ ପ୍ରଦାନ କରାଯିବା, ବିଶେଷକରି ୧୯୯୧ର ଅର୍ଥନୀତିକ ସଂସ୍କାର ପରଠାରୁ ତଥା ସୋଭିଏତ୍ ରାଷ୍ଟ୍ରସଂଘ ଏବଂ ଚୀନ୍‌ରେ ବାମପନ୍ଥୀ ଆଦର୍ଶବାଦର ପତନ ଘଟି ସେମାନେ ପୁଞ୍ଜିବାଦକୁ ଆପଣାଇ ନେବା ପରେ ମାଓବାଦୀ କାର୍ଯ୍ୟକଳାପ କ୍ଷେତ୍ରରେ ବିପୁଳ ପରିବର୍ତ୍ତନ ଦେଖିବାକୁ ମିଳିଲା । ଏହା ଅନେକ ସଂଖ୍ୟକ ମାଓବାଦୀଙ୍କୁ ହିଂସାର ଆଶ୍ରୟ ନେଉଥିବା ରାଜନୀତିକୁ ପରିହାର କରି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଅନୁପ୍ରେରିତ କଲା। ଅର୍ଥନୀତିକ ଅଭିବୃଦ୍ଧି ମାଓବାଦୀମାନଙ୍କୁ ଯୁବ ପିଢ଼ିଙ୍କୁ, ବିଶେଷକରି ଶିକ୍ଷାନୁଷ୍ଠାନମାନଙ୍କର କ୍ୟାମ୍ପସ୍‌ଗୁଡ଼ିକରୁ ନିଜ ଆଡ଼କୁ ଆକୃଷ୍ଟ କରିବା କ୍ଷେତ୍ରରେ ବାଧକ ସାଜିଲା। ସାମ୍ପ୍ରତିକ ଏନ୍‌କାଉଣ୍ଟରରେ ନକ୍ସଲମାନଙ୍କର ଜଣେ ଟାଣୁଆ ନେତାର ନିହତ ହେବା ଦର୍ଶାଉଛି ଯେ ଏହି ପନ୍ଥା ପ୍ରତି ଲୋକମାନଙ୍କ ମନରେ ଆଉ ଆଗ୍ରହ ନାହିଁ । ଏହାର କ୍ୟାଡର ଆଧାର ମଧ୍ୟ ଭୁଶୁଡ଼ି ଚାଲିଛି, ବିଶେଷକରି କାରେଗୁଟାରେ ଏକ ୨୧-ଦିନିଆ ନକ୍ସଲ-ବିରୋଧୀ ଅଭିଯାନ ଚାଲୁ ରହିବା ପରେ, ଯେଉଁଥିରେ ପ୍ରାୟ ୫ ହଜାର ସୁରକ୍ଷା ବଳଙ୍କୁ ମାର୍ଗଦର୍ଶନ କରାଇବା ପାଇଁ ଡ୍ରୋନ୍ ଏବଂ ଉପଗ୍ରହ ଚିତ୍ରଗୁଡ଼ିକର ସହାୟତା ନିଆ ଯାଇଥିଲା। ତେବେ ସବୁଠୁ ବଡ଼କଥା ହେଉଛି, ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ନେଇ ଗଠିତ ଛତିଶଗଡ଼ ପୁଲିସ ୟୁନିଟ୍ ଏକ ଜିଲ୍ଲା ରିଜର୍ଭ ଗାର୍ଡ (ଡିଆରଜି) ଉପରୋକ୍ତ ଏନ୍‌କାଉଣ୍ଟରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ଯାହା ଦର୍ଶାଇଛି ଯେ ମାଓବାଦୀମାନଙ୍କ ସମୟ ଧୀରେ ଧୀରେ ସରି ଆସୁଛି । ସାରା ଦେଶରେ ଏକ ଭୟଙ୍କର ସଂଗଠନ ଭାବରେ ଏକଦା କାମ କରୁଥିବା ନକ୍ସଲ-ମାଓବାଦୀ ପ୍ରଭାବ ଏବେ ଛତିଶଗଡ଼ର ମାତ୍ର ଚାରିଗୋଟି ଏବଂ ଝାଡ଼ଖଣ୍ଡ ଓ ମହାରାଷ୍ଟ୍ରର ଗୋଟିଏ ଲେଖାଏଁ ଜିଲ୍ଲାରେ ସୀମିତ ରହିଛି। ଗତ ୧୫ ମାସ ଭିତରେ ବିଭିନ୍ନ ଏନ୍‌କାଉଣ୍ଟରରେ ୪୦୦ରୁ ଅଧିକ ସଂଖ୍ୟକ ନକ୍ସଲଙ୍କୁ ନିପାତ କରାଯାଇ ସାରିଛି, ଯାହା ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶକୁ ବାମପନ୍ଥୀ ନକ୍ସଲବାଦରୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ପ୍ରତିଶ୍ରୁତି ପୂରଣ ଉଦ୍ଦେଶ୍ୟରେ କରାଯାଉଛି । ଏସବୁ ସତ୍ତ୍ୱେ ରାଜନେତାମାନେ ସେମାନଙ୍କ ବିଜୟ ଅବସରରେ ଏକଥା ଆଦୌ ଭୁଲିଯିବା ଉଚିତ ନୁହେଁ ଯେ ଭାରତରେ ବାମପନ୍ଥୀ ନକ୍ସଲବାଦର ପତନ ଘଟିବା ପଛର କାରଣ ହେଉଛି ଅଭିଳାଷୀ ଲୋକମାନଙ୍କୁ କ୍ରମ ବର୍ଦ୍ଧନଶୀଳ ଭାରତୀୟ ଅର୍ଥନୀତି ପ୍ରଦାନ କରୁଥିବା ବିଭିନ୍ନ ପ୍ରକାରର ସୁବିଧା ସୁଯୋଗ । ଲୋକମାନେ ଦେଶର ଅର୍ଥନୀତିକ ଅଭିବୃଦ୍ଧିର କାହାଣୀରେ ସାମିଲ ହୋଇ ଚାଲିଥିବା ପର୍ଯ୍ୟନ୍ତ କୌଣସି ପ୍ରକାରର ବିଦ୍ରୋହ ଅବାସ୍ତବ ହୋଇ ରହିବ । କିନ୍ତୁ ଲୋକମାନେ ଯଦି ଅର୍ଥନୀତିକ ଅଭିବୃଦ୍ଧିର ଫଳ ଚାଖିବାରୁ ବଞ୍ଚିତ ହୁଅନ୍ତି ଏବଂ ସେମାନଙ୍କ ଅସନ୍ତୋଷର ସ୍ୱରକୁ ଚାପି ଦିଆଯାଏ, ତା'ହେଲେ ଚରମପନ୍ଥୀ ମନୋଭାବ ପୁଣିଥରେ ଗଜୁରି ଉଠିବ। ତେଣୁ ଦେଶର ଶାସକ ଶ୍ରେଣୀ ସବ୍‌କା ସାଥ୍, ସବ୍‌କା ବିକାଶ ମନ୍ତ୍ର ଅନୁସାରେ ନିଜର ଆଚରଣ ପ୍ରଦର୍ଶନ କରି ଗଲିବା ସଦା ସର୍ବଦା ସମସ୍ତଙ୍କର ମଙ୍ଗଳ କରିବ।

# କୀର୍ତ୍ତନ କରିବା କାହିଁକି ?



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଭାରତ ହେଉଛି ଋଷି, ମୁନିଙ୍କ ଦେଶ। ତତପ୍ରଣୀତ ବେଦ, ବେଦାନ୍ତ, ଉପନିଷଦ ଓ ପୁରାଣ ପ୍ରଭୃତି ଶୃଙ୍ଖଳିତ ଜୀବନ ଯାତ୍ରାର ଯଥାର୍ଥ ନିଦର୍ଶନ କହିଲେ - ସତ୍ୟର ଅପଳାପ ହେବ ନାହିଁ । ଯାହାକୁ ବିଶ୍ୱ ସମୁଦାୟ ଅନୁକରଣ ପୂର୍ବକ ଭାରତର ପ୍ରଶଂସାଗାନ କରିବାରେ ଶତମୁଖର ହୋଇଛନ୍ତି । ତେଣୁ ପଦ୍ମ ପୁରାଣରେ କୁହାଯାଇଛି 'ବର୍ଷାଣାଂ ଭାରତ ଶ୍ରେଷ୍ଠଃ, ଦେଶାନା ଉତ୍କଳ ସ୍ମୃତମ୍, ଉତ୍କଳସ୍ୟ ସମାଦେଶଃ, ପୁତ୍ରନାସ୍ତି ମହାତଳେ ।" ଭଗବାନଙ୍କ ପାଖରେ ଭକ୍ତି କରିବାର ମାର୍ଗ ହେଉଛି ନଅ ପ୍ରକାର । ଶ୍ରୀମଦ ଭାଗବତରେ ଭଗବାନ ବେଦବ୍ୟାସ ପ୍ରତିପାଦନ କରନ୍ତି - 'ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ' ସ୍ମରଣଂ ପାଦ ସେବନମ୍, ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟଂ ଆତ୍ମନିବେଦନମ୍ । ଉପରୋକ୍ତ ନଅଟି କଥାକୁ କୁହାଯାଏ ନବଧାଭକ୍ତି । ଯଥା ଭଗବାନ୍‌ଙ୍କ ଗୁଣସବୁ ଶ୍ରବଣ କରିବା, ନାମ ସ୍ମରଣ, ପାଦ ସେବନ, ପୂଜନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମସମର୍ପଣ। ଦ୍ୱିତୀୟ ପର୍ଯ୍ୟାୟ ଭକ୍ତି ହେଲା କୀର୍ତ୍ତନ କରିବା ।

ଭଗବାନଙ୍କ ସାନ୍ନିଧ ଲାଭ କରିବା ପାଇଁ ଭଜନ, କୀର୍ତ୍ତନ ଆଦି କରିବାର ବିଧି ପ୍ରଚଳିତ । ଭକ୍ତି ଓ ନିଷ୍ଠାର ସହିତ ଭଗବାନଙ୍କ ନାମ ସଂକୀର୍ତ୍ତନ କଲେ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ସେଥିପାଇଁ ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ କରାଯିବାର ପରମ୍ପରା ରହିଛି । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସମ୍ପର୍କର ସେତୁ ସୃଷ୍ଟି କରିବାର ମାଧ୍ୟମ ହେଉଛି ସଂକୀର୍ତ୍ତନ । ଏଥିରେ ସ୍ୱର, ତାଳ, ଲୟ ଆଦିକୁ ଗୁରୁତ୍ୱ ଦିଆଯାଇଥାଏ । ସଂକୀର୍ତ୍ତନ ପରିବେଷଣ ସମୟରେ ଗାୟକ, ବାଦକ ଓ ଦର୍ଶକ ସମସ୍ତେ ଭକ୍ତି ଭାବରେ ନିମଜ୍ଜିତ ହୋଇ ଉଠନ୍ତି । ବ୍ୟକ୍ତି, ଗୋଷ୍ଠୀ ଓ ସମାଜ ଉପରେ ଏହାର ଗଭୀର ପ୍ରଭାବ ପଡ଼େ ।

ଉତ୍କଳୀୟ ପରମ୍ପରା ଓ ସଂସ୍କୃତିରେ ସଂକୀର୍ତ୍ତନ ବେଶ୍ ମହତ୍ୱପୂର୍ଣ୍ଣ । ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ସାରା ରାଜ୍ୟରେ ସଂକୀର୍ତ୍ତନର ବ୍ୟାପକ ପ୍ରଚାର ପ୍ରସାର ହୋଇଥିଲା । ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ମଧ୍ୟ ସଂକୀର୍ତ୍ତନ ଓତଃପ୍ରୋତ ଭାବେ ଜଡ଼ିତ ।

ଜନୈକ ଭକ୍ତ କଥା ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ କହିଲେ - ଅନେକ ଲୋକ ଅନ୍ୟ ପାଇଁ କିଛି କରନ୍ତି ନାହିଁ । କେବଳ ଖୋଳ - କରତାଳ ନେଇ ହରିନାମ କରି ଘୁରି ବୁଲନ୍ତି । ଏଥିରେ କ'ଣ କୌଣସି କାର୍ଯ୍ୟ ହୁଏ ?

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଖୋଳ - କରତାଳ ନେଇ ହରିନାମ କରୁ କରୁ କେତେ ଲୋକ ଗୁରୁନିଷ୍ଠା ଭିତର ଦେଇ ତିଆରି ହୋଇଯାନ୍ତି । କୀର୍ତ୍ତନ କରିବା ମାନେ ଗୀତ ଗାଇବା ଭିତର ଦେଇ ଭଗବାନଙ୍କ ନାମ କରିବା ଏବଂ ତାହା ଲୋକଙ୍କ ମଧ୍ୟରେ ପ୍ରଚାର କରିବା । ମହାପ୍ରଭୁ ଗୌରାଙ୍ଗ ଦେବ ଏହା ବିଶେଷ କରି ପ୍ରଚଳନ କରିଥିଲେ । ଏହା ଭିତର ଦେଇ ଭଲ ମଣିଷ ବାହାରି ପଡ଼ନ୍ତି । ସମସ୍ତେ ଏକ ଭାବ ନେଇ ଚାଲନ୍ତି ନାହିଁ, ସତ୍ ଉଦ୍ଦେଶ୍ୟ ନେଇ, ସତ୍ କୌଣସି କିଛି ଯେଉଁମାନେ କରନ୍ତି, ସେମାନଙ୍କ ସମ୍ବନ୍ଧରେ କୌଣସି ବିରୂପ ସମାଲୋଚନା କରିବା ଠିକ୍ ନୁହେଁ ବରଂ ଉତ୍ସାହ ଦେବାକୁ ହୁଏ ।

ଭକ୍ତ ଓ ଭଗବାନଙ୍କ ସମ୍ପର୍କ ଅପୂର୍ବ । ଭଗବାନ ନାମ ଜପରେ ଭକ୍ତ ପାଆନ୍ତି ଅପାର ଆନନ୍ଦ ଓ ଶାନ୍ତି । ଭାରତୀୟ ସଂସ୍କୃତିରେ ନାମ ସଂକୀର୍ତ୍ତନ ପରମ୍ପରା ବହୁ ପ୍ରାଚୀନ । ସଂକୀର୍ତ୍ତନ ହେଉଛି ଏକ ଭକ୍ତିରସାଶ୍ରିତ କଳା । ଓଡ଼ିଶାର ସହର ହେଉ କି ପୁରପଲ୍ଲୀ, ଏବେ ବି ବିଭିନ୍ନ ସମୟରେ ସଂକୀର୍ତ୍ତନରେ ମୁଖରିତ ହୋଇଉଠେ ପରିବେଶ ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗଭୀର ପ୍ରତ୍ୟୟ ସହିତ କହିଲେ - ସାରାଦିନ କାମ କରିବ, ସନ୍ଧ୍ୟା ହେଲେ ଠାକୁରଙ୍କ ପାଖରେ ଆସି ଜ୍ୱାଳା-ଯନ୍ତ୍ରଣା ସବୁ ଭସାଇ ଦେଇ ନାମ କରିବ, ତୁମ୍ଭେମାନେ ମୁକ୍ତ ଆତ୍ମା । ଦେଖ, ଏହି କୀର୍ତ୍ତନ ମାଧ୍ୟମରେ ତୁମ୍ଭମାନଙ୍କର ସମସ୍ତ ଭଲ ପାଇବା ବିଶ୍ୱ ଚରାଚର ପରିବ୍ୟାପ୍ତ ହେବ । ସମସ୍ତଙ୍କୁ ଭଲ ପାଇବ । ମୁଁ ସବୁ ନେବି । ତୁମ୍ଭମାନଙ୍କ ଯେତେ ଜ୍ୱାଳା ଯନ୍ତ୍ରଣା ଅଛି, ଯେତେ ପାପ ତାପ ଅଛି, ସବୁ ମୋ ମଥାରେ ଚାପି ଦିଅ, ହସ, ହସ, ନାମ କୀର୍ତ୍ତନରେ, ତୁମ୍ଭମାନଙ୍କର ମୁଁ ଅଛି । ଦେଖ, ସଂସାର କ'ଣ ? ସଂସାର କାହାର ? ସଂସାର ତୋର । ତୁମେ କିଏ - ସଚ୍ଚିଦାନନ୍ଦ ବ୍ରହ୍ମ ପୁରୁଷ । ତୁମର ପୁଣି ସଂସାର କଣ ? ତୁମେ ଯାହା ଇଚ୍ଛା କରିବ ତାହା ହେବ, ତୁମ୍ଭମାନଙ୍କର ଭୟ କିଛି ନାହିଁ, ଏକମାତ୍ର ସହାୟ ସତ୍‌ନାମ । ତୁମ୍ଭମାନଙ୍କ ସମସ୍ତଙ୍କ ଆତ୍ମାରେ ମୁଁ ବିଦ୍ୟମାନ, ମୁଁ ସମସ୍ତଙ୍କ ଆତ୍ମା, ମୁଁ ପରମବ୍ରହ୍ମ । ମୋର ସମସ୍ତ ଇଚ୍ଛା ତୁମ୍ଭମାନଙ୍କ ଭିତରେ ଦେଇ ଦେଇଛି । ବର୍ତ୍ତମାନ ଇଚ୍ଛା ତୁମ୍ଭମାନଙ୍କର । ଟିକିଏ ସ୍ଥାନ ଦିଅ, ମୁଁ ତୁମ୍ଭମାନଙ୍କ ସମସ୍ତ ପାପକୁ ଚୂର୍ଣ୍ଣ କରିଦେବି । ତୁମ୍ଭେମାନେ ସିଂହ ଶିଶୁ, ଗୋଟିଏ ଗୋଟିଏକୁ ଧରି ଚୋବାଇ ଚୋବାଇ ଉଦରସ୍ଥ କରି ସବୁ ପାପ ତାପ ଲୟ କରି ଦେବ । ତୁମ୍ଭମାନଙ୍କର କେହି ପ୍ରତିଦ୍ୱନ୍ଦୀ ନାହିଁ, ତୁମ୍ଭେମାନେ ମହାପୁରୁଷ । ଏହି ଦେଖ, ପୁଣି ସେହି ପ୍ରତିଧ୍ୱନି, ଥରେ ହୋଇଥିଲି, ପୁଣି ଆକାଶ କମ୍ପାଇ, ନଦୀ କମ୍ପାଇ, ସାଗର କମ୍ପାଇ ପ୍ରତିଧ୍ୱନି ହେଉଛି - ଅହଂଃ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।

ଏହି ସଚରାଚର ବିଶ୍ୱବ୍ରହ୍ମାଣ୍ଡ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କର ସୃଷ୍ଟି ଅଟେ। ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ । ସେ ନିଜ ଭିତରେ ଈଶ୍ୱର ଅନୁଭବ କରି ଶେଷରେ ତାଙ୍କ ଭିତରେ ଲୀନ ହୋଇଯିବାର ଇଚ୍ଛା ରଖେ । ଏଥିପାଇଁ ସେ ନାନା ଉପାୟ ଅବଲମ୍ବନ କରେ । ସେଥିମଧ୍ୟରୁ ଭକ୍ତି ମାର୍ଗ ହେଉଛି ଶ୍ରେଷ୍ଠ ମାର୍ଗ । ଶ୍ରୀନାରଦ ଭକ୍ତି ସୂତ୍ର ଅନୁସାରେ ଭଜନ, କୀର୍ତ୍ତନ ମାଧ୍ୟମରେ ହୃଦୟରେ ଭକ୍ତି ଜାଗ୍ରତ ହୁଏ । ନିରନ୍ତର ଭଜନ କଲେ ଚିତ୍ତର ବିଷୟାବେଶ ଓ ବିଷୟସଙ୍ଗ ତ୍ୟାଗ ହୋଇଯାଏ । ଭକ୍ତିର ପ୍ରଭାବ ପ୍ରକଟନ ସମ୍ବନ୍ଧରେ କୌଣସି ବିଧିର ଅପେକ୍ଷା ନାହିଁ । ଭକ୍ତି ସାଧାରଣତଃ ନଅ ପ୍ରକାର । ଯଥା - ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବା, ଅର୍ଚ୍ଚନା, ବନ୍ଦନା, ଦାସ୍ୟଭାବ, ସଖାଭାବ ଓ ଆତ୍ମନିବେଦନ । ବ୍ୟକ୍ତି ବିଶେଷଙ୍କ ଏକ ଦଳ ମିଳିତ ଭାବରେ ଭଗବାନଙ୍କୁ ସ୍ମରଣ, ବନ୍ଦନ, ଆତ୍ମନିବେଦନ କରିବାର ବିଧିକୁ କୀର୍ତ୍ତନ କୁହାଯାଏ । କାୟ-ମନ-ବାକ୍ୟରେ ତାଳି, କୋଳ, କରତାଳ ବଜାଇ ଏକାଠି ବସି ନୃତ୍ୟ କରି ଅଥବା ପଦବ୍ରଜ କରି ଈଶ୍ୱରଙ୍କ ଅହରହ ସ୍ମରଣ ହେଉଛି ସଂକୀର୍ତ୍ତନ ।


ସମସ୍ତ ଲୋକକଳା ମଧ୍ୟରୁ ନାମ ସଂକୀର୍ତ୍ତନ ହେଉଛି ଶ୍ରେଷ୍ଠ ଲୋକକଳା । କାରଣ ସମସ୍ତ ଲୋକକଳା ମଧ୍ୟରୁ କେବଳ ନାମ ସଂକୀର୍ତ୍ତନ ପୁରାଣରେ ବର୍ଣ୍ଣନା କରାଯାଇଛି । ମହାପୁରୁଷ ଶ୍ରୀଜଗନ୍ନାଥ ଦାସଙ୍କ କୃତ ଶ୍ରୀମଦ ଭାଗବତରେ ସୁନ୍ଦର ନବାକ୍ଷରୀ ଛାନ୍ଦରେ ଲେଖାଅଛି - 'କଳି କଳୁଷ ନିବାରଣ, କେବଳ ନାମ ସଂକୀର୍ତ୍ତନ । କୃଷ୍ଣ ମୂରତି ଭଗବାନ, କେବଳ ନାମ ସଂକୀର୍ତ୍ତନ ।' ଯେଉଁଠି ନାମ ହୁଏ ସେହି ସ୍ଥାନରେ ପରମବ୍ରହ୍ମ ନାରାୟଣ ବିରାଜମାନ କରନ୍ତି । ସେ ସ୍ଥାନ ପାଲଟି ଯାଏ ବୈକୁଣ୍ଠପୁର । ନାମ ହିଁ ପରମ ଧର୍ମ, ନାମ ହିଁ ପରମ ତପ । ନାମ ହିଁ ପରମ ବନ୍ଧୁ। ନାମ ଠାରୁ ଶ୍ରେଷ୍ଠ ପଦାର୍ଥ ସଂସାରରେ କିଛି ନାହିଁ । ନାମ ଓ ନାମୀ ଅଭେଦ ।

ଭଗବାନ ଶ୍ରୀକୃଷ୍ଣ କହିଲେ -

"ନାହଂ ତିଷ୍ଠାମି ବୈକୁଣ୍ଠେ
ଯୋଗୀନାଂ-ହୃଦୟେ ନ ଚଃ
ମଦ୍ ଭକ୍ତା ଯତ୍ର ଗାୟନ୍ତି ତତ୍ର
ତିଷ୍ଠାମି ନାରଦଃ ।"

ସହ-ପ୍ରତିରତ୍ନିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ,
କଟକ,
ମୋ : ୯୪୩୭୦୫୧୯୫୭

# ବର୍ଷେ ପରେ ସରକାର ବାଲେଶ୍ୱରକୁ କିଛି ଦେବା ପାଇଁ ପ୍ରସ୍ତାବ ରଖିଛନ୍ତି



**ସୁବ୍ରତ କର**

ସରକାର ଠିକ୍ କରିଛନ୍ତି ରାଜ୍ୟର ବିଭିନ୍ନ ସ୍ଥାନରେ ବରପୁତ୍ର ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବେ । ଏହା ପାଇଁ ଏହିବର୍ଷ ବଜେଟରେ ୧୦କୋଟି ବ୍ୟୟବରାଦର ବ୍ୟବସ୍ଥା କରିଛନ୍ତି । ଏ ପର୍ଯ୍ୟନ୍ତ ଆମ ଜିଲ୍ଲାକୁ ସେମିତି କିଛି ଆଖି ଦୃଶିଆ ମିଳି ନଥିଲା କିନ୍ତୁ ଆମ ଜିଲ୍ଲା ପ୍ରତି ଶୁଭ ଦୃଷ୍ଟି ପଡ଼ିଛି ଏବଂ ସରକାର ଠିକ୍ କରିଛନ୍ତି ବାଲେଶ୍ୱର ଜିଲ୍ଲାକୁ ତିନୋଟି ବରପୁତ୍ରଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ରାଜି ହୋଇଛନ୍ତି । ସେଗୁଡ଼ିକ ହେଲା ଫକୀରମୋହନ ସେନାପତି, ବାଘାଯତୀନ ଏବଂ ପ୍ରଥମ ଓଡ଼ିଆ ଶଙ୍କରାଚାର୍ଯ୍ୟ ଶ୍ରୀଧର ସ୍ୱାମୀ । ସମସ୍ତଙ୍କର ପୂର୍ଣ୍ଣବୟବ ୧୦ ଫୁଟର ପ୍ରତିମୂର୍ତ୍ତି । ଏହାକୁ ନିଶ୍ଚିତ ଭାବରେ ବାଲେଶ୍ୱର ବାସୀ ସ୍ୱାଗତ କରିବେ । କାରଣ ଏ ପର୍ଯ୍ୟନ୍ତ ଅଧିକାଂଶ ପ୍ରତିମୂର୍ତ୍ତି ବେସରକାରୀ ଭାବରେ ସେ ବ୍ୟକ୍ତିଗତ ତରଫରୁ ହେଉ ବା ଅନୁଷ୍ଠାନ ମାଧ୍ୟମରେ । ଦୁଇ ଚାରୋଟି ସରକାରଙ୍କ ତରଫରୁ କରାଯାଇଛି । ଆମ ସହରରେ ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ପ୍ରତିମୂର୍ତ୍ତି ସ୍ଥାପନ କରାହୋଇଛି । ସେ ଗାନ୍ଧିଜୀଙ୍କର ହେଉ ବା ଆମ୍ବେଦକଙ୍କର ହେଉ । ଏପରିକି ଛୋଟ କରି କଲାମଙ୍କର ମଧ୍ୟ ଅଛି । ଫକୀରମୋହନ ସେନାପତି, ବିଜୁ ବାବୁ, ସମରେନ୍ଦ୍ର କୁଣ୍ଡୁ, ମଧୁବାବୁ, ନେତାଜୀ ସୁବାସ ବୋଷଙ୍କର ମଧ୍ୟ ପ୍ରତିମୂର୍ତ୍ତି ରହିଛି। ଏବେ ଏବେ ଅରୁଣ ବାବୁଙ୍କର, ଗୋପ ବାବୁଙ୍କର ଏବଂ ଶ୍ୟାମ ବାବୁଙ୍କର (ହେବାକୁ ଯାଉଛି) । ଏମାନଙ୍କ ସହିତ ଯଦି କବିବର ରାଧାନାଥ ରାୟଙ୍କର ଥାଆନ୍ତା ତେବେ ଖୁବ୍ ଭଲ ହୁଅନ୍ତା । ତାଙ୍କର ବାଲେଶ୍ୱର ପାଇଁ କିଛି ଦାନ କମ୍ ନୁହଁ । ସରକାରଙ୍କୁ ବାଲେଶ୍ୱର ବାସୀଙ୍କ ତରଫରୁ ଅନୁରୋଧ ରହିଲା ରାଧାନାଥ ରାୟଙ୍କ ଛଡ଼ା ଗୋପବନ୍ଧୁଙ୍କର ମଧ୍ୟ ନିହାତି ରହିବା ଆବଶ୍ୟକ । ସବୁଠୁ ବଡ଼ ପ୍ରଶ୍ନ ହେଉଛି ଏହି ସବୁ ପ୍ରତିମୂର୍ତ୍ତିର ରକ୍ଷଣା ବେକ୍ଷଣାର ଦାୟିତ୍ୱ କାହା ଉପରେ ରହିବା ଦରକାର ତାହା ସରକାରଙ୍କ ତରଫରୁ ଜିଲ୍ଲା ପ୍ରଶାସନଙ୍କୁ ଅବଗତି କରା ହୋଇ ପାରିଲେ ଭଲ ହୁଅନ୍ତା । ଯେଉଁ ମାନଙ୍କର ନିଜର କେହି ଅଛନ୍ତି ସେମାନେ ହୁଏତ କିଛି ପରିମାଣରେ ଦାୟିତ୍ୱ ନେଇ ଠିକ୍ ଭାବରେ ରକ୍ଷଣା ବେକ୍ଷଣର ଦାୟିତ୍ୱ ନେବେ ବା ନେଉଛନ୍ତି କିନ୍ତୁ ଆଉ କିଛି ପ୍ରତିମୂର୍ତ୍ତି ପାଇଁ ଯାହାର କେହି ନାହାନ୍ତି ସେଗୁଡ଼ିକ ଅତି ଦୟନୀୟ ଅବସ୍ଥାରେ ରହିଛି । ଏ ପରିକି ଦେଖା ହୋଇଛି କୂଆ, ଚଢ଼େଇ ବସି ଅପରିଷ୍କାର କରିବା କାରଣ ଏହି ମୂର୍ତ୍ତୀମାନଙ୍କର ବର୍ଷକରେ ଥରେ ଧୁଆ ପୁଛା ଜନ୍ମଦିନରେ କାହାର ଦୃଷ୍ଟି ଯାଏ ନାହିଁ। ମୋର ସରକାରଙ୍କୁ ଅନୁରୋଧ ରହିବ ସବୁ ପ୍ରତିମୂର୍ତ୍ତିଙ୍କର ଜିଲ୍ଲା ପ୍ରଶାସନ ପାଖରେ ହିସାବ ରହିବା ଦରକାର ଏବଂ ଏମାନଙ୍କର ସୂଚାରୁ ରୂପେ ରଖିବାକୁ ଗଲେ ସରକାର ନିଜେ କରିପାରିଲେ ଭଲ ନ ହୋଇ ପାରିଲେ ବାଲେଶ୍ୱରରେ ବହୁତ ଅନୁଷ୍ଠାନ ସବୁ ରହିଛି ଏବଂ ବେଶ୍ କିଛି ଶିକ୍ଷାନୁଷ୍ଠାନ ରହିଛି ସେମାନଙ୍କୁ ଦାୟିତ୍ୱ ଦେଇ ସବୁ କିଛି ଠିକ୍ ଠାକ୍ ଚାଲନ୍ତା । ଏହି କାର୍ଯ୍ୟ ପାଇଁ ମୋର ମନେ ହୁଏ କେହି ପଛେଇବେ ନାହିଁ ଏବଂ ଅତି ଆଦରର ସହିତ କରିବା ପାଇଁ ଆଗେଇ ଆସିବେ । କରିବା ସହଜ କିନ୍ତୁ ଠିକ୍ ଭାବରେ ସମ୍ମାନର ସହିତ ରଖିବା କାଠିକର ପାଠ ଏବଂ ସବୁଠୁ ବଡ଼ କାମ । ଏହା ଉପରେ ଜିଲ୍ଲା ପ୍ରଶାସନ କିଛି ଅଗ୍ରଣୀ ଅନୁଷ୍ଠାନ ଏବଂ ଶିକ୍ଷ ପ୍ରତିଷ୍ଠାନକୁ ଡାକି ଦାୟିତ୍ୱ ଦେଲେ ଭଲ ହୁଅନ୍ତା ଏବଂ ସହର ଆମର ଅତି ସୁନ୍ଦର ହୋଇପାରନ୍ତା।

## ସାବିତ୍ରୀ

**ପୁଷ୍ପାଞ୍ଜଳି ପଣ୍ଡା**



କୁଡିଆ କାନ୍ଥରେ ଗାଁର ଟାଣି ଟାଣି
ହିସାବ କରୁଥିଲି ସବୁଦିନ।
ଛାତିର ଭିତର ଭାଗ ଥରି ଯାଉଥିଲା।
ତଥାପି ସାହସ କରି
ଜିଦ୍ କରି ଯାଇଥିଲି
ସେଦିନ
ତୁମ ସହ ବଣକୁ।
ଅନେକ ଅଜଣା, ଅସହ୍ୟ
ବିପଦର ପାଦ ଧ୍ୱନିକୁ
ଅଣଦେଖା କରି ॥

ରାଜ ଜେମା ମୁଁ
ସକଳ ଐଶ୍ୱର୍ଯ୍ୟ ଠୁଳ ଥାଇ
ବରି ନେଇଥିଲି ତୁମକୁ
ମନ ଦେଇଥିଲି, ଭଲ ପାଇଥିଲି
ଜୀବନ ଯାତ୍ରା ଜଟିଳ ଜାଣିବି..!!

ସେ ଦିନ ଅମାବାସ୍ୟାରେ
କେତେ ଜପ ତପ ପରେ ବି
ତୁମ କୁ ମୃତ୍ୟୁ ଫାଶୀ ବାନ୍ଧିଥିଲା।
ସ୍ତ୍ରୀ ମୁଁ ,
ସତୀତ୍ୱର ପରାକାଷ୍ଠାରେ
ପ୍ରେମରେ, ବଳିଦାନରେ
ଜୀବନ ଫେରାଇ ଆଣିଲି
ଯମ ପାଖରୁ।
କିନ୍ତୁ ହେ ପ୍ରିୟତମ
ପ୍ରାଣ ପୁରୁଷ,
ମୁଁ ଜାଣିଛି
ଏବେବି ଏ
ନିରୁତା ପ୍ରେମ ମୋର
ପର୍ଯ୍ୟାପ୍ତ ହୋଇବ
ମୃତ୍ୟୁରୁ ଅମୃତକୁ
ନେଇ ଯିବାକୁ
ଅମରତ୍ୱର ଠିକଣା ପାଇବାକୁ
ଏ ସଂସାର ରୋା

କେନ୍ଦ୍ରାପଡ଼ା
ମୋ: ୯୮୬୧୪୫୭୫୬୩

## କବିତା କୋଣାର୍କ

## ଆସିଛି ସାବିତ୍ରୀ

**ରମେଶ ଚନ୍ଦ୍ର ନାୟକ**



ବର୍ଷକ ଅନ୍ତରେ ଆସିଛି ସାବିତ୍ରୀ
ନୂଆ ରୂପେ ନୂଆ ରଙ୍ଗେ
ସଜାଇ ହୋଇବ ସଧବା ଶରୀର
ନୂଆ ବସ୍ତ୍ରେ ନୂଆ ଢଙ୍ଗେ ।।

ବରାଦ ହୋଇଛି ତାଲିକା ଦେଇଛି
ସ୍ୱାମୀ ସତ୍ୟବାନ ହାତେ
ପୂଜାର ସାମଗ୍ରୀ ଶାଢ଼ୀ ଅଳଙ୍କାର
କିଣିବାକୁ ଯିବେ ସାଥେ ।।

ଉପବାସ ପରା କରିଛି ସାବିତ୍ରୀ
ମାନସିକ କେତେ ନେଇ
ମନ୍ଦିରକୁ ଯିବ ଦେବତା ପୂଜିବ
ସ୍ୱାମୀ ଆୟୁ ବୃଦ୍ଧି ପାଇଁ ।।

ନୂଆ ବୋହୂଟିଏ ନୂଆ ଓଷା କରେ
ହିନ୍ଦୁ ପରମ୍ପରା ମାନି
ତରୁଣୀ ଝିଅଟି ମନେ ମନେ ଭାବେ
କେବେ ସେ ହେବ ଘରଣୀ ।।

ଏ କଳି ଯୁଗରେ ସଭିଏଁ ସାବିତ୍ରୀ
ଅସତୀ ଖୋଜିଲେ ନାହିଁ
ବିଧବା ନାରୀ ବି ସାବିତ୍ର ପାଳୁଛି
ସ୍ୱାମୀ ଆତ୍ମା ଶାନ୍ତି ପାଇଁ ।।

ହିନ୍ଦୁ ଜାତି ପର୍ବ ଓଡ଼ିଆଙ୍କ ଗର୍ବ
ସାବିତ୍ରୀ ବ୍ରତର ପର୍ବ
ଧର୍ମ ରକ୍ଷା ହେଉ ପରମ୍ପରା ରହୁ
ନାରୀ ଦେଶ ପାଇଁ ଗର୍ବ ।।

କେଶରପୁର, ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦

## ମଡ଼ର୍ଣ୍ଣ ସାବିତ୍ରୀ ମୁହିଁ

**ପ୍ରଦୀପ୍ତ କୁମାର ଦାସ**



ମଡ଼ର୍ଣ୍ଣ ସାବିତ୍ରୀ ମୁହିଁ... ମଡ଼ର୍ଣ୍ଣ
ସାବିତ୍ରୀ ମୁହିଁ...
ଦୂର ବିଦେଶକୁ ପତିକୁ ପଠାଇ
ପୂଜଇ ଧରମ ଭାଇ ---
ଶାଶୁ ଶଶୁରଙ୍କୁ ଭକୁଆ ବନାଏ
ମୁହଁରେ ଜବାବ ଦେଇ...
ନଣନ୍ଦ ସାଥିରେ କଳି କରେ ନିତି/
ଖୋଲି ଦେଇ ତା'ର ଗୋହି,
ସ୍ୱାମୀ ବିରହର ଦୁଃଖକୁ ଭୁଲଇ/
ଚୋରା ପୀରତିରେ ରହି ...
ମନ ଇଚ୍ଛା ମୁହିଁ ବାହାରେ ବୁଲଇ/
ବିଦେଶୀ ପାନୀୟ ପିଇ.
ଲାଜ ସରମକୁ ମନରୁ ତେଜଇ/
କାହାକୁ ମୋ ଭୟ ନାହିଁ,
କ୍ଲବ୍‌ରୁ ଫେରି ରାତି ଅଧଯାଏଁ/
ଚାଟିଂରେ ହୁଏ ବାଇ...
ମୋ ଡ଼ାଡି ମମିଙ୍କୁ ରଖେ ଯତନରେ/
ଭଲ ଭଲ ତିଜ ଖୋଇ,
ଭାବେ ମୁଁ ନିଜକୁ ମୋପରି ସୁନ୍ଦରୀ/
ଖଣ୍ଡ ମଣ୍ଡଳରେ ନାହିଁ...
ଗୀତା, ଭାଗବତ ହରାନ୍ତି ଇଜ୍ଜତ/ମୋ
ପୀରତି ଛୁଆଁ ପାଇ,
ଲୋକ ଦେଖାଣିଆ ବ୍ରତ ମୁଁ ପାଳଇ/
ମର୍ଟନ, ଚିକେନ୍ ଖାଇ...
ସାଗର ବେଳାରେ ବୁଲେ
ସଂଜବେଳେ/ପାତକ ଧୋଇବା ପାଇଁ,
ଭାବି ମହାପୁଣ୍ୟ କରେ ଦେହ ଦାନ/
ଲକ୍ଷପତି ହେବା ପାଇଁ...
ମାତୃତ୍ୱର ମୋହ ପତ୍ନୀତ୍ୱର ବୋଝ/ମୋ
ମୁଣ୍ଡ ଉପରେ ନାହିଁ,
ସାଜି ମହାମାୟା ବିସ୍ତାରେ ମୁଁ କାୟା/
ଜନ କଲ୍ୟାଣର ପାଇଁ...
ହୋଟେଲ୍ ଖାଦ୍ୟକୁ ଅବଢ଼ା ମଣଇ/
ରୋଷେଇ କରଇ ନାହିଁ,
ଗୁରୁ ଗୁରୁଜନ ମୋ ପାଖରେ ନ୍ୟୁନ/
କାହାକୁ ଖାତିର ନାହିଁ...
ପରପୁରୁଷ ମୋ ପରମ ଈଶ୍ୱର/
ପାଲଟେ ରାତିକ ପାଇଁ,
ମିଳନ ବେଳାରେ କାହାରିକୁ
କେବେ/ପର ମୁଁ ଭାବଇ ନାହିଁ...
ମୋ ପ୍ରେମ ଜାଲରେ ଯମକୁ
ଫସାଇ/ଘୁରାଏ ମୁଁ ଘାଇଁ ଘାଇଁ,
ଏତିକି ମୋ ଅଳି ଜଗତ ନାଥଙ୍କୁ/
ଆନ କିଛି ଲୋଡ଼ା ନାହିଁ...
ମୋ ପତି ଦେବତା ସେପୁରକୁ
ଯାନ୍ତୁ/ଥାନ୍ତୁ ମୋ ଧରମ ଭାଇ,
ଜନ୍ତୁପତି ପାଶେ ଏତିକି ବିନତି/କରୁଛି
ବିକଳେ ମୁହିଁ...
ଦିଅର,ନଣନ୍ଦ,ଶାଶୁ,ଶଶୁରଙ୍କୁ/
ରଖନ୍ତୁ ସେ ପାଶେ ନେଇ,
ଶ୍ୱଶୁର ଘରର ସବୁ ସମ୍ପତ୍ତିକୁ/ ଧରମ
ଭାଇ ମୋ ପାଇଁ...
ମୋ ସତୀତ୍ୱ ଗାଥା ସାରା
ଦୁନିଆରେ/ବୁଲୁଥାଉ ଗାଇ ଗାଇ ।

କଣ୍ଠାବଣିଆ,ଛତ୍ରପଡ଼ା, ପ୍ରୀତିପୂର,
ଯାଜପୁର,ଓଡ଼ିଶା
ପିନ୍ -୭୫୫୦୧୩/
ମୋ -୮୫୯୪୮୮୫୮୯୮

## ନାରୀ ମହିୟସୀ

**ସୁନନ୍ଦା ମହାନ୍ତି**



ନାରୀର ଶାନ୍ତି ପାଇଁ
ସିଏ ନିଜେ ଦୋଷୀ
ଭଲପାଇଲେ ଭୁଲିବନି
ଜୀବନ ଉଷସୀ
ହୃଦୟ ଫୁଲ ଫୁଟୁଥିବ
ସାତରତୁ ପ୍ରେମ ବାରମାସୀ
ପ୍ରେମ ଫୁଲ ଫୁଟେ
ନୀରବତା ନୀଳ ରକ୍ତ ଛୁଟେ
ସ୍ୱାର୍ଥ ସର୍ତ୍ତକୁ ରଖି ଗୋଟେ ପଟେ
ଖରାକୁ କରି ପିଠି ରକ୍ଷି
କହିପାର ପ୍ରେମର ଯୋଗିନୀ
କହିପାର ହୃଦ ମନ୍ଦାକିନୀ
ଦେଇପାର ଧୋକା
ନାରୀ ନିଷ୍ଟେ ବୋକା
ନହେଲେ କେମିତି ଉଆଁସୀ
ଅନ୍ଧାର ଆଲୁଅ ଆଉଁସି
ଦେଉଥାଏ ପରଷି
ସବୁତକ ପ୍ରୀତି ମୈତ୍ରୀ
ସେ ସାବିତ୍ରୀ
ନାରୀ ମାନିଯାଏ ଅକ୍ସକେ
ସେଇଥିପାଇଁ ଦୁଃଖ ଦରିଆରେ ଭାଷି
ସ୍ନେହ ପ୍ରେମ ଗ୍ରାସୀ
ଆଜିକାଲି ନାରୀଟିଏ ଅଣନିଶ୍ୱାସୀ
ଲେଖେ ଚିଠି ବେଳେ ଗୋଲ ରୁଟି
ଚାନ୍ଦକଳା ପରି ବେଣୀ ଛାଟି
କରୁଥାଏ ପୂଜା ମାଆ ମାଟି
ଏଠି ସେଠି ସବୁଠି କଳସୀ
ପୁଣ୍ୟତୋୟା ଉଦାସୀ
ଏଡ଼େ ଚଞ୍ଚଳ ହୁଏ ବାସି
ଧୋକା ବର୍ଷାରେ ବରଷି
ଭୁଲିଯାଏ ରାଗ ରୁଷା ଅଭିମାନ
ନାରୀ ସଭିଙ୍କ ମନ ପାରେ ତୋଷି
ଧରାରେ ଜହ୍ନ ରୂପୀ ଶଶୀ ।

ସାକ୍ଷୀଗୋପାଳ
ପୁରୀ
ମୋ: ୯୦୪୦୯୭୭୩୨୬

# ଶୁଭ ସାବିତ୍ରୀ ଅମାବାସ୍ୟା

ଦଶରଥ ହେମ୍ବ୍ରମ

ଓଡ଼ିଶା ହେଉଛି ପବିତ୍ର ଜଗନ୍ନାଥଙ୍କ କ୍ଷେତ୍ର। ଧର୍ମ ଚେତନାର ବିଚିତ୍ର ଲୀଳାସ୍ଥଳ। ସ୍ୱୟଂ ଜଗନ୍ନାଥ ହେଉଛନ୍ତି ଧର୍ମର ଚେତନାର ପ୍ରାଣକେନ୍ଦ୍ର। ତେଣୁ ଜଗନ୍ନାଥଙ୍କୁ କେନ୍ଦ୍ରକରି ବିଭିନ୍ନ ସମୟରେ ନାନା ପ୍ରକାର ଯାନିଯାତ୍ରା ଏବଂ ପର୍ବପର୍ବାଣୀ ଅନୁଷ୍ଠିତ ହୋଇଥାଏ। ଓଡ଼ିଶାବାସୀମାନେ ବାର ମାସରେ ତେର ପର୍ବପର୍ବାଣୀଗୁଡିକ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବଡ଼ ଧୁମଧାମରେ ପାଳନ କରଥାନ୍ତି। ବର୍ଷକ ମଧ୍ୟରେ ଉତ୍ସାହ-ଉଦ୍ଦୀପନାର ସହ ପାଳନ ହେଉଥିବା ପ୍ରମୁଖ ପର୍ବପର୍ବାଣୀଗୁଡିକ ହେଲା ବୈଶାଖରେ ଅକ୍ଷୟ ତୃତୀୟାଠାରୁ ଆରମ୍ଭ କରି ଏକୋଇଶି ଦିନ ବ୍ୟାପୀ ଚନ୍ଦନଯାତ୍ରା, ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଜ୍ୟୋଷ୍ଠରେ ସ୍ନାନଯାତ୍ରା, ସାବିତ୍ରୀ ବ୍ରତ, ରଜ, ଶୀତଳଷଷ୍ଠୀ, ଆଷାଢ଼ରେ ରଥଯାତ୍ରା, ଶ୍ରାବଣରେ ଝୁଲଣଯାତ୍ରା, ଗହ୍ମାପୂର୍ଣ୍ଣିମା, ଭାଦ୍ରବରେ ଗଣେଶପୂଜା, ନୂଆଖାଇ, ବିଶ୍ୱକର୍ମାପୂଜା, ଖୁଦୁରକୁଣି ଓଷା, ହରିଜନ୍ମ, ଆଶ୍ୱିନରେ ସାର୍ବଜନୀନ ଦୁର୍ଗାପୂଜା, ଗର୍ଭଣା ସଂକ୍ରାନ୍ତି, କୁମାର ପୂର୍ଣ୍ଣିମା, ଗଜଲକ୍ଷ୍ମୀପୂଜା, ମହାଳୟା, କାର୍ତ୍ତିକରେ ଲକ୍ଷ୍ମୀପୂଜା, କାଳୀ ପୂଜା ଓ ବାଲିଯାତ୍ରା (ବୋଇତବନ୍ଦାଣ), ମାର୍ଗଶିରରେ ଲକ୍ଷ୍ମୀପୂଜା (ମାଣବସା ଗୁରୁବାର), ପୌଷରେ ମକର ସଂକ୍ରାନ୍ତି, ମାଘରେ ସରସ୍ୱତୀପୂଜା, ଫାଲ୍ଗୁନରେ ଜାଗରଯାତ୍ରା (ଶିବରାତ୍ରି), ଦୋଳ ପୂର୍ଣ୍ଣିମା ଓ ଚୈତ୍ରରେ ବାସନ୍ତୀୟ ଦୁର୍ଗାପୂଜା, ଶ୍ରୀରାମ ନବମୀ, ଝାମୁଯାତ୍ରା ଆଦି। ତନ୍ମଧ୍ୟରୁ ପତିଦେବତାଙ୍କର ଦୀର୍ଘାୟୁଷ ଓ ହିତମନାସିବା ପାଇଁ ଓଡ଼ିଆ ସଧବା ସ୍ତ୍ରୀମାନେ ନିଷ୍ଠାର ସହ ପାଳନ କରଥାନ୍ତି ସାବିତ୍ରୀବ୍ରତ / ସାବିତ୍ରୀ ଓଷା। ଏହା ଜ୍ୟେଷ୍ଠ ଆମାବାସ୍ୟା ଦିନ ପାଳିତ ହୁଏ।

ସଧବା ସ୍ତ୍ରୀମାନଙ୍କ ପାଳିତ ଏହା ଏକ ବ୍ରତ/ଓଷା। ନିଜ ପତି ଦେବତାଙ୍କର ଦୀର୍ଘ ଆୟୁଷ ନିମନ୍ତେ ମଙ୍ଗଳ ମନାସିବା ସହ ନିଜର ଶଙ୍ଖା ଓ ସିନ୍ଦୂରର ସୁରକ୍ଷା ପାଇଁ ଏହି ପୂଜା କରିଥାନ୍ତି। ସାବିତ୍ରୀଙ୍କ ପରି ଆଜୀବନ ସଧବା ହେବା ଏବଂ ପରିବାରର ମଙ୍ଗଳ ପାଇଁ, ସଧବା ସ୍ତ୍ରୀମାନେ ଉପବାସ ରଖି ଏହି ବ୍ରତ/ଓଷା ପାଳନ କରନ୍ତି। ତେବେ ଏହି ବ୍ରତ/ଓଷାରେ ଆରାଧ୍ୟାଦେବୀ ହେଉଛନ୍ତି ମା' ସାବିତ୍ରୀ। ପୁରାଣ ଅନୁସାରେ ସାବିତ୍ରୀ ବ୍ରହ୍ମାଙ୍କ ପତ୍ନୀ, ଗାୟତ୍ରୀ, ସୂର୍ଯ୍ୟାଧିଷ୍ଠାତ୍ରୀ ଦେବୀ। ଏଥିପାଇଁ ଚଉଁରାମୂଳେ କିମ୍ବା ଠାକୁରଘରେ ବ୍ରତୋତ୍ସବ ପାଳନ ବେଳେ ସାବିତ୍ରୀ ଉପାଖ୍ୟାନ ପାଠ କରାଯାଏ। ପୂଜା ଶେଷ ହେଲେ ସଧବା ସ୍ତ୍ରୀମାନେ ଧୂଆମୁଗ, ନଡ଼ିଆ, କଦଳୀ, ଆମ୍ବ, ପଣସ, ସପୁରୀ, ତାଳସଜ ଆଦି ଫଳାହାର କରନ୍ତି।



କିମ୍ବଦନ୍ତୀ ଅନୁସାରେ ରାଜା ଦ୍ୟୁମତସେନଙ୍କ ଔରସରେ ଶୈବ୍ୟାଙ୍କ ଗର୍ଭରୁ ସତ୍ୟବାନ ଜନ୍ମ ହେଲେ। କିନ୍ତୁ ସତ୍ୟବାନଙ୍କ ଶୈଶବସ୍ଥାରେ ଦ୍ୟୁମତସେନ ବନବାସୀ ହୋଇଥିଲେ। ସତ୍ୟବାନ ବଣରେ ଫଳମୂଳ ଖାଇ ମୁନିବୃତ୍ତି ଅବଲମ୍ବନ କରି ଭକ୍ତି ସହକାରେ ପିତାମାତାଙ୍କର ସେବା କରୁଥିଲେ। ସାବିତ୍ରୀ ଭ୍ରମଣ କରୁକରୁ ସେହି ଜଙ୍ଗଲରେ ପହଞ୍ଚି ସତ୍ୟବାନଙ୍କ ଅସୀମ ପିତୃଭକ୍ତି, ଧର୍ମପରାୟଣାତା ଓ ରୂପରେ ମୁଗ୍ଧା ହୋଇ ଐଶ୍ୱର୍ଯ୍ୟ ଭୋଗଲାଳସା ତ୍ୟାଗ କରି ତାଙ୍କ ସଙ୍ଗରେ ଜୀବନଯାପନ କରିବା ପାଇଁ ସଂକଳ୍ପ ନେଲେ। ସତ୍ୟବାନଙ୍କୁ ପତିରୂପେ ମନୋନୀତ କରିବାକୁ ପିତାଙ୍କୁ ଜଣାଇଥିଲେ। ବିବାହ ପରେ ସାବିତ୍ରୀ ସ୍ୱାମୀଙ୍କ ସହିତ ତପୋବନର କୁଟୀରରେ ରହି ଶାଶୁ ଓ ଶ୍ୱଶୁରଙ୍କ ସେବାରେ ଲାଗିଲେ। ଏ କଥାବି ସାବିତ୍ରୀ ଭୁଲି ନାହାନ୍ତି ଦେବର୍ଷି ନାରଦଙ୍କଠାରୁ ଶୁଣିଥିବା ଭବିଷ୍ୟବାଣୀ, ଯାହାକୁ ବର ରୂପରେ ଚୟନ କରି ବାହା ହେବେ ସେ ସ୍ୱଳ୍ପାୟୁ, ବିବାହଠାରୁ ମାତ୍ର ଏକ ବର୍ଷ ପରମାୟୁ ରହିବ। ତେଣୁ ବିବାହର ଏକବର୍ଷ ପୂରିବାକୁ ତିନିଦିନ ପୂର୍ବରୁ ସାବିତ୍ରୀ ତ୍ରିରାତ୍ର-ବ୍ରତ କଲେ। ଜଙ୍ଗଲରୁ ସେମାନେ କାଠ କାଟି ଜୀବିକା ନିର୍ବାହ କରୁଥିଲେ। ଅନ୍ତିମ ଦିନ ଯେତେବେଳେ ସତ୍ୟବାନ ଜଙ୍ଗଲକୁ କାଠ କାଟିବାକୁ ଗଲେ ସେତେବେଳେ ସାବିତ୍ରୀ ତାଙ୍କ ସହ ଯିବାକୁ ଜିଦ୍‌କଲେ। ଯାତ୍ରା ଅତ୍ୟନ୍ତ କଠିନ ଓ ବିପଦପୂର୍ଣ୍ଣ କହି ସତ୍ୟବାନ ତାଙ୍କୁ ସାଙ୍ଗରେ ନେବାକୁ ରାଜି ନହେଲେ ମଧ୍ୟ ସାବିତ୍ରୀ ତାଙ୍କ କଥା ନମାନି ଜଙ୍ଗଲକୁ ଗଲେ। ଜଙ୍ଗଲରେ ସତ୍ୟବାନ ଅସ୍ୱସ୍ତିବୋଧ କରିବାରୁ ସାବିତ୍ରୀଙ୍କ କୋଳରେ ମୁଣ୍ଡ ରଖିଲେ। ଦେହ ଖୁବ ଦୁର୍ବଳ ଲାଗୁଥାଏ, ମୁଣ୍ଡ ବୁଲାଇ ଦେଉଥାଏ। ସାବିତ୍ରୀଙ୍କୁ କହିଲେ, ପ୍ରିୟେ! ଦେହ ଓ ମନ ଜମା ଭଲ ଲାଗୁନି, ମୋର ଭାରି ଇଚ୍ଛା ହେଉଛି ତୁମ କୋଳରେ ଟିକେ ଶୋଇଯିବାକୁ। ବିଚଳିତ ହୋଇ ସାବିତ୍ରୀ ସତ୍ୟବାନଙ୍କ ମସ୍ତକକୁ ନିଜ କୋଳରେ ରଖିଲେ। ସତ୍ୟବାନ ଝାଉଁଳି ପଡ଼ିଥା'ନ୍ତି ସାବିତ୍ରୀଙ୍କ କୋଳରେ। ସାବିତ୍ରୀ ସତ୍ୟବାନଙ୍କ କପାଳକୁ ଆଉଁସି ଦେଉଥାନ୍ତି। ଏହି ସମୟରେ ସତ୍ୟବାନଙ୍କ ପ୍ରାଣହାନୀ ଘଟିଲା। ମାତ୍ର ସାବିତ୍ରୀଙ୍କ ନିଷ୍ଠା ଓ ପତିବ୍ରତା ବଳରେ ଯମଙ୍କ ନିକଟରୁ ନିଜ ସ୍ୱାମୀଙ୍କୁ ଫେରାଇ ଆଣିପାରିଥିଲେ। ସାବିତ୍ରୀଙ୍କ ପ୍ରେମ ଓ ଭଲପାଇବା ଆଗରେ ହାର୍ ମାନି ଯମରାଜ ସତ୍ୟବାନଙ୍କ ଜୀବନ ଫେରାଇ ଦେଇଥିଲେ। ସେବେଠାରୁ ସ୍ୱାମୀଙ୍କ ସୁସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁଷ କାମନା କରି ସଧବା ସ୍ତ୍ରୀମାନେ ସାବିତ୍ରୀବ୍ରତ/ଓଷା ପାଳନ କରିଆସୁଛନ୍ତି।

ସାବିତ୍ରୀ ବ୍ରତ / ଓଷା କରିବା ପାଇଁ ଗାଁରୁ ସହର ସବୁଠି ଚଳଚଞ୍ଚଳ ହୋଇ ଉଠେ। ଫଳ ଦୋକାନରେ ଫଳର ବେଶ୍ ଚାହିଦା ଥିବାରୁ ବ୍ୟବସାୟୀମାନେ ଭଲ ଲାଭବାନ ହୁଅନ୍ତି। ସେହିପରି ଲୁଗା ଦୋକାନ ଏବଂ ଷ୍ଟେସନାରୀ ଦୋକାନରେ ମଧ୍ୟ ମହିଳାମାନଙ୍କର ଭିଡ଼ ଦେଖିବାକୁ ମିଳିଥାଏ। କିନ୍ତୁ ଜଙ୍ଗଲଜାତ ଦ୍ରବ୍ୟ ଯେପରିକି କେନ୍ଦୁ, କୁସୁମ, ଚାର, ହରିଡ଼ା, ବାହାଡ଼ା, ଖଜୁରୀ, ଶାଳ, ଆମ୍ବ, ପିଜୁଳି ଓ ପଣସର ଚାହିଦା ଅଧିକ। କାରଣ ପୌରାଣିକ କିମ୍ବଦନ୍ତୀ ଦୃଷ୍ଟିରୁ ଜଙ୍ଗଲଜାତ ଦ୍ରବ୍ୟ ଆହାର କରି ସାବିତ୍ରୀ ବଞ୍ଚିଥିଲେ। ତେଣୁ ବ୍ରତ/ଓଷା କରିବା ସମୟରେ ଜଙ୍ଗଲଜାତ ଦ୍ରବ୍ୟର ଚାହିଦା ବୃଦ୍ଧିପାଇଛି। ତେବେ ଏହିସବୁ ଫଳକୁ ସ୍ଥାନୀୟ ଅଧିବାସୀ ଜଙ୍ଗଲରୁ ସଂଗ୍ରହ କରି ବଜାରକୁ ଆଣି ବିକ୍ରି କରଥାନ୍ତି। ଏସବୁ ଚିଜ ବଜାରରୁ ନେଇ ବ୍ରତ/ଓଷା ଦିନ ସଧବା ସ୍ତ୍ରୀମାନେ ସକାଳୁ ପୂଜାଥାଳି ସଜେଇବା ସହ ନିଜେ ଶଙ୍ଖା ସିନ୍ଦୁର ରଙ୍ଗବେରଙ୍ଗର ଶାଢୀ ପିନ୍ଧି ମନ୍ଦିର ଯାଇଥାନ୍ତି। ନିର୍ଜଳା ବ୍ରତ କରି ସେଠାରେ ପୂଜାର୍ଚ୍ଚନା କରିଥାନ୍ତି। ଏହି ବ୍ରତ/ଓଷା କରିବାଦ୍ୱାରା ଆର୍ଥିକ, ପାରିବାରିକ ଏବଂ ଦାମ୍ପତ୍ୟ ସୁଖପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ। କୌଣସି ଆକସ୍ମିକ ରୋଗରୁ ମୁକ୍ତି ମିଳେ ଓ ନାରୀଟିଏ ଅଖଣ୍ଡ ସୌଭାଗ୍ୟ ଲାଭ କରିଥାଏ।

ସତ୍ୟଯୁଗର ସାବିତ୍ରୀ ଓ ସତ୍ୟବାନ ନେଇ କାହାଣୀକୁ ବର୍ତ୍ତମାନ ସମୟରେ ହୁଏତ ଅନେକ ଲୋକମାନେ ବିଶ୍ୱାସକୁ ନେଇ ନପାରନ୍ତି। ତଥାପି ସାବିତ୍ରୀ ପରି ଜଣେ ଅସାମାନ୍ୟା ସଧବା ସ୍ତ୍ରୀଙ୍କର ସ୍ୱାମୀ ପ୍ରତି ଯେଉଁ ନିଷ୍ଠା, ତ୍ୟାଗ, ପ୍ରେମ, ସତ୍ୟାନୁରାଗ ରହିଥିଲା, ତାହା ଯୁଗେଯୁଗେ ଭାରତୀୟ ନାରୀ ସମାଜରେ ଆଦର୍ଶ ବାଣୀରେ ଅନୁରଣିତ ଅନୁରାଗ ହୋଇ ରହିବ।

ଦୁର୍ନୀତି ନିବାରଣ ଅଧିକାରୀ,
ଦୁର୍ନୀତି ନିବାରଣ ବିଭାଗ,
ବାଲେଶ୍ୱର ଖଣ୍ଡ, ବାଲେଶ୍ୱର,
ମୋ-୯୩୩୭୪୦୪୨୫୪

# ବିପ୍ଳବୀ ଜନନେତା ପର୍ଶୁରାମ ହରିଚ଼ନ୍ଦନ

ବିଶ୍ୱବିଜୟୀ ଦାଶ

ପୂଣ୍ୟତୋୟା ଭାରତରେ ଓଡ଼ିଶା, କଳା, ସାହିତ୍ୟ ଓ ସଂସ୍କୃତି ର ମହାନ ମିଳନ ସ୍ଥଳ।ନିଜସ୍ୱ ପ୍ରତିଭା ବଳରେ ଅନେକ ପ୍ରଥିତଯଶା ଓ ସିଦ୍ଧପୁରୁଷ ମାନେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଜନ୍ମନେଇ ଏ ମାଟିକୁ ମହିମା ମଣ୍ଡିତ କରିଛନ୍ତି। ସେହିଭଳି ଜଣେ ତେଜସ୍ୱୀ ପୁରୁଷ ପର୍ଶୁରାମ ହରିଚ଼ନ୍ଦନ ଗମ୍ଭାରିମୁଣ୍ଡା ଅଞ୍ଚଳରେ ଜନ୍ମ ନେଇଥିଲେ। ତାଙ୍କ ସାହିତ୍ୟ ସାଧନା, ସମାଜସେବା,ରାଜନୈତିକ ମୂଲ୍ୟବୋଧ ଓ ସ୍ୱାଧିନତା ଆନ୍ଦୋଳନ ର ବାର୍ତ୍ତା ଅବିଭକ୍ତ ପୁରୀ ଜିଲ୍ଲା କୁ ଉଦଭାଷିତ କରିବା ସହିତ ସମଗ୍ର ଉତ୍କଳ କୁ ଉଦଭାଷିତ କରିଥିଲା। ବଣ ଜଙ୍ଗଲ ପରିବେଷ୍ଟିତ, ଅନ୍ଧାରି ମୂଳକ ଗମ୍ଭାରିମୁଣ୍ଡା ପାଇଁ ସେ ଥିଲେ ଆଲୋକବର୍ତ୍ତିକା। ବ୍ୟକ୍ତିଗତ ଜୀବନର ସୁଖ, ସ୍ୱାଚ୍ଛନ୍ଦ୍ୟ, ସାହିତ୍ୟ ସାଧନା ଓ ରାଜନୀତି କୁ ପଛରେ ପକାଇ ସେ ଏ ଅଞ୍ଚଳ ନିର୍ମାଣ ରେ ହେଲେ ବ୍ରତୀ। ଗମ୍ଭାରୀମୁଣ୍ଡା ପ୍ରାଥମିକ ସ୍କୁଲ, ମାଇନର ସ୍କୁଲ, ହାଇସ୍କୁଲ, ପୋଷ୍ଟ ଅଫିସ୍, କୋପରିଟିଭ ସୋସାଇଟି, ଡ଼ାକ୍ତରଖାନା, ପଶୁ ଡ଼ାକ୍ତରଖାନ, ସୁନାଖଳା ଛକ ଠାରୁ ଆୟତପୁର ଛକ ପର୍ଯ୍ୟନ୍ତ ରାସ୍ତା ସବୁ ତାଙ୍କର ଅବଦାନ।

ଗମ୍ଭାରିମୁଣ୍ଡା ଅଞ୍ଚଳ ର ସାମୂହିକ ବିକାଶ ପାଇଁ ଅଞ୍ଚଳ ର ଯୁବଗୋଷ୍ଠୀ ଙ୍କୁ ନେଇ ପର୍ଶୁରାମ ହରିଚ଼ନ୍ଦନ ଖଜୁରିଆ ଗ୍ରାମରେ ଏକ କ୍ଲବ ପ୍ରତିଷ୍ଠା କରିଥିଲେ,ଯାହାର ନାମ ରଖାଯାଇଥିଲା 'ଘକ୍ଷଭଷ୍ୱରଭଷ୍ୱର ଚବକ୍ଷବୟସଷ୍ୱର'। ଏହି କ୍ଲବ ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜସେବା ସହ ଅଞ୍ଚଳ ର ସାମଗ୍ରିକ ବିକାଶ।ପରବର୍ତ୍ତୀ ସମୟରେ ଗମ୍ଭାରିମୁଣ୍ଡା ଠାରେ ତାଙ୍କ ନେତୃତ୍ୱରେ 'ଗାନ୍ଧୀ କୁଟୀର' ସ୍ଥାପନ ହୋଇଥିଲା।ସେହି ସମୟରେ ପର୍ଶୁରାମ ହରିଚ଼ନ୍ଦନ ଙ୍କ ନେତୃତ୍ୱରେ ଯୁବ ଅନୁଷ୍ଠାନ 'ପଲ୍ଲୀ ସଂସ୍କୃତି କଳା ପରିଷଦ' ଗଢ଼ି ଉଠିଥିଲା।ଏହି କଳା ପରିଷଦ କେବଳ ଯେ କଳା ଚ଼ର୍ଚ୍ଚାର କେନ୍ଦ୍ରବିନ୍ଦୁ ଥିଲା ତାହା ନୁହେଁ,ବରଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମାଧ୍ୟମରେ ଗୋଟିଏ ସାମାଜିକ ଆନ୍ଦୋଳନ ସୃଷ୍ଟି କରି ଅନେକ ଯୁବ କଳାକାର, ସମାଜସେବୀ ଓ ଯୁବ କର୍ମଯୋଗୀ ସେ ଗଢ଼ିପାରିଥିଲେ। ଗମ୍ଭାରିମୁଣ୍ଡା ଅଞ୍ଚଳରେ ଶିକ୍ଷାର, ସ୍ୱାସ୍ଥ୍ୟର, ରାସ୍ତାଘାଟର ଏବଂ ସର୍ବୋପରି ସଂସ୍କୃତିର ବିକାଶ ପାଇଁ ଅହରହ ଚ଼େଷ୍ଟା ଚ଼ଳାଇଥିଲେ।ପର୍ଶୁରାମ ହରିଚ଼ନ୍ଦନ ସର୍ବ ପ୍ରଥମେ ଗମ୍ଭାରୀମୁଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ପରବର୍ତ୍ତୀ ସମୟରେ ବାଣପୁର ବ୍ଲକ ର ଅଧକ୍ଷ ହେଲେ, ତା'ପରେ ପୁରୀ ଜିଲ୍ଲା ପରିଷଦର ଉପସଭାପତି ହେଲେ। ବାଣପୁର ବ୍ଲକ ର ଅଧକ୍ଷ ଥିବାବେଳେ ବାଣପୁର ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ବିକାଶ ଓ ଉନ୍ନତି କରିଥିଲେ।ସେ ଜନସାଧାରଣଙ୍କ ସମସ୍ୟା ର ସମାଧାନ କରୁଥିଲେ।

ଶିକ୍ଷାର ଉନ୍ନତି କଳ୍ପେ ପର୍ଶୁରାମ ହରିଚ଼ନ୍ଦନ ପ୍ରାଣାନ୍ତକ ଉଦ୍ୟମ କରି ସ୍ୱର୍ଗତ ଭାଗିରଥି ମାଲୁଙ୍କ ଅର୍ଥ ଓ ଅନ୍ୟ ସମାଜସେବୀ ବନ୍ଧୁ ମାନଙ୍କ ସହଯୋଗରେ ଗମ୍ଭାରିମୁଣ୍ଡା ଠାରେ ପତିତପାବନ ବାଣୀ ମନ୍ଦିର ନାମକ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ।

ସେ ବି ଜଣେ ଜାତୀୟତାବାଦୀ ନାଟ୍ୟକାର। ସେ ଅନେକ ନାଟକ ରଚ଼ନା କରିଥିଲେ। ସେହି ନାଟକ ମଧ୍ୟରେ 'ବିପ୍ଳବୀ କୃତ୍ତିବାସ', 'ଛିନାଙ୍ଗୀ', 'ଅଭିଶପ୍ତ ଦୁର୍ଗ', 'ଦିଗବିଜୟୀ କପିଳେନ୍ଦ୍ର'।

ତାଙ୍କରି ନାଟକ ଓଡ଼ିଆ ପ୍ରାଣରେ ପ୍ରବଳ ଦେଶାତ୍ମବୋଧ ଓ ରୋମାଞ୍ଚ ସୃଷ୍ଟି କରେ।

ବିପ୍ଳବୀ ବୀର କୃତ୍ତିବାସ ଙ୍କୁ ବିସ୍ମୃତ ଗର୍ଭରୁ ଆଲୋକକୁ ଆଣିବା, ଓଡ଼ିଆଜାତି ପାଇଁ ପର୍ଶୁରାମ ହରିଚ଼ନ୍ଦନଙ୍କର ସର୍ବଶ୍ରେଷ୍ଠ ଅବଦାନ।ଯଦି ପର୍ଶୁରାମ ହରିଚ଼ନ୍ଦନଙ୍କ ବଳିଷ୍ଠ ଲେଖନୀରୁ ନିସୃତ ଐତିହାସିକ ଗବେଷଣା ସମ୍ବଳିତ କୃତ୍ତିବାସଙ୍କ ଜୀବନୀ ସମ୍ପର୍କୀତ ନିବନ୍ଧ ୧୯୫୦ ମସିହା ଡ଼ିସେମ୍ବର ମାସର ଝଙ୍କାର ପତିକ୍ରାରେ ପ୍ରକାଶ ପାଇନଥାନ୍ତା, ହୁଏତ ଇତିହାସର ଅତଳ ଗର୍ଭରେ ଓଡ଼ିଆ ଜାତିର ଏହି ଅନନ୍ୟ ବୀର ଙ୍କ ରକ୍ତରଞ୍ଜିତ ଇତିହାସ ଚ଼ିର ଦିନ ପାଇଁ ସମାଧି ଲଭିଥାନ୍ତା।

'ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ'। ମୃତ୍ୟୁଟା ଅତ୍ୟନ୍ତ ବାସ୍ତବ ଏବଂ ଧ୍ରୁବ ସତ୍ୟ।ଜନ୍ମ ଏବଂ ମୃତ୍ୟୁ ବିଧି ଅଭିପ୍ରେତ।କାଳଜୟୀ ପୁରୁଷ ମୃତ୍ୟୁର କଠୋରତା ମଧ୍ୟରେ ଅବଲୀନ ହେଲେ ମଧ୍ୟ ତାର ସାଧନା,ସିଦ୍ଧି ଏବଂ ସୁକୃତ ପାଇଁ ସେ ଯେପରି ଅମର ରହେ,ପର୍ଶୁରାମ ହରିଚ଼ନ୍ଦନ ସେହିପରି ତାଙ୍କର ସାଂସ୍କୃତିକ ପ୍ରତିଷ୍ଠା,ସାମାଜିକ ପରିଚ଼ିତ,ରାଜନୈତିକ ପାରଦର୍ଶିତା ଏବଂ ସମାଜସେବାର ପରାକାଷ୍ଠା ନିମନ୍ତେ ଯେଉଁ ଅଙ୍ଗୀକାରବଦ୍ଧତା ଆମ ଅଞ୍ଚଳର ପ୍ରତ୍ୟେକ ମଣିଷ ନିକଟରେ ଛାଡ଼ି ଚ଼ାଲି ଯାଇଛନ୍ତି ସେଥିପାଇଁ ଆମ ଅଞ୍ଚଳର ପ୍ରତିଟି ମଣିଷ ନିକଟରେ ଯୁଗେ ଯୁଗେ ଅମର ହୋଇରହିଥିବେ - ଏଥିରେ ଦ୍ୱିମତ ନାହିଁ।

ଦିନ ଯାଏ,ଚ଼ିହ୍ନ ରହେ।ସ୍ମୃତିର ପାଉଁଶ ତଳୁ ମିଳିବ ଅସତ୍ୟ ସହରର ଅନେକ କାହାଣୀ-କିମ୍ବଦନ୍ତୀ,ମିଳିବ ଅନେକ କାଳ୍ପନିକ ଚ଼ିତ୍ରପଟ,କିନ୍ତୁ ମିଳିବନି ବାସ୍ତବ ମଣିଷର ଅଭୁଲା-ଅପାଶୋରା ମୁହଁଟିଏ।

ସେହି ଯୁଗପୁରୁଷ ୧୯୭୭ ମସିହା ମଇ ୨୬ ତାରିଖ ରେ ଏ ଦୁନିଆ ଛାଡ଼ି ଚ଼ାଲିଗଲେ।

ସେ ଏକାଧାରାରେ ଜଣେ ସୁସଂଗଠକ,ଯୋଗଜନ୍ମା ନାଟ୍ୟକାର, ବିଶିଷ୍ଟ ରାଜନୀତିଜ୍ଞ,ନିସ୍ୱାର୍ଥପର ଜନସେବକ,ସୁପରାମର୍ଶଦାତା,ସ୍ୱାଧିନତା ସଂଗ୍ରାମୀ ଓ ଓଡ଼ିଆ ସାମରିକ ଇତିହାସ ଓ ପରମ୍ପରା ର ତେଜୋଦୀପ୍ତ ନକ୍ଷତ୍ର ପର୍ଶୁରାମ ହରିଚ଼ନ୍ଦନ ଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ।

+ସମ୍ପାଦକ
ବ୍ରଜବିଳାସ ସାହିତ୍ୟ ପତ୍ରିକା
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮

## ସାବିତ୍ରୀ ବ୍ରତ ଯମରାଜା ବିବ୍ରତ

ନୂତନ କୁମାର ବେହେରା

ପିନ୍ଧି ଦାମୀ ଶାଢ଼ୀ ଶଙ୍ଖା ଚୁଡ଼ି ସିନ୍ଦୂର କଜ୍ଜଳ
ଦେଇ ମିଠା ମିଠା ମହଙ୍ଗା ବଜାରର ଫଳମୂଳ
ପୂଜା କରି ଯମରାଜାଙ୍କୁ କଲେ ସନ୍ତୁଷ୍ଟ
ହେବ ନାହିଁ ବୋଲି ଦାମ୍ପତ୍ୟ ଜୀବନେ ଅନିଷ୍ଟ
ପ୍ରସନ୍ନ ହୋଇ ଜନ୍ତୁପତି ଆସିଲେ ମର୍ତ୍ତ୍ୟପୁର
କହିଲେ...ହେ ସାବିତ୍ରୀ ! ମାଗ ଇଚ୍ଛା ମତେ ବର
କରିବି ପ୍ରଦାନ...ମାଗ ବାରେ ନକରି ସଂକୋଚ
ସର୍ବନିମ୍ନ ମାଗି ପାର ବର ତିନିରୁ ପାଞ୍ଚ
ଯମଙ୍କ ବାଣୀ ଶୁଣି ସତୀ ଶିରୋମଣି ରମଣୀ
ଉତ୍ସାହିତ ହୋଇ ସରାଗେ ମାଗିଲେ ପାଞ୍ଚ ବର
ଏକରେ ମାଗିଲେ ସ୍ୱାମୀ ତାର ମଦ୍ୟପ
ନିତି ତଣ୍ଟି ଯାଏ ପିଇ ଘରେ ଆସି କରେ ପ୍ରଳାପ
କହିଲେ କିଛି ଭଲ ମନ୍ଦରେ ହୁଏ ଖାଲି ଠିଆପାଲା
ଘରୁ ଦାଣ୍ଡ ଯାଏଁ ଗଡ଼ି ଗଡ଼ି ଯାଏ ବଡ଼େ ଝାମେଲା
ହୁଏ ପିଟାମରା ରକ୍ତାକ୍ତ ଭୟାନକ କାଣ୍ଡ
ହୋଇ ବି ପତିବ୍ରତା ନାରୀ ଭୋଗୁଛି ସେ ଦଣ୍ଡ
ସହିବାକୁ ହେଉଛି ନିତି ଅକଥନୀୟ ଅତ୍ୟାଚାର
ସ୍ୱାମୀ ମୋର ହେଉ ନିଶାମୁକ୍ତ ଦିଅ ଏହି ବର
ଦ୍ୱିତୀୟରେ ସ୍ୱାମୀ ପର ନାରୀ ପାଶେ ହୁଏ ବଶ
ବୁଝେ ନାହିଁ ମନ ମୋର କରେ ଅବିଶ୍ୱାସ
ଜୁଆ ଖେଳି କରି ଧପାବାଜୀ ସାଜେ ବାବାଜୀ
କହେ ତୁଚ୍ଛା ମିଛ ଛଳନା ବାହାନା କରେ ଅନେକ
କଥା କଥାରେ ମର୍ଦ୍ଦାଙ୍ଗୀ ଦେଖାଇ ମାରେ ବାଜି
ସତ୍ୟ ଧର୍ମ ପଥେ ଚାଲିବାକୁ ହୁଏନା ରାଜି
ତାକୁ ଶାନ୍ତ ଶିଷ୍ଟ ନମ୍ର ଭଦ୍ର କରି ଦିଅ ହେ ଆଜି
ତୃତୀୟରେ ମାଗୁଛି ମୁଁ ଏହି ବର ମନେ ହେଜ
ସ୍ୱାମୀ ସ୍ତ୍ରୀ ହୋଇ ବଞ୍ଚି ରହିବା ହେଉନି ସହଜ
ଠକ ଅଳସୁଆ ହୋଇ ମୋ ସ୍ୱାମୀ ରହେ ବସି
ଅଭାବ ଅନାଟନରେ ଯାଏ ବିଦେଶ ଦାଦନ ଖଟି
ଭୁଲିଯାଏ ମୋର କଥା ବର୍ଷ ବର୍ଷ ଘରକୁ ନ ଆସି
ଦିନ ବିତେ ରାତି ବିତେ ତାର ବାଟ ଚାହିଁ ଚାହିଁ
ଶୁଣେନା କେହି ଆଖି ମଳି କାନ୍ଦିଲେ କଇଁ କଇଁ
ଦିଅ ଏ ବର କର୍ମଠ ହେବେ ଭବିଷ୍ୟତ ପାଇଁ
ଚତୁର୍ଥରେ ମାଗୁଛି ମୁଁ ପରିବାରର ଶାନ୍ତି ସୁଖ
ଭାଇ ଭାଇ କରନ୍ତି କଳହ ଘର ଯାଏ ଭାଙ୍ଗି
ଭାଗ ବଣ୍ଟାରେ ହୁଅନ୍ତି ଅସନ୍ତୁଷ୍ଟ ସାଜନ୍ତି ଭଗାରି
ଦିଅ ହେ ବର ମିଶି ଚଳିବେ ଏକ କଥାରେ ମଙ୍ଗି
ଶେଷରେ ମାଗୁଛି ମୁଁ ପଞ୍ଚମ ବର ରଖିବ ନିଶ୍ଚୟ
ଜୀବନର ମୂଲ୍ୟ କ'ଣ ନବୁଝି ମୁଢ଼ ପଣରେ
ସ୍ୱାମୀ ମୋର ଯାଏ ଅପଥରେ ହୋଇ ନିର୍ଦ୍ଦୟ
ପିତା ମାତା ଶାଶୁ ଶଶୁରଙ୍କୁ ଦିଏନା ସମ୍ମାନ
ଆଖି ଆଗରେ ଛଟପଟ ହୁଅନ୍ତି ନିତିଦିନ
ତାଙ୍କର ଅସହାୟ ଅବସ୍ଥାରେ କରେ ହତାଦର
ହସ ଖୁସି ଆନନ୍ଦ ସବୁ ହଜିଯାଏ ନର୍କ ହୁଏ ଘର
ଦିଅ ଏହି ବର ଘର ପରିବାର ହେଉ ଏକ ମନ୍ଦିର
ଶୁଣି ଧର୍ମରାଜ ସ୍ଥାଣୁ ପ୍ରାୟେ ହେଲେ ସ୍ତମ୍ଭୀଭୂତ
ସାବିତ୍ରୀ ବ୍ରତରେ ଯମରାଜା ହେଲେ ବିବ୍ରତ
ତଥାସ୍ତୁ କହିବାକୁ ନ ସ୍ଫୁରିଲା ମୁଖରୁ ଶବଦ
କି ବର କରିବେ ପ୍ରଦାନ ମଣିଲେ ପ୍ରମାଦ
ପୁନଶ୍ଚ କହିଲେ ଏ ସବୁ ବର ଯେବେ ନ ଦେବ
ମୋ ସଂସାରରେ ଚିରଦିନ ଦୁଃଖ କଷ୍ଟ ରହିବ
ନାରୀ ଜନ୍ମି ଅସୁରକ୍ଷିତ ହୋଇ ଭୋଗୁଛି କଷଣ
ସ୍ୱାମୀର ଜୀବନ ରଖି ନିଅ ମୋର ଜୀବନ
ହସି ହସି ବରି ନେବି ସଧବାରେ ମୋ ମରଣ
ଧର୍ମରାଜ ଜନ୍ତୁପତି କହିଲେ ଶାନ୍ତ ନମ୍ର ଭାବରେ
ଅଧିର ଅସ୍ଥିର ହୁଅ ନାହିଁ ହେ ସତୀ ସାବିତ୍ରୀ
ସୁକର୍ମ କରି ଜୀବନ ପଥରେ ହୁଅ ଯାତ୍ରୀ
ନିମିଷେ ଥିଲେ ପ୍ରାଣ ନେଇ ମୁଁ ପାରେନା କେବେ
ଦୈବର ବିଧାନରେ ନିଏ ଆୟୁଷ ପୂରେ ଯେବେ
ସତ୍କର୍ମ କରି ଚାଲିଥିଲେ ଖଣ୍ଡନ ହେବ ପ୍ରାରବ୍ଧ
ପାର୍ଥିବ ଦୁଃଖ ଦୂର ହେବାକୁ ନ ରହିବ ବାଧ
ଭାବ ଭକ୍ତିରେ ରହି କରୁଥାଅ ସଦା ଶୁଭଭାବନା
ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ କରନା ପ୍ରବଞ୍ଚନା
ଆଜିର କ୍ଳେଶ କାଲିକୁ ନଥିବ ଘୁଞ୍ଚିବ ବିଡମ୍ବନା
ପୂରଣ ହେବ ତୁମର ସବୁ ଆଶା ସ୍ୱପ୍ନ ସମ୍ଭାବନା
ତହୁଁ ଯମରାଜ ହେଲେ ନିମିଷକେ ଅନ୍ତର୍ଦ୍ଧାନ
ଅବଚେତନରୁ ସାବିତ୍ରୀ ହୋଇଲେ ସଚେତନ
ସାବିତ୍ରୀ ଅମାବାସ୍ୟାର କରୁଥିଲେ ମୂଲ୍ୟାୟନ...।

+କୋହି,ବାରିପଦା,ମୟୂରଭଞ୍ଜ,
ମୋ: ୮୦୧୮୩୫୩୩୨୨

## ବଟବୃକ୍ଷ ପୂଜନ !

ଅଜିତ କୁମାର ରାଉତ

ନାରୀ ପତିବ୍ରତା ସାବିତ୍ରୀ କରିବ
ଆନନ୍ଦ ହେଉଛି ଅତି
ବଟ ବୃକ୍ଷ ମୂଳେ କରିବ ପୂଜନ
ଦୀର୍ଘାୟୁ ହୋଇବେ ପତି !
ନୈବେଦ୍ୟ ଥାଳି ଟି ସଜ୍ଜିତ କରିବ
ନୂଆ ଶାଢୀ ଦେବ ପୁଣି
ଅର୍ପଣ କରିବ ବଟ ଦେବତାଙ୍କୁ
ପୂଜାର ବିଧାନ ଜାଣି !
ଦିଅଁଙ୍କର ସ୍ଥାନ ଅଟେ ବଟ ବୃକ୍ଷ
ଜାଣିବାର ଦରକାର
ଆଶିଷ କରନ୍ତି ପତିବ୍ରତା ନାରୀ
ମଙ୍ଗଳା ହୁଏ ସ୍ୱାମୀର !
ଗାଆଁରୁ ସହର ଶାଢ଼ୀର ବଜାର
ବିଭିନ୍ନ ରଙ୍ଗର ଶାଢ଼ୀ
ଫୁସୁରୁ ଫୁସୁରୁ ହେଉଛନ୍ତି ନାରୀ
ବ୍ରତରେ କିଣିବେ ଶାଢ଼ୀ !
ସ୍ୱାମୀଙ୍କ ସଙ୍ଗରେ ଯିବେ ବଜାରକୁ
ଦୁଇ ଯେ ଶାଢ଼ୀ ଆଣିବେ
ସୁଦଶା ସାବିତ୍ରୀ ବ୍ରତ ଆଗପଛ
ବ୍ରତରେ ନୂଆ ପିନ୍ଧିବେ !
ପିନ୍ଧି ସୂତା ବସ୍ତ୍ର ଲକ୍ଷ୍ମୀଙ୍କୁ ପୂଜିଲେ
ଗୃହ ଲକ୍ଷ୍ମୀ ପୂର୍ଣ୍ଣ ହୁଏ
ସମର୍ପଣ ଶାଢ଼ୀ ସାବିତ୍ରୀ ବ୍ରତରେ
ବିପଦ ଘୁଞ୍ଚେଇ ଦିଏ !
ଉନ୍ନତିର ମାର୍ଗ ଆବିର୍ଭାବ ହୁଏ
କରୁଣା ବଟ କରନ୍ତି
ବିନ୍ଧି ଭକ୍ତି ଚିତ୍ତେ ସାବିତ୍ରୀଙ୍କ ଶାଢ଼ୀ
ପତି ଚରଣ ସେବନ୍ତି !
ସ୍ମୃତି ସାବିତ୍ରୀଙ୍କ ଅନ୍ତର୍ଗତେ ରଖି
କର୍ତ୍ତବ୍ୟ କରି ନିଜର
ସ୍ୱାମୀଙ୍କ ମନରେ ଆଘାତ ନ ଦିଏ
ପତ୍ନୀ ଧର୍ମ କର୍ତ୍ତବ୍ୟର !
ଛାୟା ହୋଇ ସଦା ଚାଲୁଥିବ ପତ୍ନୀ
ସ୍ୱାମୀ ତା'ର ସର୍ବୋପରି
ସଂସ୍କୃତି ସଂସ୍କାର ସନ୍ତାନଙ୍କୁ ଦେବ
ସାବିତ୍ରୀ ସ୍ମୃତିକୁ ଧରି !
ହେ ବଟ ଦେବତା ଶକ୍ତି ଦିଅ ମୋତେ
ପତ୍ନୀ ଧରମ ପାଳିବି
ମର୍ତ୍ତ୍ୟ ପୁରେ ଜନ୍ମି ନାରୀର ମର୍ଯ୍ୟାଦା
ସାବିତ୍ରୀ ପରି ରଖିବି !

+ କଳାବାଡିଆ,
ରାଜନଗର, ଷଢ଼େଇକଳା,
ଖରସୁଆଁ, ଝାଡ଼ଖଣ୍ଡ
ମୋ: ୬୨୦୫୩୪୩୫୬୯

## ସାବିତ୍ରୀ ବ୍ରତ

ଧନୁର୍ଯ୍ୟ ମାଝୀ

ଜଣେ ସ୍ୱାମୀ ନାରୀ ପାଇଁ
ଜୀବନର ଭଗବାନ
ଜଣେ ସ୍ୱାମୀ ନାରୀ ପାଇଁ
ବାଟ ଚାଲିବାର ଦେବତା ।
ଜଣେ ସ୍ତ୍ରୀ ସ୍ୱାମୀ ପାଇଁ
ଜୀବନର ମହାଲକ୍ଷ୍ମୀ
ଜଣେ ସ୍ତ୍ରୀ ସ୍ୱାମୀ ପାଇଁ
ବାଟ ଚାଲିବାର ମହାଦେବୀ ।
ଜଣେ ସ୍ତ୍ରୀର ମନ ଅଧୁରା ହୁଏ
ଯେତେବେଳେ ସ୍ୱାମୀ ସ୍ତ୍ରୀକୁ
ଛାଡି ବାହାରକୁ ଚାଲିଯାଇଥାଏ,
ଜଣେ ସ୍ୱାମୀର ମନ ଭଲ ଲାଗେନାହିଁ
ଯେତେବେଳେ ସ୍ତ୍ରୀ ସ୍ୱାମୀ
ପାଖେ ନ ଥିଲେ।
ଜଣେ ସ୍ତ୍ରୀ ନିଜ ଜୀବନକୁ ବଳିଦାନ ଦେଇ
ନିଜ ସ୍ୱାମୀ ପାଇଁ ସବୁକିଛି କରି ପାରେ
ଚାହିଁଲେ ଜଣେ ନାରୀ ଘର ଭାଙ୍ଗି ପାରେ
ଓ ଚାହିଁଲେ ସୁନ୍ଦର ପରିବାର ଗଢି ପାରେ
ନାରୀ ପାଖେ ଅଛେ
ଅନେକ ଯାଦୁର ଗନ୍ତାଘର ।
ଗଢିବାର ସୁନ୍ଦରତକୁ ନେଇଁ ସ୍ତ୍ରୀ ଅନେକ
ସ୍ୱପ୍ନ ମଧ ଦେଖେ
ଓ ସ୍ୱାମୀର ମଙ୍ଗଳ ପାଇଁ ସ୍ତ୍ରୀ
ଅପେକ୍ଷା ରେ ଥାଏ
ସ୍ୱାମୀର ଦୀର୍ଘାୟୁ ଜୀବନକାମନା ପାଇଁ
ଭଗବାଙ୍କ ନିକଟରେ ପ୍ରଣିପାତ କରିବାକୁ
ସେହି ଗୁରୁତ୍ୱପୂର୍ଣ ଅମାବାସ୍ୟାକୁ
ସାବିତ୍ରୀ ବ୍ରତର ଫଗୁଣକୁ......
ଯଦି ସ୍ୱାମୀ ଥାଏ ସ୍ତ୍ରୀ କମ ଦାର
ଶାଢୀରେ ବି
ତା ହାତର ଶଙ୍ଖା ଓ ମଥାର ସିନ୍ଦୁରରେ
ବହୁତ ସୁନ୍ଦର ଦେଖା ଯାଏ ।
ସାବିତ୍ରୀ ବ୍ରତରେ ବାନ୍ଧିଦିଏ
ସ୍ୱାମୀ ସ୍ତ୍ରୀ ର ପ୍ରେମ ସମ୍ପର୍କ ଓ
ଜାବୁଡ଼ି ରଖେ ସାତ ଜନ୍ମର
ପ୍ରେମ ବନ୍ଧନ।

ବଣ୍ଡୋଗୁଡା(ଜୁନାଗଡ଼)କଳାହାଣ୍ଡି
ମୋ-୭୭୩୫୧୫୯୨୩୫

## ପବିତ୍ର ସାବିତ୍ରୀ ବ୍ରତ

ରାମଚନ୍ଦ୍ର ବେହେରା

ଆଜି ପରା ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା
ପବିତ୍ର ସାବିତ୍ରୀ ବ୍ରତ
ସଧବା ଗୃହିଣୀ ପାଳିବେ ଏ ବ୍ରତ
ରଖି ପୂର୍ଣ୍ଣ ଭକ୍ତିଚିତ୍ତ।
ଅତି ମହନୀୟା ଏ ବ୍ରତ କାହାଣୀ
ଦୂରାଏ ପରାଣୁ ଭୀତି
ବୈଧବ୍ୟ ଦଶାରୁ ମୁକ୍ତି ପାଏ ନାରୀ
ହୁଅଇ ସୌଭାଗ୍ୟବତୀ।
ଶଂଖା ଓ ସିନ୍ଦୁର ସଦା ଶୋଭା ପାଏ
ନରୁହେ ମନରେ ଭୟ
ମାଆର କୋଳରେ ସନ୍ତାନ ହସଇ
ଧର୍ମ ପ୍ରତି ଥିଲେ ଲୟ।
ମଦ୍ର ରାଜରାଣୀ ପାଳି ଏହି ବ୍ରତ
ପାଇଥିଲେ କନ୍ୟା ରତ୍ନ
ରାଜା ଅଶ୍ୱପତି ହୋଇଥିଲେ ଖୁସି
କୋଳରେ ପାଇ ସନ୍ତାନ।
କୌଶଲ୍ୟା ଦୁହିତା ସାବିତ୍ରୀ ନାମରେ
ଦୁନିଆଁରେ ହେଲା ଖ୍ୟାତ
ପ୍ରଭୁ ଜନ୍ତୁପତି ବରଦାନ ଦେଲେ
ପାଇଲା ସେ ଶତ ପୁତ୍ର।
ସଂକଟ କାଳରେ ଧର୍ମ ଯୁକ୍ତି ବଳେ
ପାଇଲା ସ୍ୱାମୀ ଜୀବନ
ସାବିତ୍ରୀଙ୍କ ନାମେ ଏ ବ୍ରତ ପାଳିଲେ
ମିଳିଥାଏ କୋଟି ପୁଣ୍ୟ।
ଶଂଖା ଓ ସିନ୍ଦୁର ନୂଆ ପରିଧାନେ
ଗୃହିଣୀ ପାଳିବେ ବ୍ରତ
ନଡ଼ିଆ କଦଳୀ ଆମ୍ବ ଓ ପଣସ
ଲାଗିବ ଫଳ ପ୍ରସାଦ।
ଲକ୍ଷ୍ମୀ ନାରାୟଣ ପୂଜିବେ ଗୃହିଣୀ
ମାନି ପରମ୍ପରା ନୀତି
ପ୍ରଭୁ ଖୁସି ହୋଇ ଢାଳିବେ ଆଶିଷ
ମିଳିବ ପରମ ଶାନ୍ତି।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୬୩୫୫୬୩୪୩୪୬

# ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ବୈଠକ ସଫଳତାର ସହିତ ଅନୁଷ୍ଠିତ: ଜିଲ୍ଲାର ବିକାଶ ନିମନ୍ତେ ସମନ୍ୱିତ ପ୍ରୟାସ ପାଇଁ ଆହ୍ୱାନ

ସୁବର୍ଣ୍ଣପୁର,୨୫/୫(ନି. ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟକୁ ନଜରରେ ରଖି ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ବୈଠକ ଆଜି ଜିଲ୍ଲା କିଲିଟାରୀ ସଭାକକ୍ଷରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସୁପାର ଠେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ବିଧାୟକ ବୀରମହାରାଜପୁର ଇଂ. ରଘୁନାଥ ଜଗଦଲା, ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଲ୍ଲାପରିଷଦ ଶ୍ରୀମତୀ ଅନନ୍ୟା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଅଶ୍ୱିନୀ କୁମାର ମେହେର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀ ଝସକେତନ ବଘାର, ସାଂସଦ ବଲାଙ୍ଗୀରଙ୍କ ପ୍ରତିନିଧି ଶରତ ଶତପଥି, ମାନ୍ୟବର ବିଧାୟକ ସୋନପୁରଙ୍କ ପ୍ରତିନିଧି ଅଶୋକ ନନ୍ଦ ତଥା ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ /ସଦସ୍ୟା, ସମସ୍ତ ବ୍ଲକ୍ ର ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକ ଆରମ୍ଭରେ ଜିଲ୍ଲାପାଳ ଶ୍ରୀମତୀ ଦାସ ସ୍ୱାଗତ ଉଦବୋଧନ ରଖି ବୈଠକର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ତାଙ୍କ ବକ୍ତବ୍ୟରେ ସେ ସମସ୍ତ ସଦସ୍ୟଙ୍କୁ ନିଜ ମତ ଓ ମତାମତ ଦେଇ ବୈଠକକୁ ସଫଳ କରିବା ପାଇଁ ଆହ୍ୱାନ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୁବର୍ଣ୍ଣପୁର ଶ୍ରୀ ମେହେର ବୈଠକରେ ଉପସ୍ଥିତ ପରିଷଦର ସମସ୍ତ ସଦସ୍ୟ ସଦସ୍ୟା, ବ୍ଲକ ଅଧ୍ୟକ୍ଷ ଅଧ୍ୟକ୍ଷା, ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖଙ୍କୁ ବୈଠକରେ ସ୍ୱାଗତ କରିଥିଲେ । ପରେ ପରେ ଅଧ୍ୟକ୍ଷାଙ୍କ ଅନୁମତିରେ ଗତ ଅନୁଷ୍ଠିତ ବୈଠକରେ ସଦସ୍ୟ ସଦସ୍ୟା ଙ୍କ ଦ୍ୱାରା ଆଗତ ବିଭିନ୍ନ ବିଭାଗୀୟ ନିଷ୍ପତି ଗୁଡିକର ଦୃଢ଼ୀକରଣ ନିମନ୍ତେ ବିବରଣୀ ଉପସ୍ଥାପନା କରିଥିଲେ। ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସୁପାର ଠେଲା ବୈଠକରେ ଉପସ୍ଥିତ ସମସ୍ତ ଜନପ୍ରତିନିଧି ତଥା ଅଧିକାରୀଙ୍କୁ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ଉପଯୁକ୍ତ ସମନ୍ୱୟ ରଖି ଯୋଜନା କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମାନ୍ୟବର ବିଧାୟକ ବୀରମହାରାଜପୁର ନିଜ ବକ୍ତବ୍ୟରେ ସରକାରଙ୍କ ପ୍ରତିଟି ଜନମଙ୍ଗଳ କାର୍ଯ୍ୟକ୍ରମର ସଫଳତାକୁ ତୃଣମୂଳ ସ୍ତରରେ କାର୍ଯ୍ୟନ୍ୱୟନ ପାଇଁ ସମସ୍ତ ଅଧିକାରୀଙ୍କୁ ନିଷ୍ଠାପୂର୍ଣ୍ଣ କାର୍ଯ୍ୟକରିବା ପାଇଁ ଆହ୍ୱାନ କରିଥିଲେ। ସେ ଯୋଜନାର ଗୁଣବତା, ପାରଦର୍ଶିତା ଓ ତ୍ରୁଟିରହିତ ନିଷ୍ପାଦନ ଉପରେ ଗୁରୁତ୍ୱ ଦେଇଥିଲେ। ଆଜିର ବୈଠକରେ ଗତ ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକର ବିବରଣୀକୁ ଅନୁମୋଦନ ନିମନ୍ତେ ଗୃହରେ ଆଗତ କରାଯାଇ ଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ପଂଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଏବଂ ପଂଚମ ରାଜ୍ୟ ଅର୍ଥ କମିଶନ ଦ୍ୱାରା ଜିଲ୍ଲା ପଞ୍ଚାୟତ ଉନ୍ନୟନ ଯୋଜନା ପାଇଁ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକୁ ଅନୁମୋଦନ ନିମନ୍ତେ ଗୃହରେ ଉପସ୍ଥାପନ କରାଯାଇଛି । ଏହି ଅବସରରେ ଜିଲ୍ଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ମେଘା ପାଇପ ଲାଇନ ପ୍ରକଳ୍ପର କାର୍ଯ୍ୟକାରିତା ତଥା ଗ୍ରାମ୍ୟଚଂଳ ପାନୀୟ ଜଳ ଯୋଗାଣ ସ୍ଥିତି ଓ କାର୍ଯ୍ୟକାରୀତା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ବିଦ୍ୟୁତ ବିଭାଗର କାର୍ଯ୍ୟକାରିତାର ଆଲୋଚନା କରାଯାଇଥିବା ବେଳେ ପି.ଡବ୍ଲୁ.ଡି. ବିଭାଗ, ଆର.ଡି.ବିଭାଗ ଦ୍ୱାରା ନିର୍ମାଣଧୀନ କୋଠା ବାଡ଼ି ସହ ରାସ୍ତା ଓ ପୋଲ ନିର୍ମାଣର ସ୍ଥିତି ଓ ଅଗ୍ରଗତି ତଥା ନୂତନ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିବା ବେଳେ କାର୍ଯ୍ୟ ପ୍ରକଳ୍ପର ସଠିକତା, ସ୍ୱଚ୍ଛତା ତଥା ଗୁଣବତାକୁ ଯାଂଚ୍ କରାଯିବା ପାଇଁ ଗୃହରେ ସଭ୍ୟ ସଭ୍ୟା ଗୁରୁତ୍ୱାରୋପ କରିଛନ୍ତି। ଜିଲ୍ଲା କୃଷି ଓ କୃଷକ ଶସକ୍ତିକରଣ ବିଭାଗ ଜରିଆରେ ଜିଲ୍ଲାରେ ମିଲେଟ ମିଶନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା, ସ୍ଥିତି ତଥା ଅଗ୍ରଗତି, କୃଷି ଓ କୃଷକ ସମୃଦ୍ଧି ଯୋଜନାର କାର୍ଯ୍ୟକାରିତା, ଆତ୍ମା କମିଟି ଗଠନ ସହ ଉପଯୁକ୍ତ କାର୍ଯ୍ୟକ୍ଷମ କରିବା, ଚାଷୀଙ୍କୁ ଫସଲ ବୀମାର ଉପଲବ୍ଧତା ଓ ସଫଳତା ଉପରେ ସଭ୍ୟ ସଭ୍ୟା ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିବା ସହ ସରକାରୀ ରିହାତି ଧାନ, ଡାଲି ତଥା ତୈଳବିଜ ବିହନ ସମସ୍ତ କୃଷକଙ୍କୁ ଉପଲବ୍ଧ କରିବାକୁ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି ।

# ସମ୍ବଲପୁରରେ ଦୁର୍ଗାପାଲି ରେଳବାଇ ଓଭରବ୍ରିଜର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ସମ୍ବଲପୁର,୨୫/୫(ନି. ପ୍ର): ସମ୍ବଲପୁର ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ୬୦ କୋଟି ୪୩ ଲକ୍ଷ ୭୮ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଦୁର୍ଗାପାଲି ରେଳବାଇ ଓଭରବ୍ରିଜର ଉଦଘାଟନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଓଭରବ୍ରିଜ୍ ସମ୍ବଲପୁର ସହରକୁ ଅଧିକ ସୁନ୍ଦର ଓ ଆଧୁନିକ କରିବା ପାଇଁ ଏହା ଏକ ଭଲ ପଦକ୍ଷେପ । ଏହି ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ୍ ନିୟନ୍ତ୍ରଣ ହ୍ରାସ ହେବା ସହ ଜନସାଧାରଣଙ୍କ ଯାତାୟତ ସୁରକ୍ଷିତ ଓ ସୁଗମ ହେବ। ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାରରେ ସମ୍ବଲପୁର ସହରକୁ ଏକ ଶ୍ରୀମନ୍ତ ସହରରେ ବିକଶିତ କରାଯିବ । ରାସ୍ତାଘାଟ, ପିଇବା ପାଣି, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଅଣାଯିବ । ଯୋଗାଯୋଗ ଏବଂ ଆନୁଷଙ୍ଗିକ ଭିତ୍ତିଭୂମିକୁ ସୁଦୃଢ କରାଯିବ । ସମ୍ବଲପୁରରେ ରିଙ୍ଗ୍ ରୋଡ୍ କରାଯିବ । ସହର ମଧ୍ୟରେ ଥିବା ଆଭ୍ୟନ୍ତରୀଣ ରାସ୍ତା ତିଆରି କରାଯିବ । ମହାନଦୀ ଉପରେ ବ୍ରିଜ୍ ନିର୍ମାଣ ହେବ, ଯାହା ବୁର୍ଲା ଓ ହୀରାକୁଦକୁ ସଂଯୋଗ କରିବ । ସମ୍ବଲପୁର ସହରକୁ ଏକ ବୃହତ ମହାନିଗମ ନିଗମରେ ପରିଣତ କରିବା ପାଇଁ ଆମ ସରକାର ଅଙ୍ଗିକାରବଦ୍ଧ । ଏହି ଅବସରରେ ଶ୍ରୀ ପ୍ରଧାନ ସମ୍ବଲପୁରରେ ଦେବଦମ୍ପତ୍ତି ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ଅନନ୍ୟ ପର୍ବ ଶୀତଳ ଷଷ୍ଠୀ ପର୍ବରେ ସାମିଲ ହେବା ପାଇଁ ରାଜ୍ୟ ଏବଂ ଦେଶବାସୀଙ୍କୁ ନିମନ୍ତ୍ରଣ ଦେଇଛନ୍ତି ।

# ସଡ଼କ ଦୁର୍ଘଟଣାରେ ଦୁଇ ମୃତ

ପଟ୍ଟାମୁଣ୍ଡାଇ ,୨୫/୫(ନି. ପ୍ର): ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ମୃତ। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୋହନ ପଂଚାୟତ ରେ । ଦୁର୍ଘଟଣାରେ ପ୍ରାଣ ହରାଇ ଥିବା ଦୁଇ ମୃତକ ହେଲେ ବଡ଼ମୋହନପୁର ପଂଚାୟତ କଣିପାଳ ଗ୍ରାମର ଚିତ୍ତ ରଞ୍ଜନ ସାହୁ ଓ ମୃତ୍ୟୁଞ୍ଜୟ ସାହୁ। ବାଇକରେ ଯାଉଥିବା ସମୟରେ ଦିହୁଡିପୁର ପଂଚାୟତ ଚହଳିବାଙ୍କ ଛକ ନିକଟରେ ଅସାବଧାନତା ଯୋଗୁଁ ନିଜର ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଦୁର୍ଘଟଣାର ଶିକାର ହୋଇଥିବା ବେଳେ ଘଟଣାସ୍ଥଳରେ ହିଁ ଦୁହିଁଙ୍କର ମୃତ୍ୟୁ ହୋଇଥିଲା। ଦୁହିଁଙ୍କୁ ଆମ୍ବୁଲାନ୍ସ ଯୋଗେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନା ଆଣି ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ପୋଲିସ ତଦନ୍ତ ଆରମ୍ଭ କରିଛି। ଏଭଳି ଏକ ହୃଦୟ ବିଦାରକ ଘଟଣାରେ ସମଗ୍ର ମେଡିକାଲ ପରିସରରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

# ସେଲ, ରାଉରକେଲା ଇସ୍ପାତ କାରଖାନାର 'ରକ୍ଷଣାବେକ୍ଷଣ ଏବଂ ୱେଲ୍ଡିଂ ମରାମତି' ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ

ରାଉରକେଲା,୨୫/୫(ନି. ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି ) ର ଆର ଏଣ୍ଡ ସି ଲାବୋରେଟୋରୀ ସମ୍ମିଳନୀ ହଲରେ ମଇ ୧୬ ତାରିଖ ଦିନ 'ରକ୍ଷଣାବେକ୍ଷଣ ଏବଂ ମରାମତି ୱେଲ୍ଡିଂ' ଉପରେ ଏକ ବୈଷୟିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମେଣ୍ଟେନାନ୍ସ ବିଭାଗ ର ସି ଜି ଏମ୍ ଶ୍ରୀ ଏସ ଏସ ରାୟଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମେକାନିକାଲ ଏଣ୍ଡ ସପ ବିଭାଗ ର ସି ଜି ଏମ୍ ଇନ ଚାର୍ଜ ଶ୍ରୀ ଆର ଏନ ରାଜେନ୍ଦ୍ରନ, ମେକାନିକାଲ ବିଭାଗ ର ସି ଜି ଏମ୍, ଶ୍ରୀ ଡି ପାଲୋ ଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଆଲୋଚନା ଚକ୍ରରେ କାରଖାନାର ସମସ୍ତ ପ୍ରମୁଖ ଉତ୍ପାଦନ ଏବଂ କେନ୍ଦ୍ରୀକୃତ ବିଭାଗର ପ୍ରତିନିଧିମାନଙ୍କର ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମ ମେସର୍ସ ଇ



ଡବ୍ଲ୍ୟୁ ଏ ସି ଆଲଏକ୍ସ ଲିମିଟେଡ୍ ଦ୍ୱାରା ସେମାନଙ୍କର ଚ୍ୟାନେଲ୍ ପାର୍ଟନର ରାଉରକେଲା ର ମେସର୍ସ ରାଜେଶ ଆଣ୍ଡ୍ କମ୍ପାନୀ ର ମିଳିତ ସହଯୋଗ ରେ ଆୟୋଜିତ ହୋଇଥିଲା। ଶ୍ରୀ ରାୟଚୌଧୁରୀ ନିଜର ବକ୍ତବ୍ୟରେ କୌଣସି ଯନ୍ତ୍ରାଂଶ ର ସମ୍ପୂର୍ଣ୍ଣ ବଦଳ ଅପେକ୍ଷା ଉପଯୁକ୍ତ ମରାମତି ଏବଂ ଯନ୍ତ୍ରାଂଶଗୁଡ଼ିକର ପୁନଃସ୍ଥାପନର ଗୁରୁତ୍ୱ ଉପରେ ଜୋର ଦେବା ସହିତ ଖର୍ଚ୍ଚ ହ୍ରାସ ଏବଂ ଉପକରଣ ସ୍ଥାୟୀତ୍ୱର ଲାଭ ଉପରେ ଆଲୋକପାତ କରିଥିଲେ। ମେସର୍ସ ଇ ଡବ୍ଲୁ ଏସି ଆଲଏକ୍ସ ଲିମିଟେଡ୍କ୍ସ ଜୋନାଲ୍ ସେଲ୍ସ ମ୍ୟାନେଜର ଶ୍ରୀ ଡି. ଡି. ରୟ ଏବଂ ଟେରିଟୋରିଆଲ୍ ସେଲ୍ସ ମ୍ୟାନେଜର ଶ୍ରୀ ଏନ. ପଟେଲ ତଥା, ଆପ୍ଲିକେସନ୍ ସ୍ପେଶାଲିଷ୍ଟ ଶ୍ରୀ ଆର. ଚାଟାର୍ଜୀ ୱେଲ୍ଡିଂ କ୍ଷେତ୍ରରେ ସ୍ୱତନ୍ତ୍ର ଉତ୍ପାଦ ପୋର୍ଟଫୋଲିଓ ଉପରେ ଧ୍ୟାନ କେନ୍ଦ୍ରିତ ପୂର୍ବକ ଅବସ୍ଥା ଭିତ୍ତିକ ଓ ପ୍ରୟୋଗ ନିର୍ଦ୍ଦିଷ୍ଟ ୱେଲ୍ଡିଂ ଇଲେକ୍ଟ୍ରୋଡ୍ ଉପରେ ଉପସ୍ଥାପନା ପ୍ରସ୍ତୁତ କରିଥିଲେ । ସେମାନେ ଉପକରଣ ଗୁଡିକ ର ସ୍ଥାୟିତ୍ୱ ଏବଂ ପୁନଃପୌନିକ ରକ୍ଷଣାବେକ୍ଷଣ ଖର୍ଚ୍ଚ ହ୍ରାସ ସନ୍ଦର୍ଭରେ ଇସ୍ପାତ ଉଦ୍ୟୋଗର କେତେକ ପ୍ରମୁଖ କେସ ଷ୍ଟଡି ମଧ୍ୟ ପ୍ରସ୍ତୁତ କରିଥିଲେ। ଶ୍ରୀ ବି. ପି. କେର୍କେଟ୍ଟା ସଂଯୋଜନା କରିଥିଲେ।

# ଆଇସିଏଆର-ସିଆଇଡବ୍ଲ୍ୟୁଏ ଏବଂ ଡିଜିଟାଲ୍ ଗ୍ରୀନ୍ ଟ୍ରଷ୍ଟ ଦ୍ୱାରା ମୋବାଇଲ୍-ଆଧାରିତ ଭିଡିଓ ପ୍ରଡକ୍ସନ୍ ଉପରେ ତାଲିମ ଆୟୋଜିତ

ଭୁବନେଶ୍ୱର,୨୫/୫(ନି. ପ୍ର): ଆଇସିଏଆର-ସେଂଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ଓମେନ୍ ଇନ୍ ଏଗ୍ରିକଲଚର (ଆଇସିଏଆର-ସିଆଇଡବ୍ଲୁଏ) ଏବଂଡିଜିଟାଲ୍ ଗ୍ରୀନ୍ ଟ୍ରଷ୍ଟର ସହଯୋଗରେ, ମୋବାଇଲ୍- ଆଧାରିତ ଭିଡିଓ ଉତ୍ପାଦନ ଉପରେ ଏକ ଦୁଇ ଦିନିଆ ଆବାସିକ ତାଲିମ କାର୍ଯ୍ୟକ୍ରମ ଆୟୋଜିତହୋଇଯାଇଛି । ଏହି ତାଲିମର ଲକ୍ଷ୍ୟ ଥିଲା କୃଷକ ଉତ୍ପାଦକ କମ୍ପାନୀ (ଏଫପିସି) ର ସଦସ୍ୟମାନଙ୍କୁ ସେମାନଙ୍କ ମଧ୍ୟରେ ମହିଳା-ଅନୁକୂଳ କୃଷି ପ୍ରଯୁକ୍ତିବିଦ୍ୟା ଉପରେ କେନ୍ଦ୍ରିତ ଭିଡିଓ ତିଆରି ଏବଂ ପ୍ରସାର କରିବା ପାଇଁ ଆବଶ୍ୟକ ଦକ୍ଷତାତାଲିମପ୍ରଦାନ କରିବା।ଏହାର ଉଦଘାଟନୀ ଅଧିବେଶନରେ ଆଇସିଏଆର-ସିଆଇଡବ୍ଲୁଏର ନିର୍ଦ୍ଦେଶକ ଡକ୍ଟର ମୃଦୁଳା ଦେବୀ; ଆଇସିଏଆର-ସିଆଇଡବ୍ଲୁଏର ମହିଳା କୃଷି ପ୍ରଯୁକ୍ତିବିଦ୍ୟା ବିଭାଗର ମୁଖ୍ୟ ଡକ୍ଟର ସୁକାନ୍ତ କୁମାରଷଡ଼ଙ୍ଗୀ; ଡିଜିଟାଲ୍ ଗ୍ରୀନ୍ ଟ୍ରଷ୍ଟର ବରିଷ୍ଠ ବିଶେଷଜ୍ଞ ଶ୍ରୀ ବିଶାଳ ବର୍ଦ୍ଧନ; ଡିଜିଟାଲ୍ ଗ୍ରୀନ୍ ଟ୍ରଷ୍ଟର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ଚନ୍ଦନ ଦାଶ; ଏବଂ ୱାଟରସେଡ୍ ସପୋର୍ଟ ସର୍ଭିସେସ୍ ଆଣ୍ଡ ଆକ୍ଟିଭିଟିଜ୍ ନେଟୱର୍କର ଆଂଚଳିକ ସଂଯୋଜକ ଶ୍ରୀ ଅଶ୍ୱିନୀଙ୍କ ସମେତ ଅନେକ ସମ୍ମାନିତ ବ୍ୟକ୍ତି ଯୋଗ ଦେଇଥିଲେ।ଓଡ଼ିଶାର ପାଂଚଟି ଜିଲ୍ଲା (ବଲାଙ୍ଗୀର, ଖୋର୍ଦ୍ଧା, କନ୍ଧମାଳ, ମୟୂରଭଞ୍ଜ ଏବଂ ପୁରୀ) ଏବଂ ତେରଟି ବ୍ଲକ (ପୁଇଁତଳା, ଲୋଇସିଂହା, ବାଲିପାଟଣା, ଜି ଉଦୟଗିରି, ବିଜାତଳା, ଜଶୀପୁର, ବାହାଳଦା, ଜାମଦା, ଶୁଳିଆପଡା, ମୋରଡ଼ା, ଗଡ଼ପାଳସା, ବ୍ରହ୍ମଗିରି ଏବଂ ପିପିଲି)ରୁ ଏଫପିସି ସଦସ୍ୟମାନେ ଏହି ତାଲିମରେ ଅଂଶଗ୍ରହଣ କରିଥିଲେ, ଯାହା ବ୍ୟବହାରିକ ଶିକ୍ଷା ଉପରେ ଧ୍ୟାନ ଦେଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ, ଅଂଶଗ୍ରହଣକାରୀ ମାନଙ୍କୁ ଭିଡିଓ ପ୍ରସ୍ତୁତିରେ ଦକ୍ଷତାତାଲିମ ପ୍ରଦାନ କରାଯାଇଥିଲା, ଯେଉଁଥିରେ ଷ୍ଟୋରୀ ବୋର୍ଡିଂ, ବିଭିନ୍ନ ପ୍ରକାରର ସଟ୍ଟ ବୁଝିବା ଏବଂ ମୌଳିକ ଭିଡିଓ ଏଡିଟିଂ କୌଶଳ ଅନ୍ତର୍ଭୁକ୍ତ। ଏହି ଦକ୍ଷତା ସେମାନଙ୍କୁ ସ୍ଥାନୀୟ ଉଦ୍ଭାବନ ଏବଂ ଅଭ୍ୟାସଗୁଡ଼ିକୁ ପ୍ରଭାବଶାଳୀ ଭାବରେ ଡକ୍ୟୁମେଂଟେସନ୍ ଏବଂଶେୟାର ସକ୍ଷମ କରିବ, ବିଶେଷକରି ମହିଳା ଚାଷୀଙ୍କ ପାଇଁ ଏହା ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ଡକ୍ଟର ମୃଦୁଳା ଦେବୀ ଭିଡିଓର ଶିକ୍ଷଣ ଉପକରଣ ଭାବରେ ମୂଲ୍ୟ ଉପରେ ଗୁରୁତ୍ୱାରୋପ କରି କହିଥିଲେ: 'କୃଷକମାନଙ୍କୁ ମହିଳା-ଅନୁକୂଳ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାରେ ସାହାଯ୍ୟ କରିବା ପାଇଁ ଭିଡିଓ ହେଉଛି ସବୁଠାରୁ ପ୍ରଭାବଶାଳୀ ପ୍ରଯୁକ୍ତିବିଦ୍ୟା ମଧ୍ୟରୁ ଗୋଟିଏ। ଦୃଶ୍ୟ ଫର୍ମାଟ୍ ସହଜରେ ବୁଝିବା ପାଇଁ ଅନୁମତି ଦିଏ ଏବଂ ଯେକୌଣସି ସମୟରେ ଏହାକୁ ଆକ୍ସେସ କରାଯାଇପାରିବ।ଏହା ଜ୍ଞାନ ପ୍ରସାରଣର ଏକ ସ୍ଥାୟୀ ଏବଂ ବ୍ୟାପକ ପଦ୍ଧତି।'ଡକ୍ଟର ଏସ୍.କେ. ଷଡ଼ଙ୍ଗୀ, କୃଷି ଏବଂ ଆନୁସଙ୍ଗିକ ବିଷୟଗୁଡ଼ିକର ବୈଷୟିକ ବିଷୟବସ୍ତୁ ଉପରେ ଧ୍ୟାନ ଦେଇ ଭଲ ଗୁଣବତ୍ତା ବିଶିଷ୍ଟ କ୍ଷୁଦ୍ର ଅବଧି ଭିଡିଓ ପ୍ରସ୍ତୁତ କରି ମହିଳା ଅନୁକୂଳ ଉନ୍ନତ କୃଷି ପ୍ରଯୁକ୍ତିର ଦ୍ରୁତ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପଦକ୍ଷେପ ତୃଣମୂଳ ସ୍ତରର ସଂଗଠନଗୁଡ଼ିକର ଡିଜିଟାଲ୍ କ୍ଷମତା ନିର୍ମାଣ ଏବଂ କୃଷିରେ ସମାବେଶୀ ପ୍ରଯୁକ୍ତିବିଦ୍ୟା ଗ୍ରହଣକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ଆୟୁଷ୍ମାନ କାର୍ଡ ବଂଟନ ଦାୟିତ୍ୱରେ ଥିବା ଅଧିକାରୀଙ୍କ ହିତାଧିକାରୀଙ୍କୁ ଦୁର୍ବ୍ୟବହାର

ଧର୍ମଶାଳା,୨୫/୫(ନି. ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଆନୁଆଳ ପଂଚାୟତରେ ଆୟୁଷ୍ମାନ କାର୍ଡ ବଂଟନ ବେଳେ ହିତାଧିକାରୀଙ୍କୁ ସରକାରୀ କର୍ମଚାରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ ଆଶା କର୍ମୀଙ୍କ ଡାକରାରେ ଆନୁଆଳ ପଂଚାୟତ ଯୋଗଡା ମୁରାରିପୁର ଗାଁର ମୋହନ ତ୍ରିପାଠୀଙ୍କ ଝିଅ ତେଜସ୍ୱିନୀ ତ୍ରିପାଠୀ ଆୟୁଷ୍ମାନ କାର୍ଡ ନେବା ଲାଗି ଆଜି ପୂର୍ବାହ୍ନ ୯ ଘଟିକାରେ ପଂଚାୟତ କାର୍ଯ୍ୟାଳୟକୁ ଯାଇଥିଲେ । ହେଲେ ଦାୟିତ୍ୱରେ ଥିବା ଅଧିକାରୀ ବିଳମ୍ବରେ ପହଁଚିବେ ବୋଲି ଆଶାକର୍ମୀ କହିଥିଲେ । ତେବେ ସେଠାରେ ତେଜସ୍ୱିନୀ ଅପେକ୍ଷା କରିଥିଲା ବେଳେ ଦିନ ସାଢେ ଏଗାର ଟାରେ ଅଧିକାରୀ ଜଣକ ସେଠାରେ ପହଁଚି କାର୍ଡ ବଂଟନ ପ୍ରକ୍ରିୟା ଆରମ୍ଭ କରିଥିଲେ । ହେଲେ ତେଜସ୍ୱିନୀ ସକାଳ ନଅ ଟା ବେଳୁ ଆସି ଦିନ ତିନିଟା ପର୍ଯ୍ୟନ୍ତ ଅପେକ୍ଷା କରି ଥିଲେ ହେଁ କାର୍ଡ ପାଇ ପାରି ନଥିଲେ । ବିଭିନ୍ନ ଲୋକେ ଆସି ଏକାଧିକ ଲୋକ ଙ୍କର କାର୍ଡ ସଂଗ୍ରହ କରୁଥିବା ବେଳେ ଏହି ଯୁବତୀ ଜଣଙ୍କୁ ଦାୟିତ୍ୱରେ ଥିବା ଅଧିକାରୀ କାର୍ଡ ନଦେଇ ହଇରାଣ କରିଥଲେ ବୋଲି ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ପରିବାରର ସମସ୍ତ ଲୋକେ ଏଠାକୁ ଆସିଲେ କାର୍ଡ ଦିଆଯିବ ବୋଲି ଅଧିକାରୀ ଜଣକ କହିବା ସହ କାର୍ଡ ନଦେଲେ କିଏ ମୋର କଣ କରିବା କଥା କର ବୋଲି ଧମକ ଦେଇ ଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଏ ନେଇ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଯୁବତୀ ଙ୍କ ପରିବାର ପକ୍ଷରୁ ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରାଯିବକୁ କୁହାଯାଇଛି।

# ୩୨ କେଜି ଗଞ୍ଜେଇ ସହ କାର୍ ଜବତ : ୨ ଗିରଫ

ବଲାଙ୍ଗିର,୨୫/୫(ନି. ପ୍ର): ତୁଷୁରା ଅବକାରୀ ବିଭାଗ ପକ୍ଷରୁ ତୁଷୁରା– ଖଇରଗୁଡ଼ା ରାସ୍ତାରେ ଚଢଉ କରି ଏକ କାରରୁ ୩୨ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ବଲାଙ୍ଗିର ଟାଉନ ଥାନା ଅନ୍ତର୍ଗତ ରାଧାରାଣୀ ପଡାର ଉମାକାନ୍ତ ସେଠ ଓ କଂସାରି ପଡାର ରତନ ସିଂ ବୋଲି ଜଣାପଡିଛି । ପ୍ରକାଶ ଯେ, ତୁଷୁରା ଅବକାରୀ ବିଭାଗ ପକ୍ଷରୁ ଖଇରଗୁଡା ରାସ୍ତା ଦେଇ ଏକ କାରରେ ବ୍ୟାପକ ଭାବେ ଗଞ୍ଜେଇ ଚାଲଣ ହେଉଥିବା ଖବର ମିଳିଥିଲା । ତେଣୁ ପୂର୍ବରୁ ହିଁ ବିଭାଗର ଅଧିକାରୀ ଛକି ବସିଥିଲେ ଏବଂ କାର୍ କୁ ଅଟକାଇ ଯାଂଚ୍ କରିଥିଲେ । ଯାଂଚ୍ ବେଳେ ଗାଡି ଡିକିରେ ବିପୁଳ ପରିମାଣରେ ଗଞ୍ଜେଇ ଭର୍ତି ଥିବା ଦେଖିବାକୁ ମିଳିଥିଲା । ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ଉକ୍ତ କାରକୁ ଜବତ କରିବା ସହ ଗଞ୍ଜେଇକୁ ଜବତ କରିଥିଲା । ଯାହାର ମୂଲ୍ୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ଏନେଇ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ସହ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

# ଶ୍ରୀ ଶ୍ରୀ ଲଙ୍କେଶ୍ୱର ରାମାୟଣ କମିଟିର ବାର୍ଷିକ ଉତ୍ସବ

କେନ୍ଦ୍ରାପଡା,୨୫/୫(ନି. ପ୍ର): କେନ୍ଦ୍ରାପଡା ଠାକୁରହାଟର ଶ୍ରୀ ଶ୍ରୀ ଲଙ୍କେଶ୍ୱର ରାମାୟଣ କମିଟି ତା'ଦ୍ୱିତୀୟ ବର୍ଷରେ ପାର୍ପଣ କରି ଚାରିରାତ୍ରି ରାମାୟଣ ଠାକୁରହାଟ ପଡିଆରେ ପରିବେଷଣ କରିଥିଲା। ଏଥିରେ ରାମ ବନବାସ, ସୀତାଚୋରୀ, ରାବଣ ବଧ, ଲବକୁଶଜନ୍ମ ଓ ବୈକୁଣ୍ଠ ଦର୍ଶନ ପ୍ରଭୃତି ନାଟକ ମଂଚସ୍ଥ କରାଯାଇଥିଲା । ନାଟ୍ୟ ନିର୍ଦ୍ଦେଶକ ପ୍ରଭାତ କୁମାର ସିଂହଙ୍କ ନିର୍ଦ୍ଦେଶନାରେ କଳାକାରମାନେ ନିଖୁଣ ଅଭିନୟ କରିଥିଲେ । ଏହିକୁ ଦେଖିବା ପାଇଁ ଆଖପାଖ ଅଂଚଳରୁ ବହୁ ଦର୍ଶକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସଭାପତି ରମେଶ ବେହେରା, ଉପସଭାପତି ଧନେଶ୍ୱର ଓଝା, ସମ୍ପାଦକ ଗୌରାଙ୍ଗ ନାୟକ, ନୃସିଂହ ଚରଣ ସେଠୀ, ଖଗେଶ୍ୱର ସେଠୀଙ୍କ ସମେତ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତିମାନେ ସହଯୋଗ କରିଥିଲେ ।

# ସମ୍ବଲପୁର ଚିଡିଆଖାନା ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର,୨୫/୫(ନି. ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ବଡ଼ି ଭୋରରୁ ସମ୍ବଲପୁର ଚିଡିଆଖାନା ପରିଦର୍ଶନ କରିବା ସହ ଏହାକୁ ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଓଡ଼ିଶାର ଦ୍ୱିତୀୟ ନନ୍ଦନକାନନ କରିବା ପାଇଁ ଯୋଜନା କରାଯିବ ବୋଲି କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ସମ୍ବଲପୁର ଚିଡିଆଖାନାରେ ଜୀବ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ବୁଲିବା ସହ ସାଧାରଣ ଲୋକଙ୍କ ସହ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ । ସମ୍ବଲପୁର ଚିଡ଼ିଆଖାନାର ବିଭିନ୍ନ ସମସ୍ୟା ଓ ନୂଆ ଜୀବ ଜନ୍ତୁ ଅଣାଯିବା ନେଇ ଚିଡିଆଖାନା ବନ ବିଭାଗ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏ ସମ୍ପର୍କରେ ଶ୍ରୀ



ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସମ୍ବଲପୁର ଚିଡିଆଖାନାକୁ ନନ୍ଦନକାନନ ଢଙ୍ଗରେ ନୂଆ ରୂପ ଦେବା ପାଇଁ ଯୋଜନା ପ୍ରସ୍ତୁତ କରାଯିବ । ଏହାକୁ ବଡ କରିବା ସହ ପର୍ଯ୍ୟଟକଙ୍କ ସୁବିଧା ବଢାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ । ସହରରେ ପ୍ରକୃତି ପ୍ରତି ନୂଆପିଢିଙ୍କୁ ଆକୃଷ୍ଟ କରାଇବା ପାଇଁ ଉଦ୍ୟମ କରାଯିବ । ଚିଡିଆଖାନାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ସହ ଚିଡ଼ିଆଖାନାର କର୍ମଚାର ମାନଙ୍କୁ ଭଲ ଭାବେ ତାଲିମ ଦେବା ପାଇଁ ପରାମର୍ଶ ଦେଇଥିଲେ ଶ୍ରୀ ପ୍ରଧାନ । ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ 'ବିଶ୍ୱ ପରିବେଶ ଦିବସ' ଅବସରରେ "ମା' ପାଇଁ ଗଛଟିଏ" ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିନବ ଅଭିଯାନରେ ସାମିଲ ହେବା ପାଇଁ ସେ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସମ୍ବଲପୁରକୁ ସବୁଜ ସହରରେ ପରିଣତ କରାଯିବ । ଏଥିପାଇଁ ୩ ମାସରେ ୧ ଲକ୍ଷରୁ ଅଧିକ ଗଛ ଲାଗିବ । ବିଶ୍ୱ ପରିବେଶ ଦିବସ ଜୁନ ୫ରୁ, ଜୁଲାଇ ଓ ଅଗଷ୍ଟ ମାସ ପର୍ଯ୍ୟନ୍ତ ଗଛ ଲାଗିବ । ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ସହ ଏହି ଅଭିଯାନରେ ବହୁ ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ମାତୃଶକ୍ତି, ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ସାମିଲ ହେବେ । ବୃକ୍ଷରୋପଣ ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରାଯିବ । ଆମର ପରିବେଶକୁ ଆହୁରି ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇବା ସହ ତାହାର ଯତ୍ନ ନେବା ଦରକାର ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

# ଖାଇବା ତେଲର ଅଭାବ ପୂରଣ କରିବ ତାଳତେଲ : ଚାଷୀଙ୍କୁ ଉତ୍ସାହିତ

ସମ୍ବଲପୁର,୨୫/୫(ନି. ପ୍ର): ଦେଶରେ ବିକ୍ରି ହେଉଥିବା ବିଭିନ୍ନ ଖାଦ୍ୟ ତୈଳ ମଧ୍ୟରେ ସୁଲଭ ମୂଲ୍ୟରେ ସବୁ ବର୍ଗଙ୍କୁ ସୁହାଇବା ଭଳି ସର୍ବାଧିକ ବିକ୍ରି ହେଉଥିବା ପାମ୍ ଅଏଲ (ତାଳ ତେଲ) ବେଶ୍ ବିଶ୍ୱାସନୀୟ ହୋଇପାରିଛି । ତେଣୁ ଚାଷୀ ମାନଙ୍କର ଆର୍ଥିକ ବିକାଶ ତଥା ଆତ୍ମନିର୍ଭରତା ସୃଷ୍ଟି ଉଦ୍ଦେଶ୍ୟରେ ଜାତୀୟ ଖାଦ୍ୟ ତେଲ ତାଳଚାଷକୁ ସର୍ବାଧିକ ଗୁରୁତ୍ୱ ଦେଇଛି । ଏଥିପାଇଁ ନିର୍ଦ୍ଦିଷ୍ଟ ପ୍ରକ୍ରିୟା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହଭାଗିତା ରେ ଏକ ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନରେ ଉଦ୍ୟାନ କୃଷି ବିଭାଗ ଓ ସରକାରୀ ସ୍ୱୀକୃତି ପ୍ରାପ୍ତ ସଂସ୍ଥା ତ୍ରୁୟାଳା ଏଗ୍ରୋ ପ୍ରାଇଭେଟ ଲିମିଟେଡ୍ ସମ୍ବଲପୁର ଶାଖାର ମିଳିତ ସହଯୋଗ ରେ ଜିଲ୍ଲାର ସମସ୍ତ ବ୍ଲକରେ ଏହି ଚାଷକୁ ତ୍ୱରାନୀତ କରାଯାଇଛି । ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାରେ ୮ଶହ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ଉଦ୍ୟାନ ବିଭାଗ ସଭାଗୃହ ପରିସରରେ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀଙ୍କ ସମନ୍ୱୟରେ ତାଳଚାଷ ଓ ତାଳତେଲ ସମ୍ବନ୍ଧୀୟ ଏକ ବୈଷୟିକ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ତାଳତେଲ ସଂସ୍ଥା ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ମନୋଜ ଦାସ ତେଲ ପାଇଁ ତାଳଚାଷର ଉପକାରିତା, ଆବଶ୍ୟକତା, ଲାଭଂଶ, ବିକ୍ରି ବ୍ୟବସ୍ଥା ସହ ଚାଷ ସମ୍ବନ୍ଧିତ ଜ୍ଞାନ କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ । ପରେ ପରେ ବରଗଡ଼ ଜିଲ୍ଲାର ବିଭିନ୍ନ ଅମଳଯୁକ୍ତ କ୍ଷେତ୍ର ପରିଦର୍ଶନ କରାଯାଇଥିଲା । ଆଜିର ଏହି ସଭାରେ ସମ୍ବଲପୁର ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକ ସମେତ ଚିପିଲିମା ଓୟୁଏଟି ଅଧ୍ୟାପକ, ପିଡି. ଡିଆରଡିଏ ସମ୍ବଲପୁର, ଓରମାସ ଜିଲ୍ଲା ମୁଖ୍ୟ ସଂଯୋଜକ ଏବଂ ସଦର ବନଖଣ୍ଡ ଅଧିକାରୀ ଯୋଗ ଦେଇଥିଲେ । ଆଗାମୀ ଦିନରେ ଏହି ଶୀର୍ଷକରେ ପଂଚାୟତ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେବବୋଲି ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁ ପ୍ରକାଶ କରିଛନ୍ତି ।

# ମୈତ୍ରେୟୀ ଲେଖିକା ସଂଗଠନର ଚତୁର୍ଥ ବାର୍ଷିକ ବନ୍ଧୁମିଳନ ଓ ପତ୍ରିକା ଉନ୍ମୋଚନ

ଭୁବନେଶ୍ୱର, ୨୫/୫ (ନି.ପ୍ର): ସ୍ଥାନୀୟ ବୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ମୈତ୍ରେୟୀ ଲେଖିକା ସଂଗଠନର ଚତୁର୍ଥ ବାର୍ଷିକ ବନ୍ଧୁମିଳନ ଓ ପତ୍ରିକା ଉନ୍ମୋଚନ ଖୁବ୍ ଧୁମଧାମରେ ପାଳନ ହୋଇଯାଇଛି।ଏହି ଉତ୍ସବରେ ବିଶିଷ୍ଟ ଲେଖକ ଅଜୟ ସ୍ୱାଇଁ ଅତିଥି ହିସାବରେ ଯୋଗ ଦେଇ ସୃଜନଶୀଳତା ଏବଂ କୃତ୍ରିମ ବୁଦ୍ଧିମତ୍ତା ଉପରେ କହିଲେ ଯେ ଯାହା ପ୍ରାକୃତିକ ତାହା ପ୍ରାକୃତିକ ହିଁ ରହିବ, କମ୍ପ୍ୟୁଟରରେ ଯେତିକି ଫିଡିଂ କରାଯାଇଥାଏ ସେତିକି ବାହାରେ। ସଭାର ଅନ୍ୟତମ ଅତିଥି ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପାରମିତା ଶତପଥୀ କହିଲେ ଯେ ଆଧୁନିକତା ସହ ସୃଜନଶୀଳତା ଯେମିତି ଜଡ଼ିତ ଠିକ୍ ସେମିତି



ସୃଜନଶୀଳତା ସହ କୃତ୍ରିମ ବୁଦ୍ଧିମତ୍ତା ଜଡ଼ିତ।ତେଣୁ ଆମକୁ ଆଗକୁ ବଢିବାକୁ ହେଲେ ନୂତନତ୍ୱ ସହ ସନ୍ଧି କରିବାକୁ ପଡ଼ିବ, ନଚେତ୍ ଆମେ ପଛରେ ପଡ଼ିଯିବା। ସେହିପରି ଅନ୍ୟତମ ଅତିଥି ବିୟତପ୍ରଜ୍ଞା ତ୍ରିପାଠୀ ଏଆଇ କିପରି ସୃଜନଶୀଳତାକୁ କପି କରି ତାକୁ ବିକୃତ କରୁଛି ପରୀକ୍ଷା କରି ଦେଖେଇ ଦେଇଥିଲେ ଏବଂ କହିଥିଲେ ଯେ ଆପଣମାନେ ସବୁକଥା ଜାଣନ୍ତି ଅଥଚ ଜାଣିଛନ୍ତି ବୋଲି ଜାଣନ୍ତି ନାହିଁ, ଯେତେବେଳେ ତାହା ଜାଣିଯିବେ ସବୁକିଛି ସହଜ ହୋଇଯିବ। ସୁଷମା ମିଶ୍ର ଏହି ସଭାରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଲକ୍ଷ୍ମୀ ଚାନ୍ଦ୍ ବାର୍ଷିକ ବିବରଣୀ ପାଠ କରିଥିଲେ। ଛନ୍ଦା ମିଶ୍ର ପ୍ରାରମ୍ଭିକ ଏବଂ ଅନ୍ତିମ ସଙ୍ଗୀତ ଗାନ କରିଥିଲେ। ମୌସୁମୀ ଦାସ୍ ଅତିଥି ପରିଚୟ ଦେଇଥିବା ବେଳେ ଶର୍ମିଷ୍ଠା ମହାନ୍ତି ସଂଯୋଜନା କରିଥିଲେ। ସଂଗଠନ ତରଫରୁ ବିଦ୍ୟୁତଲତା ଦାସଙ୍କୁ ମୈତ୍ରେୟୀ ସମ୍ମାନ, ବିଜନବାଳା ପାଟଯୋଶୀଙ୍କୁ ମୈତ୍ରେୟୀ ଦକ୍ଷତା ସମ୍ମାନ ଏବଂ ସସ୍ମିତା ମହାନ୍ତିଙ୍କୁ ମୈତ୍ରେୟୀ ବିଶେଷ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବିଜୟଲକ୍ଷ୍ମୀ ପାଣିଗ୍ରାହି । ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ ଜଣ ମୈତ୍ରେୟୀ ଯୋଗ ଦେବା ସହ ବିଶିଷ୍ଟ ଲେଖିକା ଅନୁବାଦିକା ସୁପ୍ରଭା ରାୟ, ବରିଷ୍ଠ ଲେଖିକା ହିରଣ୍ମୟୀ ମିଶ୍ର, ବିଶିଷ୍ଟ ଲେଖକ ପ୍ରଦୀପ ରାୟ, ଲେଖକ ଏବଂ ପ୍ରକାଶକ ବାଦଲ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ବାଲେଶ୍ୱରୀ ଜଉକଣ୍ଢେଇ ବାହାଘରର ଚତୁର୍ଥ ସନ୍ଧ୍ୟା

## ହିଂସା ନାହିଁ, ଦ୍ୱେଷ ନାହିଁ- ପ୍ରେମ ଓ ଶାନ୍ତିର ସନ୍ଦେଶ ଦେଲେ ଅପର୍ଣ୍ଣା ଗୁରେଇ

ବାଲେଶ୍ୱର, ୨୫/୫ (ନି.ପ୍ର): ବାଲେଶ୍ୱରୀ ଜଉ କଣ୍ଢେଇ ବାହାଘର ଲୋକପର୍ବର ଚତୁର୍ଥ ସନ୍ଧ୍ୟା ଥିଲା ଏକ ସ୍ୱତନ୍ତ୍ର ସନ୍ଧ୍ୟା । ଏହି କଣ୍ଢେଇ ବାହାଘରର ଲୋକପର୍ବରେ ସବୁବେଳେ ଥାଏ ସାମାଜିକ ସନ୍ଦେଶ । ପ୍ରତିବର୍ଷ ଗରିବ କନ୍ୟା ମାନଙ୍କର ବିବାହରେ ସାହାଯ୍ୟ, ବୃକ୍ଷ ରୋପଣ, ଅଂଗଦାନ, ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ସେବା ଆଦି ସାମାଜିକ କର୍ମମାନ କରାଯାଇଥାଏ । ଏ ବର୍ଷର ସନ୍ଦେଶ ରହିଛି 'ଯୁଦ୍ଧ ନୁହେଁ, ହିଂସା ନୁହେଁ ଦେଶରେ ଦେଶରେ - ଶାନ୍ତି ଓ ଭଲପାଇବା ଘରେ ଘରେ ।' ସୁଅ ମୁହଁରେ ପତରର ନାୟକ ନାୟିକା ଅପର୍ଣ୍ଣ ଓ ଗୁରେଇ ସାରା ବିଶ୍ୱକୁ ଦେଲେ ଏହି ସନ୍ଦେଶ । ଜଉ କଣ୍ଢେଇ ଉତ୍ସବ କମିଟିର କାର୍ଯ୍ୟକାରିଣୀର ଅନ୍ୟତମ ସଦସ୍ୟ ସୁସାହିତ୍ୟିକ ଶ୍ରୀଯୁକ୍ତ କାଳିକିଙ୍କର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଯୋଗଦେଇ ରେମୁଣା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ କହିଲେ ଯେ ବାଲେଶ୍ୱରୀ ଜଉ କଣ୍ଢେଇ ଉତ୍ସବ ଆଜି ଓଡ଼ିଶାର ଏକ ପ୍ରମୁଖ ଗଣପର୍ବ ଭାବରେ ପରିଗଣିତ । ଏହି ବାହାଘର ଉତ୍ସବ ପ୍ରେମ ଓ ଭଲପାଇବାର ସନ୍ଦେଶ



ସାରା ରାଜ୍ୟକୁ ଓ ରାଜ୍ୟବାହାରକୁ ଦେଉଛି। ବାଲେଶ୍ୱର ଆଜି ଏହି ମହାନପର୍ବ ପାଇଁ ଗର୍ବ ଅନୁଭବ କରେ । ମୁଖ୍ୟବକ୍ତା ଭାବରେ ଯୋଗଦେଇ ବିଶିଷ୍ଟ ସାମ୍ବାଦିକ ଓ କବି ଶ୍ରୀଯୁକ୍ତ ସତ୍ୟଶ୍ରୀ ଦାସ କହିଲେ ଯେ ବାଲେଶ୍ୱର ହେଉଛି ସାହିତ୍ୟ ସଂସ୍କୃତି ଓ ଲୋକକଳାର ଏନ୍ତୁଡ଼ିଶାଳ । ଏ ମାଟିର ମାଟି ଗୁଡି ପାଣିପବନ ଅମୃତର ସ୍ୱର ଓ ସ୍ୱାକ୍ଷର ପ୍ରଦାନ କରେ । ସମ୍ମାନିତ ଅତିଥିଭାବରେ ଯୋଗଦେଇ ଚାନ୍ଦିପୁରସ୍ଥିତ ଆଇଟିଆରର ନିର୍ଦ୍ଦେଶକ ଶ୍ରୀଯୁକ୍ତ ନୀଳାଦ୍ରି ଭୂଷଣ ରାୟ ଓ ଇମାମି ପେପର ମିଲର ମହାପ୍ରବନ୍ଧକ ଡ଼ଃ ୟୁସୁଫ ଅଲ୍ଲୀ ସୋଲାଙ୍କି କହିଲେ ଯେ ଜଉକଣ୍ଢେଇ ବାହାଘର ଉତ୍ସବର ସ୍ୱାତନ୍ତ୍ର ଆଜି ବେଶ ଅନୁଭୁତ । ଆମେ ସମସ୍ତେ ଗର୍ବିତ ଯେ ଆଜିର ପରିସ୍ଥିତିରେ ଏ ମାଟି ପ୍ରେମ ଓ ଭଲପାଇବାର ସନ୍ଦେଶ ମାନବ ସମାଜକୁ ବିତରଣ କରିବାରେ ସକ୍ଷମ ହୋଇଛି । ସଭାପତି ଅଭିଭାଷଣରେ କାଳିକିଙ୍କର ଦାସ କହିଲେ ଯେ ଜଉ କଣ୍ଢେଇ ବାହାଘର ଉତ୍ସବ ହେଉଛି ସାହିତ୍ୟ, ସଂସ୍କୃତି ଓ ଲୋକକଳାର ଆଦ୍ୟ ଓଁକାର ଯିଏ ପୃଥିବୀକୁ ଜୀବନର ପ୍ରତିଶ୍ରୁତି ଦିଏ- ଭଲପାଇବା ଓ ଭଲ କର୍ମର ବାର୍ତ୍ତା ପ୍ରଦାନ କରେ । ପ୍ରାକକଥା ବରିଷ୍ଠ ସଦସ୍ୟ ଓ ଅନ୍ୟତମ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ପ୍ରଦାନ କଲାବେଳେ ଶେଷକଥା ରଖିଥିଲେ କମିଟିର ଅନ୍ୟତମ କାର୍ଯ୍ୟକାରିଣୀ ସଦସ୍ୟ ଓ ବାଲେଶ୍ୱରର ପୂର୍ବତନ ପୋ ?ରାଧକ୍ଷ ଶ୍ରୀଯୁକ୍ତ ଆଲୋକ କୁମାର ସାହୁ । ଶ୍ରୀଯୁକ୍ତ ପାଣିଗ୍ରାହୀ ଓ ଶ୍ରୀଯୁକ୍ତ ସାହୁ ବାଲେଶ୍ୱରୀ କଳା, ସଂସ୍କୃତି ଓ ଐତିହ୍ୟର ମହନୀୟ ପରମ୍ପରା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ରାବଣ ଛାଇ ଓ ରାବଣ ଲୀଳା ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲା । ଏଡିଏସ ଗ୍ରୁପ,ନୃତ୍ୟାୟନ, ନୃତ୍ୟ ସଙ୍ଗୀତ କଳାମନ୍ଦିର ଆଦି ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲାବେଳେ ଗୁରୁ ନନ୍ଦ କିଶୋର ଦାସ ସଂତୁର ବାଦନ କରିଥିଲେ । କାର୍ଯ୍ୟକାରିଣୀ ସଭାପତି ଶ୍ରୀଯୁକ୍ତ ଉପେନ୍ଦ୍ର ପାତ୍ର, ସମ୍ପାଦକ ଡ଼ଃ କୁମାର ଗୋପାଳ, ସହ ସମ୍ପାଦକ ରଘୁନାଥ ଲେଙ୍କା, ରାଜେଶ ଗିରି ପରେଶ ଚନ୍ଦ୍ର ଦାସ, ସିନ୍ଧୁ ସେନ, ଅର୍ଚ୍ଚନା ରଥ, ଡ଼ା ମୃତ୍ୟୁଞ୍ଜୟ ମିଶ୍ର, ବିଶ୍ୱଦୀପ ପଣ୍ଡା, ଡ଼ ପ୍ରଦୀପ ଭୌମିକ, ବ୍ରହ୍ମନାଥ ରଥ, ସଂଗୀତା ଦାସ, ଧରିତ୍ରୀ ମିଶ୍ର, ରଚନା ସେନ, ମିନତୀ ସେଠୀ, ଶିଳ୍ପୀ କେଶୁ ଦାସ, ବ୍ୟୋମନାଥ ରଥ, କନକଲତା ଦାସ, ହୃଷୀକେଶ ସାହୁ, ସୁସଂଧ୍ୟା ପାତ୍ର, ଆଦି ବହୁ କମିଟି ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ । ଆକାଶବାଣୀର ଉଦଘୋଷିକା ଶ୍ରୀମତୀ ମିତା ପଟନାୟକ ମଞ୍ଚ ସଂଚାଳନ କରିଥିଲେ ।

# ନରେନ୍ଦ୍ରପୁର ୟୁଜି ନୋଡାଲ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ, ୨୫/୫ (ନି.ପ୍ର): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ନରେନ୍ଦ୍ରପୁର ଉତ୍କଳମଣି ଗୋପବନ୍ଧୁ ନୋଡାଲ ବିଦ୍ୟାପୀଠର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର ସଂସଦ ସଭାପତି ଇଂ ଅଭୟ ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ନଭେମ୍ବର ମାସରେ ପାଳିତ ହେବ। ଏହି ଜୟନ୍ତୀ ଉତ୍ସବ ୩ଦିନ ଧରି ଚାଲିବ। ପ୍ରତି ଦିବସରେ ଆଲୋଚନାଚକ୍ର ପୁରାତନ ଛାତ୍ର ଓ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାଚୀନ ପରମ୍ପରା ଓ ସଂସ୍କୃତି ଆଧାରିତ ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ରାଜନେତା, ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଯୋଗ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଗୌରବର କଥା ଯେ, ଏହି ୟୁଜି ବିଦ୍ୟାପୀଠର ବହୁ କୃତୀ ଛାତ୍ରଛାତ୍ରୀ ସରକାରୀ ଓ ବେସରକାରୀ ସ୍ତରରେ କାର୍ଯ୍ୟକରି ପ୍ରତିଷ୍ଠା ଲାଭ କରିଥିବାରୁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବଟି ପୁରାତନ ଛାତ୍ରଛାତ୍ରୀମାନେ ପାଳନ କରିବେ।

# ଓଡ଼ିଆ ପରମ୍ପରାରେ...

(ପୃଷ୍ଠା ୩ର ଅବଶିଷ୍ଟାଂଶ)

ସାବିତ୍ରୀ ଭ୍ରମଣ କରୁ କରୁ ସେହି ବଣରେ ପହଞ୍ଚି ସତ୍ୟବାନଙ୍କ ଅସୀମ ପିତୃଭକ୍ତି, ଧର୍ମପରାୟଣତା ଓ ରୂପରେ ମୁଗ୍ଧା ହୋଇ ଐଶ୍ୱର୍ଯ୍ୟ ଭୋଗଲାଳସା ତ୍ୟାଗ କରି ଏହାଙ୍କ ସଙ୍ଗରେ ଜୀବନଯାପନ କରିବା ପାଇଁ ସଂକଳ୍ପ କରି ସତ୍ୟବାନଙ୍କୁ ପତିରୂପେ ମନୋନୀତ କରି ରାଜଧାନୀକୁ ଫେରି ପିତାଙ୍କୁ ଜଣାଇଲେ। ଏହି ସମୟରେ ନାରଦ ଉପସ୍ଥିତ ହୋଇ ସତ୍ୟବାନଙ୍କ ପରମାୟୁ ଆଉ ମାତ୍ର ଏକ ବର୍ଷ ଥିବା ଜଣାଇ, ନିଜ ମତ ବଦଳାଇବାକୁ ସାବିତ୍ରୀଙ୍କୁ ଅନୁରୋଧ କଲେ। ମାତ୍ର ସାବିତ୍ରୀ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ନିଜ ନିଷ୍ପତ୍ତିରେ ଅଟଳ ରହିଲେ। ଅଗତ୍ୟା ଉଭୟ ପକ୍ଷଙ୍କ ପିତାମାତାଙ୍କ ଅନୁମତି କ୍ରମେ ସାବିତ୍ରୀଙ୍କର ସତ୍ୟବାନଙ୍କ ସହିତ ଯଥାରୀତି ବିବାହ ସମ୍ପନ୍ନ ହେଲା । ବିବାହ ପରେ ସାବିତ୍ରୀ ପିତୃଗୃହର ରାଜ ସମ୍ପଦ, ବିଳାସ ଓ ଦାସଦାସୀ ବର୍ଗଙ୍କୁ ତ୍ୟାଗ କରି ସ୍ୱାମୀଙ୍କ ସହିତ ତପୋବନର କୁଟୀରରେ ରହି ଶାଶୁ ଓ ଶ୍ୱଶୁରଙ୍କ ସେବାରେ ଲାଗିଲେ । ବିବାହର ଏକ ବର୍ଷ ପୂରିବାକୁ ତିନି ଦିନ ପୂର୍ବରୁ ସାବିତ୍ରୀ ତ୍ରିରାତ୍ର-ବ୍ରତ ଅବଲମ୍ବନ କଲେ । ଅନନ୍ତର ଯେଉଁଦିନ ଏକ ବର୍ଷ ପୂର୍ଣ୍ଣ ହେବ ଓ ସତ୍ୟବାନଙ୍କର ପରମାୟୁ ଶେଷ ହେବ, ସେ ଦିନ ସତ୍ୟବାନ ଫଳମୂଳ ଓ ସମିଧ ସଂଗ୍ରହ କରିବାକୁ ବଣକୁ ଯିବାବେଳେ ସାବିତ୍ରୀ ତାଙ୍କ ସଙ୍ଗରେ ଗଲେ । ବଣରେ ସତ୍ୟବାନ ଅଶ୍ୱସ୍ତି ବୋଧ କରିବାରୁ ସାବିତ୍ରୀଙ୍କ କୋଳରେ ମୁଣ୍ଡ ରଖି ନିଦ୍ରା ଗଲେ ଓ ତାହାହିଁ ତାଙ୍କର ମହାନିଦ୍ରା (ମୃତ୍ୟୁ) ହେଲା । କିନ୍ତୁ ସାବିତ୍ରୀ ନିଜ ମୃତ ସ୍ୱାମୀଙ୍କ ମସ୍ତକକୁ ନିଜ କ୍ରୋଡ଼ରେ ରଖି ସେହିଠାରେ ବସି ରହିଲେ । ଯମଦୂତମାନେ ସତ୍ୟବାନଙ୍କ ଜୀବ ନେବା ପାଇଁ ଆସି ସାଧ୍ୱୀ ସାବିତ୍ରୀଙ୍କ ନିକଟରୁ ଛଡ଼ାଇ ନେଇ ନ ପାରି ଫେରିଗଲେ। ବିଫଳ ଯମଦୂତଙ୍କଠାରୁ ଖବର ପାଇ ନିଜେ ଯମ ଆସି ସେଠାରେ ପହଞ୍ଚି ସତ୍ୟବାନଙ୍କ ଜୀବ ଧରି ବାହାରିଲେ। ସାବିତ୍ରୀ ମଧ୍ୟ ଯମଙ୍କୁ ଅନୁଗମନ କଲେ। ଯମରାଜା ଏହାଙ୍କ ପତିଭକ୍ତି ଓ ସ୍ତୁତିପାଠରେ ତୁଷ୍ଟ ହୋଇ ସତ୍ୟବାନଙ୍କ ବଦଳରେ ତିନୋଟି ବର ଦେବାକୁ ସତ୍ୟକଲେ ସର୍ତ୍ତ ରଖିଲେ ଯେ ସତ୍ୟବାନଙ୍କ ଜୀବନ ବଦଳରେ ଆଉ ଯାହା କିଛି ମାଗି ପାରନ୍ତି । ଏହି କ୍ରମରେ ପ୍ରଥମ ବରରେ ଶ୍ୱଶୁରଙ୍କ ନଷ୍ଟ ଚକ୍ଷୁ ଓ ହୃତ ରାଜ୍ୟ ପୁନଃ ପ୍ରାପ୍ତ, ଦ୍ୱିତୀୟ ବରରେ ନିଜ ପିତାଙ୍କ ପାଇଁ ଏକ ପୁତ୍ର ସନ୍ତାନ ଓ ତୃତୀୟ ବରରେ ନିଜ ଗର୍ଭରୁ ଶତପୁତ୍ର କାମନା କଲେ । ଯମ ତଥାସ୍ତୁ କହି, ଫେରିଯିବାକୁ କହିବାରୁ, ସାବିତ୍ରୀ ସ୍ୱାମୀଙ୍କ ବିନା କିପରି ଶତପୁତ୍ର ପାଇବେ ପଚାରିଲେ, ଅଗତ୍ୟା ନିରୁପାୟ ହୋଇ ସତ୍ୟବାନଙ୍କୁ ପୁନଃ ଜୀବିତ କରାଇ ଆୟୁଦାନ କଲେ । ଅନେକଙ୍କର ଧାରଣା ରହିଛି ଯେ ଜ୍ୟେଷ୍ଠ ଅମାବାସ୍ୟାର ସାବିତ୍ରୀ ବ୍ରତରେ ଏହି ସାବିତ୍ରୀଙ୍କୁ ପୂଜା କରାଯାଏ। କିନ୍ତୁ ତାହା ପ୍ରକୃତ କଥା ନୁହେଁ। ସତ୍ୟବାନ ଓ ସାବିତ୍ରୀ ଅବଶ୍ୟ ଲୋକବିଶ୍ୱାସରେ ଦେବତାର ସ୍ତରକୁ ଉତ୍ତୀର୍ଣ୍ଣ ହୋଇଯାଇଛନ୍ତି, କିନ୍ତୁ ସେମାନେ ମାନବ-ମାନବୀ। ସେମାନେ ଏ ବ୍ରତର ଉପାସ୍ୟ ବା ଉପାସ୍ୟା ନୁହନ୍ତି। ଏ ବ୍ରତର ଉପାସ୍ୟା ହେଉଛନ୍ତି ଦେବୀ ସାବିତ୍ରୀ। ସାବିତ୍ରୀ ହେଉଛନ୍ତି ଗାୟତ୍ରୀ ମନ୍ତ୍ରର ଅଧିଷ୍ଠାତ୍ରୀ ଦେବୀଙ୍କର ଦ୍ୱିପ୍ରହର ସମୟର ରୂପ। ସେ ଯୁବତୀ, ଶୁକ୍ଳବର୍ଣ୍ଣା, ସୁରୂପା, ଚତୁର୍ଭୁଜା ଓ ଶୁକ୍ଳାମ୍ବରା। ସେ ସୂର୍ଯ୍ୟଙ୍କର ପୁତ୍ରୀ ଓ ବ୍ରହ୍ମାଙ୍କର ପତ୍ନୀ। ତାଙ୍କର ଅନ୍ୟ ନାମ ଶତରୂପା, ଗାୟତ୍ରୀ, ସରସ୍ୱତୀ ଓ ବ୍ରହ୍ମାଣୀ। ବ୍ରାହ୍ମଣମାନେ ତ୍ରିସଂଧ୍ୟାର ମଧ୍ୟାହ୍ନ ସଂଧ୍ୟାରେ ଗାୟତ୍ରୀ ମନ୍ତ୍ର ଜପ କରିବା ପୂର୍ବରୁ ଏହି ଦେବୀଙ୍କୁ ଧ୍ୟାନ କରିଥାଆନ୍ତି। ଏହାଙ୍କୁ ଉପାସନା କରି ଅଶ୍ୱପତି ସାବିତ୍ରୀଙ୍କୁ କନ୍ୟା ରୂପେ ପାଇଥିଲେ। ଏହି ଦେବୀ ହିଁ ପ୍ରକୃତରେ ସାବିତ୍ରୀ ବ୍ରତର ଉପାସ୍ୟା ଦେବୀ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୮୨୪୯୫୦୨୭୭୬

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ....

### ୩ ବର୍ଷରେ ୧୨୫...

ହେଲେ ସାଇବର ଲୁଟେରା ତାଙ୍କୁ ଏବେ ପୁଣି ଟଙ୍କା ମାଗିବା ସହ ତାଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରିଦେବାର ଧମକ ଦେଉଛି। ଅକଲ ଗୁଡୁମ୍ ହେବା ପରେ ଉଭୟ ବିଶ୍ୱଜିତ ଓ ପ୍ରଦ୍ୟୁମ୍ନ ଏବେ ଭୁବନେଶ୍ୱର ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି । ପ୍ରତ୍ୟେକ ଦିନ ଏଭଳି ଶହ ଶହ ଉଚ୍ଚଶିକ୍ଷିତ ଆଉ ଡିଜିଟାଲ୍ ୱାର୍ଲଡ୍ କୁ ବୁଝୁଥିବା ଲୋକ ବି ସାଇବର୍ ଲୁଟେରାଙ୍କ ଶିକାର ହେଉଛନ୍ତି। କିଛି ମାସ ତଳେ ପୂର୍ବତନ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା ସେୟାର ମାର୍କେଟରେ ଇନଭେଷ୍ଟ ନାଁରେ ସାଇବର୍ ଲୁଟେରାଙ୍କ ଶିକାର ହୋଇ ହରାଇଥିଲେ କୋଟିଏ ୪୦ ଲକ୍ଷ ଟଙ୍କା। କ୍ରାଇମବ୍ରାଞ୍ଚ ସାଇବର ସେଲର ସୂଚନା ଅନୁସାରେ ଏବେ ସାଇବର ଠକମାନେ ଟ୍ରେଡିଂ, ଟୁରିଜିମ୍ ଓ ଡିଜିଟାଲ୍ ମାର୍କେଟିଂ ଆଦି ସାଇଟ୍ ରେ ଜାଲ ବିଛାଇ ବସିଛନ୍ତି। ଯେଉଁମାନେ ସେୟାର ମାର୍କେଟରେ ଇନଭେଷ୍ଟ କରୁଛନ୍ତି ସେମାନଙ୍କୁ କରୁଛନ୍ତି ଟାର୍ଗେଟ୍। କମ୍ ସମୟରେ ଅଧିକ ଟଙ୍କା ରିଟର୍ଣ୍ଣ ପାଇବାର ଲୋଭ ଦେଖାଇ ସବୁ ଅର୍ଥ ହଡପ କରି ନେଉଛନ୍ତି। ଗତ ୨୩ ତାରିଖରେ ଏହିଭଳି ଏକ ମାମଲାର ପର୍ଦ୍ଦାଫାସ କରିଥିଲେ କ୍ରାଇମବ୍ରାଞ୍ଚ ଡିଜି। ଭୁବନେଶ୍ୱରର ଜଣେ ବ୍ୟକ୍ତି ଅନଲାଇନ ଟ୍ରେଡିଂ କରୁଥିବା ବେଳେ ସାଇବର ଲୁଟେରାଙ୍କ ଜାଲରେ ପଡିଯାଇଥିଲେ।ଅଧିକ ରିଟର୍ଣ୍ଣ ଦେବାକୁ କହି ଏକ କୋଟି ୫୫ ଲକ୍ଷ ଟଙ୍କା ଲୁଟି ନେଇଯାଇଥିଲେ। ଏହି ମାମଲାରେ ପୋଲିସ୍ ଭୋପାଳରୁ ଦୁଇ ଜଣଙ୍କୁ ଗିରଫ କରିଛି। ଅନଲାଇନ ଟ୍ରେଡିଂ ନାଁରେ ସାଇବର ଠକେଇ ମାମଲାରେ ଓଡ଼ିଶା କ୍ରାମବ୍ରାଞ୍ଚ ୩୩ ଜଣଙ୍କୁ ରାଜ୍ୟ ବାହାରୁ ଗିରଫ କରି କୋର୍ଟ ଚାଲାଣ କରିସାରିଲାଣି।

### ଦାନା ବାନ୍ଧୁଛି ...

ପ୍ରାକ ମୌସୁମୀ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ଗତକାଲି ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଦେଖିବାକୁ ମିଳିଛି। ୧୬ ବର୍ଷ ପରେ ଚଳିତ ବର୍ଷ ମୌସୁମୀ ଆଗୁଆ ଆସିଥିବାରୁ ଓଡ଼ିଶାରେ ବି ସଅଳ ପ୍ରବେଶ ପାଇଁ ପାଗ ଅନୁକୂଳ ରହିଥିବା କୁହାଯାଉଛି। ସାଧାରଣତଃ ଜୁନ୍ ୧ରେ ମୌସୁମୀ କେରଳ ଛୁଇଁଥାଏ । ୧୯୯୦ରେ ମେ'୧୯ରେ ମୌସୁମୀ କେରଳ ଛୁଇଁଥିଲା । ଏହାପରେ ୨୦୦୯ରେ ମେ' ୨୩ରେ ମୌସୁମୀ କେରଳ ଛୁଇଁଥିଲା । ଗତବର୍ଷ ମେ ୩୦ରେ କେରଳ ଛୁଇଁଥିଲା ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ।

### ବିଶ୍ୱର ସର୍ବବୃହତ ...

୪.୧୯ ଟ୍ରିଲିୟନରେ ରହିଛି। ଭାରତର ଦ୍ରୁତ ଅଭିବୃଦ୍ଧି ପଛରେ ନିର୍ମାଣ କ୍ଷେତ୍ରର ଶକ୍ତିକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ବୋଲି ବିବେଚନା କରାଯାଉଛି। ଗତ ୧୧ ବର୍ଷ ଧରି କେନ୍ଦ୍ର ସରକାର ନିରନ୍ତର ନିର୍ମାଣ କ୍ଷେତ୍ରରେ ଟଙ୍କା ନିବେଶ କରିଆସୁଛନ୍ତି। ରାସ୍ତା, ରେଳ ପରିବହନ, ବନ୍ଦର ନିର୍ମାଣ ଏବଂ ଆବାସିକ କୋଠା ନିର୍ମାଣକୁ ତାଙ୍କ ନୀତିରେ ରଖିଛନ୍ତି। ଏହାର ଲାଭ ଶିଳ୍ପ କ୍ଷେତ୍ରର ୫୦ଟି ପ୍ରମୁଖ କ୍ଷେତ୍ର ପାଇଛି, ଯେଉଁଥିରେ କୋର ସେକ୍ଟରର ଇସ୍ପାତ, ସିମେଣ୍ଟ, ବିଦ୍ୟୁତ୍, ତୈଳ ଅନ୍ତର୍ଭୁକ୍ତ। ଏହି କାରଣରୁ, ଏହା ସହିତ ଜଡିତ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଦ୍ରୁତ ଅଭିବୃଦ୍ଧି ଦେଖାଯାଇଛି। ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ପାଲଟିଥିବା ବେଳେ ଆସନ୍ତୁ ନଜର ପକାଇବା ୨୦୨୫ର ତଥ୍ୟ ଅନୁଯାୟୀ ବିଶ୍ୱର ଶ୍ରେଷ୍ଠ ୧୦ ବୃହତ ଅର୍ଥନୀତି ଉପରେ। ଯୁକ୍ତରାଷ୍ଟ୍ର ଆମେରିକା ୩୦.୩୪ ଟ୍ରିଲିୟନ ଡଲାର ସହ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛି। ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ଚାଇନା ୧୯.୨୩ ଟ୍ରିଲିୟନ ଡଲାର ସହିତ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଜର୍ମାନୀ ୪.୭୪ ଟ୍ରିଲିୟନ ଡଲାର ସହିତ ତୃତୀୟ ଓ ଭାରତ ୪.୨୭ ଟ୍ରିଲିୟନ ଡଲାର ସହିତ ଚତୁର୍ଥ ସ୍ଥାନରେ ରହିଛି। ୪.୧୯ ଟ୍ରିଲିୟନ ଡଲାର ସହିତ ଜାପାନ ପଞ୍ଚମ ସ୍ଥାନକୁ ଖସିଥିବା ବେଳେ ୩.୮୪ ଟ୍ରିଲିୟନ ଡଲାର ଅର୍ଥନୀତି ସହ ୟୁକେ ଷଷ୍ଠ ସ୍ଥାନରେ ରହିଛି। ଫ୍ରାନ୍ସ ୩.୧୯ ଟ୍ରିଲିୟନ ଡଲାର, ଇଟାଲୀ ୨.୪୦ ଟ୍ରିଲିୟନ ଡଲାର, କାନାଡା ୨.୩୧ ଟ୍ରିଲିୟନ ଡଲାର ଓ ବ୍ରାଜିଲ ୨.୧୩ ଟ୍ରିଲିୟନ ଡଲାର ସହିତ ଯଥାକ୍ରମେ ସପ୍ତମରୁ ଦଶମ ସ୍ଥାନରେ ରହିଛନ୍ତି।

### ବଡ଼ ପୁଅ ଉପରେ...

ପ୍ରକାର ଭୂମିକା ରହିବ ନାହିଁ। ତାକୁ ଦଳରୁ ୬ ବର୍ଷ ପାଇଁ ବହିଷ୍କାର କରାଯାଉଛି। ନିଜ ଜୀବନର ଭଲ-ଖରାପ ଓ ଗୁଣ-ଦୋଷ ଆଦି ପରଖିବା ପାଇଁ ସେ ନିଜେ ସକ୍ଷମ। ତାଙ୍କ ସହିତ ଯେଉଁମାନେ ସଂପର୍କ ରଖିବେ, ସେମାନେ ସେମାନଙ୍କ ବିବେକକୁ ପଚାରି ନିଷ୍ପତ୍ତି ନେବେ। ସାର୍ବଜନୀନ ଜୀବନରେ ମୁଁ ସର୍ବଦା ପାରିବାରିକ ମର୍ଯ୍ୟାଦାକୁ ଗୁରୁତ୍ୱ ଦେଇ ଆସିଛି। ପରିବାରର ଆଜ୍ଞାକାରୀ ସଦସ୍ୟମାନେ ସାର୍ବଜନୀନ ଜୀବନରେ ଏହି ବିଚାରକୁ ଅନୁସରଣ କରିଛନ୍ତି ବୋଲି ଲାଲୁ ପ୍ରସାଦ ଯାଦବ ତାଙ୍କ ଏକ୍ସରେ ଲେଖିଛନ୍ତି।

# ସୁବର୍ଣ୍ଣ ଜୟନ୍ତୀ ସମାରୋହ ପ୍ରସ୍ତାବ ଆଲୋଚନା ବୈଠକ

ବାସୁଦେବପୁର, ୨୫/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଗୋ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ଓ ଆଲୁମିନି କମିଟି ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପ୍ରସ୍ତାବ ଆଲୋଚନା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଏହି ବିଦ୍ୟାଳୟର ପୁରାତନ ଛାତ୍ର ତଥା ଧାମ ନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ସଭାପତିତ୍ୱ କରିଥିଲେ। ଅଲୁମ୍ନି ସଭାପତି ବସନ୍ତ କୁମାର ନାୟକ, ପୁରାତନ ଛାତ୍ର ରାଜା କୁମାର ନାୟକ, ସମିତି ସଭ୍ୟ କୈଳାସ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ପୂର୍ବତନ ବିଧାୟକ ତଥା ଏହି ବିଦ୍ୟାଳୟର ପୁରାତନ ଛାତ୍ର ମୁକ୍ତିକାନ୍ତ ମଣ୍ଡଳ ତାଙ୍କ ବକ୍ତବ୍ୟରେ କହିଲେ ଏହି ବିଦ୍ୟାଳୟର ପ୍ରଥମେ ଭିତ୍ତିଭୂମି ଓ ପାରିପାର୍ଶ୍ୱିକ ପରିବେଶ ଠିକ୍ କରି ସାରିବା ପରେ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତାବ ରଖାଯିବ। ସ୍କୁଲରେ ସଂଯୋଜନା କମିଟିର ଆବଶ୍ୟକତା ରହିଛି। ଆମର ବିରୋଧୀ ଦଳ ଓ ନେତା ଅଛନ୍ତି ସତ କିନ୍ତୁ ଯେତେ ସମସ୍ୟା ଆସିଲେ ମଧ୍ୟ ସୁଗୋ ହାଇସ୍କୁଲର ବିକାଶ ଦିଗରେ ଆମେ ସର୍ବଦା ଉଦ୍ୟମ ଜାରି ରଖିଛୁ ବୋଲି ପୂର୍ବତନ ବିଧାୟକ ଶ୍ରୀ ମଣ୍ଡଳ ପ୍ରକାଶ କରିଥିଲେ। ପୁରାତନ ଛାତ୍ର ମାନଙ୍କୁ ନେଇ ୫୧ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଅଛନ୍ତି ମୁକ୍ତିକାନ୍ତ ମଣ୍ଡଳ। ଅନ୍ୟ ପୁରାତନ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପଦ ପଦବୀରେ ରହିଛନ୍ତି ଓ ଆଗାମୀ ଦିନରେ ସମସ୍ତେ ମିଳିମିଶି ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହ କୁ ଖୁବ୍ ଭଲ ଭାବରେ ପାଳନ କରିବେ ବୋଲି ମତ ପ୍ରକାଶ କରିଥିଲେ। ଏହି ବୈଠକରେ ବହୁ ସଂଖ୍ୟାରେ ପୁରାତନ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।


GOVERNMENT OF ODISHA
FOREST, ENVTRONMENT & CLIMATE CHANGE DEPARTMENT
OFFICE OF THE DIVISIONAL FOREST OFFICER, ANGUL FOREST DIVISION -159122
E-mail I D- dfoaneul@gmail.com, dfo.aneul@odisha.eov.in
Phone No- 9938022883
Bid Identification No. DFO, ANG 01l2o25'2o26
NO. 207/1F, Dated, Angul the 22nd May, 2025
NOTICE INVITING TENDER

| S. No. | | Name of the Work Procurement of Different Planting materials for Planting Season - 2025-26 https :// angul.odisha. gov. in |
|---|---|---|
| 1 | Estimated Cost | Depending upon funds availability |
| 3 | Period & time of completion | 15 days from the date of issue of orders |
| 4 | Date & time of availability of the bid document in the portal | 23.05.2025 to 04.06.2025 |
| 5 | Last date/Time for receipt of bids in the portal | Up to 5.oo PM of 04.06.2025 |
| 6 | Date & Time of bid opening | 09.00 hours on Dated. 05.06.2025 |
| 7 | Name & Address of the officer inviting Bid | Divisional Forest Officer, Angul Forest Division., Pin-759122 |

Others can see the details from Notice inviting Tenders, available in websitehttps:// aneul.odisha.eov.in. Corrigendum if any, shall only be published in the above website

OIPR: 08027/11/0023/2526

Divisional Forest Officer
Angul Forest Division


# ତିହିଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଦେବବ୍ରତ ରାଉତ ବାଣିଜ୍ୟରେ ଟପ୍ପର

ଭଦ୍ରକ, ୨୫/୫ (ନି.ପ୍ର): ଭଦ୍ରକ ଜିଲା ତିହିଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଣିଜ୍ୟ ବିଭାଗର ଛାତ୍ର ଦେବବ୍ରତ ରାଉତ ସ୍କୁଲ ଟପ୍ପର ହୋଇଥିବା ଜଣାପଡ଼ିଛି। ସେ ମୋଟ ୬୦୦ ନମ୍ବର ମଧ୍ୟରୁ ୫୫୨ (୯୨%)ନମ୍ବର ରଖି ସ୍କୁଲର ଟପ୍ପର ହୋଇଥିବା ବେଳେ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଣାଯାଇଛି। ସେ ଭବିଷ୍ୟତରେ ଜଣେ ଚାଟାର୍ଡ଼ ଆକାଉଂଟାଂଟ ହେବାର ଲକ୍ଷ୍ୟ ରଖି ଗୁଜୁରାଟରେ ପ୍ରାକ୍ଟିସ୍ ମଧ୍ୟ ଆରମ୍ଭ କରିଦେଇଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ସ୍ୱାଗତରାଜ ବେହେରା (୫୧୦) ଦ୍ୱିତୀୟ ସ୍ଥାନ, ଓମ୍‌ପ୍ରକାଶ ପଣ୍ଡା (୪୯୦) ତୃତୀୟ ସ୍ଥାନ, ଚନ୍ଦ୍ରକାନ୍ତ ପଣ୍ଡା (୪୮୯) ଚତୁର୍ଥ ସ୍ଥାନ ଓ ମନୋରଂଜନ ବେହେରା (୪୮୭) ପ ମ ସ୍ଥାନ ଅଧୀକାର କରିଥିବା ଜଣାଯାଇଛି। ଏହି ସଫଳତା ପାଇଁ ସ୍କୁଲର ଅଧକ୍ଷ ଦୀନବନ୍ଧୁ ଗାହାଣ, ବାଣିଜ୍ୟ ବିଭାଗର ପ୍ରାକ୍ତନ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବାରିକ, ଅଧ୍ୟାପକ ଜତେନ କୁମାର ପାଢ଼ୀ, ଅଧ୍ୟାପିକା ବର୍ଣ୍ଣାଳି ବିଶ୍ୱଜିତା ବାରିକଙ୍କ ସମେତ ସ୍କୁଲର ସମସ୍ତ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଛାତ୍ରଛାତ୍ରୀମାନେ ଶ୍ରେୟ ଦେଇଛନ୍ତି।

# ବୃକ୍ଷମାନବୀ ସତ୍ୟଭାମା ପାକଲଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ

ଭଦ୍ରକ, ୨୫/୫ (ନି.ପ୍ର): ଭଦ୍ରକ ଜିଲ୍ଲା ଭଦ୍ରକ ବ୍ଲକ ବଣିଆଁ ଗ୍ରାମ ପଂଚାୟତ ଅନ୍ତର୍ଗତ ବଣିଆ ରାଜସ୍ୱଗ୍ରାମର ସମାଜସେବିକା ତଥା ବୃକ୍ଷ ମାନବୀ ସତ୍ୟଭାମା ପାକଲଙ୍କ ସ୍ମୃତି ଚାରଣ ସଭା ତାଙ୍କ ନିଜସ୍ୱ ଗ୍ରାମ ବଣିଆଁ ଠାରେ ବରିଷ୍ଠ ନାଗରିକ ରାମଚନ୍ଦ୍ର ପାକଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ଚାରଣ ସଭା ରେ ବିଜେଡି ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ପୌରଧକ୍ଷା ଗୁଲୁମୁକ୍ଲୀ ଦଲୱାଜି ହବିବ୍, ସିପିଆଇ(ଏମ) ର ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ଗିରିଧାରୀ ନାଥ, ଭଦ୍ରକ ବ୍ଲକ ପୂର୍ବତନ ଉପସଭାପତି ପ୍ରଫୁଲ୍ଲ ନାୟକ, ବିଜେଡି ଯୁବ ନେତା ନାସିରୁଦ୍ଦିନ ଖାନ୍, ପ୍ରଫେସର ପାର୍ଥସାରଥି ଦାଶ, ଶିକ୍ଷକ ନେତା ଚିତ୍ରଭାନୁ ଦାଶ, ଯୁବ ଆଇନଜୀବୀ ବିନୋଦ ସାହୁ, ଯୁବ ଆଇନଜୀବୀ ଉଜ୍ଜ୍ୱଳ ଜେନା, ବଣିଆଁ ଗ୍ରାମ ପଂଚାୟତ ର ସରପଂଚ ଅଜୟ ସାମଲ, କଂଗ୍ରେସ ନେତା ନରୋତମ ରାଉତ, ଅନ୍ୟତମ କଂଗ୍ରେସ ନେତା କୈଳାସ ନାୟକ, ମହେଶ୍ୱର ପାକଲ, ବିଜେଡି ନେତା ଶଙ୍କର୍ଷଣ ପଣ୍ଡା ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ସ୍ମୃତି ଚାରଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଓଡିଶାର ବୈଠକ

ବଡ଼ସାହି , ୨୫/୫ (ନି.ପ୍ର): ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ, ଓଡିଶା (ବିଦ୍ୟାଳୟ ଶିକ୍ଷା) ମୟୂରଭଞ୍ଜଶାଖା ପକ୍ଷରୁ ରତିକାନ୍ତ ମଣ୍ଡଳଙ୍କ ସଭାପତିତ୍ୱରେଏକ ବୈଠକର ଆୟୋଜନ ଉଦଳା ସ୍ଥିତ ମେଣ୍ଢାଖାଇ ଯୁବକ ସଂଘଗୃହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ପ୍ରାନ୍ତ ସାଧାରଣ ସଂପାଦକ ପ୍ରମୋଦ କୁମାର ବାଜୁବନ୍ଧ ଯୋଗଦେଇ ଆଲୋଚନା କରି ଶିକ୍ଷକମାନଙ୍କର ସମାସ୍ୟା ବିଶେଷ କରି ସଂସ୍କୃତ ଓ ହିନ୍ଦୀଶିକ୍ଷକମାନଙ୍କ ଇନକ୍ରିମେଣ୍ଟ କୁ ଜିଲ୍ଲାଶିକ୍ଷାଧିକାରୀ ମହୋଦୟ ମନମୁଖୀ ଭାବରେ ସରକାରଙ୍କ କୌଣସି ଚିଠି ନଥାଇ ହ୍ରାସ କରିଛନ୍ତି ଏହା ସହିତ ୨୪ ଓ ୨୫ ବର୍ଷର ଇନକ୍ରିମେଣ୍ଟ ମଧ ବନ୍ଦ କରିଛନ୍ତି ବହୁକହିବା ସତ୍ତ୍ୱେ ଦେଉ ନାହାଁନ୍ତି ପ୍ରକାଶଥାଉ କି ପୂର୍ବଜିଲ୍ଲା ଶିକ୍ଷାଧିକରୀ ୪ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନକରିଥିବା ବେଳେ ବର୍ତ୍ତମାନର ଜିଲ୍ଲାଶିକ୍ଷାକରୀ କୌଣସି ଚିଠି ନଦେଇ ବନ୍ଦ କରିଛନ୍ତି । ଏଣୁ ଏହାକୁ ମହାସଂଘ ମାଧ୍ୟମରେ ସରକାରଙ୍କ ନିକଟରେ ଉପସ୍ଥାପନ ଖୁବ୍ ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।ଏହି ଅବସରରେ ଆଗାମୀ ଦିନରେ ମହାସଂଘର ଏକ ଜିଲ୍ଲା କମିଟି ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକମାନଙ୍କୁ ନେଇଁ ଗଠନକରାଯିବାକୁ ସ୍ଥିରକରାଗଲା କମିଟି ଗଠନ ହେବା ପର୍ଯ୍ୟନ୍ତ ସଂଯୋଜକ




ନିରଞ୍ଜନ ଜେନା, ସହସଂଯୋଜକ ରମେଶ ଚନ୍ଦ୍ର ରାଉଳ ଓ ମହିଳା ପ୍ରମୁଖ ମନ୍ଦାକିନୀ ଷଡ଼ଙ୍ଗୀଙ୍କୁ ମନନୀତ କରାଗଲା ।ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶିକ୍ଷକ ପ୍ରତିନିଧି ଯୋଗଦାନ କରିଥିଲେ ।

# ରଥଯାତ୍ରା ପାଇଁ ଇଫକୋ ପକ୍ଷରୁ ଦୁଇଶହ ରୋଡ୍ ବ୍ୟାରିକେଟ୍ ପ୍ରଦାନ




ପାରାଦୀପ, ୨୫/୫ : ଆଗାମୀ ରଥଯାତ୍ରା ନିମନ୍ତେ ପାରାଦୀପସ୍ଥିତ ବିଶ୍ୱର ସର୍ବବୃହ ସମବାୟଭିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ସାର କାରଖାନା ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଦୁଇଶହ ରୋଡ୍ ବ୍ୟାରିକେଟ୍ ପ୍ରଦାନ କରାଯାଇଛି । ରବିବାର ଦିନ ପୁରୀ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଇଫକୋର ପାରାଦୀପ ୟୁନିଟ୍ ହେଡ୍ ପି.କେ.ମହାପାତ୍ର ଏବଂ ଇଫକୋର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ପୁରୀ ଜିଲ୍ଲା ପ୍ରଶାସନକୁ ଏହି ରୋଡ୍ ବ୍ୟାରିକେଡ୍ ପ୍ରଦାନ କରିଥିଲେ । ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ପ୍ରାୟ ୧୦ଲକ୍ଷରୁ ଉର୍ଦ୍ଧ ଭକ୍ତଙ୍କ ସମାଗମ ହେବ । ଏହି ସମୟରେ ସମଗ୍ର ପୁରୀ ସହର ସମେତ ପୁରୀକୁ ଯୋଗାଯୋଗ କରୁଥିବା ରାସ୍ତାରେ ପ୍ରବଳ ଯାନବାହନ ଗହଳି ହେବା ସହିତ ଲୋକମାନଙ୍କର ଭିଡ ବଢିବ । ଏହାକୁ ଦୃଷ୍ଟିରେ ରଖି ରୋଡ୍ ବାରିକେଟ୍‌ର ଆବଶ୍ୟକତା ପୂରଣ କରିବା ପାଇଁ ଇଫକୋ ପାରାଦୀପ ୟୁନିଟ୍ ଏହି ପଦକ୍ଷେପ ନେଇଛି । ଯାହାକି ଶୃଙ୍ଖଳିତ ଭାବେ ରଥଯାତ୍ରା ପରିଚାଳିନାରେ ସଫଳତା ମିଳିବ । ଏହି ମହାନ କାର୍ଯ୍ୟରେ ଇଫକୋ ତାର ସହଭାଗିତା ଯୋଗାଇ ଦେବା ଇଫକୋ ପାଇଁ ଗର୍ବ ଓ ଗୌରବର କଥା ବୋଲି କହିଛନ୍ତି ଇଫକୋର ୟୁନିଟ୍ ହେଡ୍ ପି.କେ.ମହାପାତ୍ର । ଏଥି ସହିତ ଭକ୍ତମାନଙ୍କ ନିମନ୍ତେ ଇଫକୋ ପକ୍ଷରୁ ମାଗଣାରେ ପ୍ରସାଦ ବନ କାର୍ଯ୍ୟ ଯାହାକି ବିଗତ ବର୍ଷମାନଙ୍କରେ ଚାଲିଥିଲା ଚଳିତ ବର୍ଷ ମଧ ଏହା ବଳବର ରହିବ ବୋଲି ସେ ସୂଚନା ଦେଇଥିଲେ । କେବଳ ଶିଳ୍ପ ଓ କୃଷକମାନଙ୍କ ବିକାଶରେ ନୁହେଁ ସମଗ୍ର ମାନବ ସମାଜର କଲ୍ୟାଣରେ ଇଫକୋ ତାର ସହଭାଗିତା ବଜାୟ ରଖିଛି ।

# ଖାଲି ପଡିଛି ୩୦ ଡିଲର ପଏଣ୍ଟ, ହଟହଟା ହେଉଛନ୍ତି ହିତାଧିକାରୀ: ଅଧିକାରୀଙ୍କୁ ଚିଠି ପରେ ବି କାର୍ଯାନୁଷ୍ଠାନ ଶୂନ

## ପଞ୍ଚାୟତ ସମିତିରେ ଆପତ୍ତି ଉଠାଇଲେ ଲୋକପ୍ରତିନିଧି

ଖଇରା, ୨୫/୫ (ନି.ପ୍ର): ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ମାନଙ୍କୁ ସୁଷମ ଢଙ୍ଗରେ ରେସନ ସାମଗ୍ରୀ ଯୋଗାଇବା ପାଇଁ ବିଭିନ୍ନ ଡିଲର ନିଯୁକ୍ତି ପ୍ରଦାନ କରାଯାଇଛି । ଏଥି ମଧ୍ୟରୁ କିଛି ସ୍ୱୟଂସହାୟିକା ଗୋଷ୍ଠୀ ଥିବା ବେଳେ ଆଉ କିଛି ବ୍ୟକ୍ତିଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି । କୌଣସୀ ସ୍ୱିକୃତିପ୍ରାପ୍ତ ଏଜେଣ୍ଟବା ସରକାରୀ ଖୁଚୁରା ବିକ୍ରେତାଙ୍କ ମୃତ୍ୟୁ,ନିଲମ୍ବନ ବା ଇସ୍ତଫା ପରେ ତୁରନ୍ତ ଏଗୁଡିକୁ ଅଧିକାରୀ ମାନେ ପୁରଣ କରିବା କଥା । ଖଇରା ବ୍ଲକର ୧୩ ପଞ୍ଚାୟତର ୩୦ ପଏଣ୍ଟ ବିଭିନ୍ନ କାରଣରୁ ଖାଲି ପଡିଥିବାରୁ ହିତାଧିକାରୀ ମାନଙ୍କୁ ରେସନ ସାମଗ୍ରୀ ପାଇଁ ଦୁରଦୁରାନ୍ତକୁ ଯିବାକୁ ପଡୁଛି । ଦୂରତା କେଉଁଠି ୪କିମି ହୋଇଥିବା ବେଳେ ଆଉ କେଉଁଠି ୧କିମି ରହୁଛି । ଏହି ସ୍ପର୍ଶକାତର ପ୍ରସଙ୍ଗ ଉପରେ ଖଇରା ପଞ୍ଚାୟତ ସମିତିରେ ବାରମ୍ବାର ଆଲୋଚନା ସମାଲୋଚନା ହେଉଛି । ଗୋଟିଏ ପଟେ ବ୍ଲକ ସ୍ତରୀୟ ଯୋଗାଣ ବିଭାଗ ପରାମର୍ଶଦାତା କମିଟି ବସୁନଥିବା ବେଳେ ଅନ୍ୟପଟେ କ୍ଷମତାସମ୍ପର୍ଣ୍ଣ ଅଧିକାରୀ ଏହି ପ୍ରସଙ୍ଗରେ ନିରବ ରହୁଛନ୍ତି । ତୁରନ୍ତ ଏହି ପଏଣ୍ଟ ଗୁଡିକରେ ନୂତନ ସ୍ୱିକୃତିପ୍ରାପ୍ତ ଏଜେଣ୍ଟ ନିଯୁକ୍ତି ଦେବାକୁ ପଞ୍ଚାୟତର ଲୋକପ୍ରତିନିଧି ଓ ହିତାଧିକାରୀ ମାନେ ଦାବୀ କରିଛନ୍ତି । ଖଇରା ବ୍ଲକରୁ ମିଳିଥିବା ତଥ୍ୟ ଅନୁଯାୟୀ ୩ବର୍ଷ ତଳେ ଅମରିଆ , ଅନ୍ତରା, ବଡନୁଆଗାଁ, ଗୋଳିହା, ହରିପୁର, ଜଳଦା, ନନ୍ଦୁର, ମହତୀପୁର, ବାଉଁଶଗଡିଆ ଇତ୍ୟାଦି ୯ପଞ୍ଚାୟତର ୨୪ଟି ଡିଲରପଏଣ୍ଟ ଖାଲି ପଡିଥିଲା । ଏ ସମ୍ପର୍କରେ ତତକାଳିନ ବିଡିଓ ଚିଠି ନମ୍ବର ୩୪୪୮/ତା୨୮/୬/ ୨୫ରିଖରେ ବାଲେଶ୍ୱର ଉପଜିଲାପାଳଙ୍କୁ ଅବଗତ କରାଯାଇଥିଲା । ସେ ଗୁଡିକ ଏ ପର୍ଯ୍ୟନ୍ତ ପୁରଣ ହୋଇନଥିବା ବେଳେ ଏବେ କୁରୁଣ୍ଟା, ନୟାଖଣ୍ଡି,ସୁଣ୍ଡିରା ଗଣ୍ଡିବେଡ, ଡୁଙ୍ଗୁରା, ଗଡପୋଖରୀ ପଞ୍ଚାୟତର ୬ଟି ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ଖାଲି ପଡିଲାଣି । ଏଭଳି ପରିସ୍ଥିତିରେ ଏହି ଡିଲର ପଏଣ୍ଟ ଅଧିନରେ ରହିଥିବା ହିତାଧିକାରୀ ମାନଙ୍କୁ ପାଖ କେନ୍ଦ୍ର ଗୁଡିକ ସହ ଟ୍ୟାଗ କରାଯାଇଛି । ଯେଉଁଥିପାଇଁ ରଇଁତିରା, ବଗେଇପୁର, ବଡନୁଆଗାଁ, ପିଆଣଗଡିଆ, ଅଣ୍ଡାଇଲୋ, କିଶୋରନଗର ଭଳି ଅନେକ ଗାଁ ଗୁଡିକର ହିତାଧିକାରୀ ମାନଙ୍କୁ ଖରାଶିତରେ ୩କିମି ପର୍ଯ୍ୟନ୍ତ ଯିବାକୁ ପଡୁଛି । ମେ ୭ତାରିଖ ଦିନ ଖଇରା ପଞ୍ଚାୟତ ସମିତିର ୧୧ତମ ଅଧିବେସନରେ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଏହି ପ୍ରସଙ୍ଗକୁ ନେଇ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ଭଦ୍ରକ ଏମପି ଅଭିମନ୍ୟୁ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରି ଖାଲିପଦବୀ ଗୁଡିକୁ ପୁରଣ କରିବାକୁ ଦାବି କରିଥିଲେ । ଏ ସମ୍ପର୍କରେ ବ୍ଲକ ଯୋଗାଣବିଭାଗ ଅଧିକାରିଣୀ ସୁବାଷିନୀ ସାହୁଙ୍କୁ ପଚାରିବାରେ ପ୍ରତମେ ୨୦୨୨ରେ ଉପଜିଲାପାଳଙ୍କୁ ଅବଗତ କରାଯାଇଥିଲା । ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଖାଲି ପଡିଥିବା ବାକି ଯାଗା ପାଇଁ ଚିଠି କରାଯିବ ବୋଲି କହିଛନ୍ତି ।

# କୁଳଡିହା ଅଭୟାରଣ୍ୟରେ ବନବିଭାଗର ଚଢାଉ: ବନ୍ଧୁକ ସହ ୫ ଶିକାରୀ ଗିରଫ



ନୀଳଗିରି, ୨୫/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି କୂଳଡିହା ଅଭୟାରଣ୍ୟ ଚେମଚଟା ବିଟ ଅଞ୍ଚଳରେ ଅତର୍କିତ ଚଢ଼ାଉକରି ୫ଜଣ ଶିକାରୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି କୁଳଡିହା ବନବିଭାଗ । ସେମାନଙ୍କ ନିକଟରୁ ଗୋଟିଏ ଗୁଳିଭର୍ତ୍ତି ବନ୍ଧୁକ, ବନ୍ଧୁକ ପାଉଡର, ଦୁଇଟି ଧନୁ, ୬ଟି ତୀର, ଗୋଟିଏ କୁଟାରି ଶିଙ୍ଗ, ତାରରେ ନିର୍ମିତ ୩ଟି ଫାଶ ଜବତ କରିଛି ।ଜଙ୍ଗଲରେ ପଶୁଜନ୍ତୁଙ୍କ ଏବଂ ଶିକାରୀଙ୍କ ଗତିବିଧି ଉପରେ ଲକ୍ଷ୍ୟ କରାଯିବାପାଇଁ ଲଗାଯାଇଥିବା ୧୫ଟି ଟ୍ରାପ କ୍ୟାମେରା ଚୋରୀରେ ସଂପୃକ୍ତି ଥିବା ନେଇ ଅନ୍ୟଏକ ଗୁପ୍ତ କ୍ୟାମେରା ସାହାଯ୍ୟରେ ଉତ୍ତୋଳନ କରାଯାଇଥିବା ଫୋଟ ଆଧାରରେ ଚିହ୍ନଟ କରି ସମସ୍ତ ଅଭିଯୁକ୍ତ ଶିକାରୀଙ୍କୁ ଗିରଫ କରାଯାଇଥିବା କୁଳଡିହା ରେଞ୍ଜର ତଥା ଏସିଏଫ୍ ସୁବ୍ରତ କୁମାର ବେହେରା ସୂଚନା ଦେଇଛନ୍ତି । ଗିରଫ ଶିକାରୀ ହେଲେ ବାଲେଶ୍ୱର ଜିଲ୍ଲା ଔପଦା ଥାନା ଦରଖୋଳି ନିକଟସ୍ଥ ନରସିଂଶିଳା ଗ୍ରାମର ରମେଶ ମୁଣ୍ଡା (୪୫), ଗଣେଶ୍ୱର ମୁଣ୍ଡା (୨୧), ଗୋପି ହୋ, ମୋଦିଚୁଆ ଗ୍ରାମର ହାଡ଼ିଆ ଭଦ୍ରା(୨୭), ଏବଂ ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ବାଗଦଫା ଗୌରଚନ୍ଦ୍ରପୁରର ସେଲାଏ ଗିଲୁଆ । ତେବେ କୁଳଡିହାକୁ ଶିକାରୀମୁକ୍ତ କରିବା ପାଇଁ ଏଭଳି ଅଭିଯାନ ଆଗକୁ ଆହୁରି ଜୋରଦାର କରାଯିବ ବୋଲି ଏସିଏଫ୍ ଶ୍ରୀଯୁକ୍ତ ବେହେରା ସୂଚନା ଦେଇଛନ୍ତି ।

# ପିସିସି ଚାର୍ଜସିଟି ଡ୍ରାଫ୍‌ଟିଂ କମିଟିରେ ନୂତନ ସଦସ୍ୟ ଓ ଆବାହକ ନିଯୁକ୍ତ

ଭୁବନେଶ୍ୱର, ୨୫/୫ (ନି.ପ୍ର): ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ପିସିସି ଚାର୍ଜସିଟି ଡ୍ରାଫ୍‌ଟିଂ କମିଟିରେ କେତେକ ନୂତନ ସଦସ୍ୟ ଓ ଅବାହକଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ନିଯୁକ୍ତି ଦେଇଛନ୍ତି । ଏହି କମିଟିରେ ବିଧାୟକ ଶ୍ରୀତାରାପ୍ରସାଦ ବାହିନିପତି, ବିଧାୟକ ଶ୍ରୀ ଦାସରଥି ଗମାଙ୍ଗ, ଜଗଦାନନ୍ଦ ପ୍ରଧାନଙ୍କୁ ସଦସ୍ୟଭାବରେ ଓ ବାଙ୍କନିଧି ବେହେରାଙ୍କୁ ଆବାହକ ଭାବରେ ପିସିସି ସଭାପତି ଶ୍ରୀ ଦାସ ନିଯୁକ୍ତି ଦେଇଛନ୍ତି ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି ।

# ବର୍ଷକ ମଧରେ ପ୍ରତିଶ୍ରୁତି ପୂରଣ କରି ଦେଖାଇଲେ ସଦର ବିଧାୟକ ମାନସ ଦତ୍ତ

## ୮କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବୁଢାବଳଙ୍ଗ ନଦୀବନ୍ଧ ସୁରକ୍ଷା ସହ ଏକାଧିକ ପ୍ରକଳ୍ପର ହେଲା ଶିଳାନ୍ୟାସ

ବାଲେଶ୍ୱର, ୨୫/୫ (ନି.ପ୍ର): ଲୋକଙ୍କ ଆବଶ୍ୟକତା ଓ ଦାବି ଅନୁଯାୟୀ ପୂର୍ବର ପ୍ରତିଶୃତିକୁ, ନିର୍ବାଚିତ ହେବାର ମାତ୍ର ବର୍ଷକ ମଧରେ ପୁରଣ କରି ଦେଖାଇଛନ୍ତି ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ । ବୁଢାବଳଙ୍ଗ ନଦୀ ଦ୍ୱାରା ବାଲେଶ୍ୱର ସହରର ନଦୀକୂଳିଆ ଅଂଚଳବାସୀଙ୍କ ପାଇଁ ସୃଷ୍ଟି ହୋଇଥିବା ବିପଦର ସ୍ଥାୟୀ ପ୍ରତିକାର ନିମନ୍ତେ ବିଧାୟକ ଶ୍ରୀ ଦତ୍ତଙ୍କ ଉଦ୍ୟମ ସଫଳତାର ରୂପ ନେବାକୁ ଯାଉଛି । ବିଶେଷ କରି ପୁରୁଣା ବାଲେଶ୍ୱର ଠାରୁ ପଞ୍ଚିବାଗ ପର୍ଯ୍ୟନ୍ତ ନଦୀ କୂଳରେ ଅତଡା ଖସି ଜନସାଧାରଣଙ୍କ ଧନ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ପୁରୁଣା ବାଲେଶ୍ୱର, ଚକତେନ୍ତୁଳିପୁରା, ତେନ୍ତୁଳିପୁରା, ଘିସୁଆଁ, ଗବଗାଁ, ପଞ୍ଚିବାଗ ପ୍ରଭୃତି ଗ୍ରାମରେ ନଦୀବନ୍ଧର ସୁରକ୍ଷା ପାଇଁ ପଥର ପ୍ୟାଚିଂ ଓ ସ୍ପର ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବିଧାୟକ ଶ୍ରୀ ଦତ୍ତ ଯୋଗଦେଇ ମୋଟ ୮କୋଟି ୪୧ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପର



ଶିଳାନ୍ୟାସ କରିଥିଲେ । ଆସନ୍ତା ବର୍ଷ ଫେବୃଆରୀ ମାସ ସୁଦ୍ଧା ଏହି ପକଳ୍ପ କାର୍ଯ୍ୟ ସାରିବା ନେଇ ଲକ୍ଷ୍ୟ ରଖାଯାଇଛି । ରାଜ୍ୟରେ ସମ୍ପ୍ରତି ଲୋକଙ୍କ ସରକାର ଶାସନ ଭାର ନେଇଛି, ତେଣୁ ଲୋକଙ୍କ ପ୍ରତ୍ୟେକ ଆବଶ୍ୟକତାକୁ ପ୍ରାଥମିକତା ଦେଇ ପଦକ୍ଷେପ ଗ୍ରହଣ କରାଯାଉଥିବା ସାଂସଦ ଶ୍ରୀ ଷଡଙ୍ଗୀ ଏହି ଅବସରରେ କହିଥିଲେ । ବୁଢାବଳଙ୍ଗ ନଦୀ ଅବବାହିକାରେ ଥିବା ପୁରୁଣା ବାଲେଶ୍ୱର ଠାରୁ ପଞ୍ଚିବାଗ ପର୍ଯ୍ୟନ୍ତ ଛଅ ଖଣ୍ଡ ଗ୍ରାମର ଲୋକେ ନଦୀ ଅତଡା ଖସିବା ବିପଦ ମଧଦେଇ ଗତି କରୁଥିଲେ । ୨୦୧୬ ଠାରୁ କ୍ରମାଗତ ଭାବେ ଗୋଟିଏ ପରେ ଗୋଟିଏ ଘର ନଦୀ ଗର୍ଭରେ ଲୀନ ହେବାରେ ଲାଗିଥିଲା । ବନ୍ୟା ସମୟରେ ନଦୀ କୂଳ ଲଂଘିବା ଯୋଗୁଁ ଶହ ଶହ ଏକର ଜମିରେ ପାଣି ମାଡି ଯାଉଥିଲା । ନଦୀ ବନ୍ଧର ସୁରକ୍ଷା ପାଇଁ ଲୋକଙ୍କ ଦୀର୍ଘ ଦିନର ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ସହ ବୁଢାବଳଙ୍ଗ ନଦୀବନ୍ଧର ସୁରକ୍ଷା ନିମିତ୍ତ ପଦକ୍ଷେପ ନେବାକୁ ଅନୁରୋଧ ପରେ ଏହି ପ୍ରକଳ୍ପ କାର୍ଯ୍ୟ ଏବେ ଆରମ୍ଭ ହେବାକୁ ଯାଉଛି ବୋଲି ଶ୍ରୀ ଦତ୍ତ ପ୍ରକାଶ କରିଛନ୍ତି । ଏହା ସହିତ ବାଲେଶ୍ୱରର ପରିଚୟ ବାବା ବାଣେଶ୍ୱରଙ୍କ ପୀଠର ଉନ୍ନତି ପ୍ରକଳ୍ପ ଅନ୍ତର୍ଗତ ୮ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଏକ ସ୍ୱାଗତ ତୋରଣ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହେଉଥିବା ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ତେବେ ଧାର୍ଯ୍ୟ ସମୟସୀମା ମଧରେ ଉତ୍ତମ ମାନଦଣ୍ଡରେ ନିର୍ମାଣ କାର୍ଯ୍ୟ ସାରିବାକୁ ଉଭୟ ସାଂସଦ ଓ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଦୁଇ ପ୍ରକଳ୍ପ ସହିତ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନା ଅନ୍ତର୍ଗତ ମୋଟ ୫ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ପୁରୁଣା ବାଲେଶ୍ୱର ଦୁର୍ଗା ମଣ୍ଡପର ମରାମତି ଓ ପୁନରୁଦ୍ଧାର ଓ ୩ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଉଡାପଦା ଭାଗବତ ଗୋସେଇଁ ମଠର ମରାମତି ଓ ପୁନରୁଦ୍ଧାର ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା । କାର୍ଯ୍ୟକ୍ରମଗୁଡିକରେ ବାଲେଶ୍ୱର ପୌର ପରିଷଦର ୧ନଂ ୱାର୍ଡ କାଉନସିଲର ସୁସ୍ମିତା ନାଥ ଉପସ୍ଥିତ ଥିଲେ । ପରେ ବାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଆୟୋଜିତ ହୋଇଥିଲା । ଏଥିରେ ସାଂସଦ ଶ୍ରୀ ଷଡଙ୍ଗୀ ଓ ବିଧାୟକ ଶ୍ରୀ ଦତ୍ତ ଯୋଗଦେଇ ପ୍ରକଳ୍ପଗୁଡିକର ଆବଶ୍ୟକତା, ଉପାଦେୟତା ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ବରିଷ୍ଠ ନେତା ରବି ନାରାୟଣ ମାହାପାତ୍ର ଓ ଗୌରାଙ୍ଗ ଦାସ ଏଥିରେ ମଂଚସୀନ ଥିଲେ । ପରେ ସ୍ଥାନୀୟ ଅଂଚଳର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ମନ୍ମଥ ପାତ୍ର, କାର୍ତ୍ତିକ ନାଥ, ଅନନ୍ତ ନାୟକ, ସୀତାରାମ ନାଥ, ଦିଲ୍ଲିପ ମାଝୀ, ଭରତ ନାୟକ, ରାମଚନ୍ଦ୍ର ମାଝୀ, ସୁକାନ୍ତ ଖଟୁଆ, ସାଦବ ଦାସ, ଗଜେନ୍ଦ୍ର ବେହେରା, ଦେବେନ୍ଦ୍ର ମାଝୀ, ମଧୁକର ନାଥ, ଧିରଜ ମହାନ୍ତି, ମିହିର ମାଝୀ, ବିଶ୍ୱଜିତ ଖଟୁଆ, ହରେନ ମାଝୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ଭାରତ ଚତୁର୍ଥ ସର୍ବବୃହତ ଅର୍ଥନୀତି ହେବା ଅତ୍ୟନ୍ତ ଗୌରବ ପୂର୍ଣ୍ଣ ବିଷୟ: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୫/୫ (ନି.ପ୍ର): ଜାପାନକୁ ପଛରେ ପକାଇ ଭାରତ ଚତୁର୍ଥ ସର୍ବ ବୃହତ ଅର୍ଥନୀତି ହେବା ଅତ୍ୟନ୍ତ ଗୌରବ ପୂର୍ଣ୍ଣ ବିଷୟ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । କେନ୍ଦ୍ର ସରକାରଙ୍କ ଅଭିନନ୍ଦନୀୟ ପଦକ୍ଷେପ କାରଣରୁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି । ୨୦୨୪ ପରଠୁ କେନ୍ଦ୍ର ସରକାର ଯେଉଁ ସବୁ ବିସ୍ତୃତ ଯୋଜନା କରିଥିଲେ ସେଥିପାଇଁ ଆମେ ଦଶମ ସ୍ଥାନରୁ ଆସି ଚତୁର୍ଥ ସ୍ଥାନରେ ପହଁଚିଛୁ । ପ୍ରଧାନମନ୍ତ୍ରୀଙ୍କ ଦେଶକୁ ଆଗକୁ ନେବାର ସ୍ୱପ୍ନ ଏବଂ ସ୍ୱାବଲମ୍ବୀ କରିବାର କାର୍ଯ୍ୟ ହିଁ ଏହାକୁ ସମ୍ଭବ କରିପାରିଛି । ଏଥିପାଇଁ ଓଡ଼ିଶା ତରଫରୁ ଆମେ ସମସ୍ତେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଅଭିନନ୍ଦନ ଓ ଧନ୍ୟବାଦ ଜଣାଉଛୁ । ୨୦୩୬ ଓ ୨୦୪୭ ର ଲକ୍ଷ୍ୟ ନେଇ ଆମେ ଆଗକୁ ବଢୁ ଥିବା ବେଳେ ଏହା ଆମ ପାଇଁ ଗୋଟେ ମାଇଲ ଖୁଣ୍ଟ ଭାବେ ପ୍ରମାଣିତ ହୋଇଛି । ୨୦୪୭ ବେଳକୁ ଆମେ ବିଶ୍ୱର ସର୍ବ ବୃହତ ଅର୍ଥନୀତି ହୋଇ ଭାରତ ଛିଡ଼ା ହେବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶା ବି ସମାନ ଭାବେ ତାଳ ଦେଇ ୨୦୩୬ ର ଲକ୍ଷ୍ୟ ନେଇ ଆଗକୁ ବଢୁଛି ବୋଲି ସେ କହିଛନ୍ତି ।

# ସାବିତ୍ରୀ ଉପଲକ୍ଷେ ପ୍ରିୟା ମ୍ୟୁଜିକ୍ ପ୍ରସ୍ତୁତ ମୁଁ ତୋ ସାବିତ୍ରୀ ମ୍ୟୁଜିକ୍ ଭିଡିଓ ମୁକ୍ତିଲାଭ

ଭୁବନେଶ୍ୱର, ୨୫/୫ (ନି.ପ୍ର): ପ୍ରିୟା ମ୍ୟୁଜିକ୍ ବ୍ୟାନର ସବୁବେଳେ ନୂଆ ପରିକଳ୍ପନା ସହ ନୂଆ ନୂଆ ମ୍ୟୁଜିକ୍ ଭିଡିଓ ଦର୍ଶକଙ୍କୁ ଭେଟି ଦେଇଥାଏ । କିଛି ମାସ ପୂର୍ବେ ଏକ ଭିନ୍ନ ସ୍ୱାଦ ସହିତ ନିଆରା ପରିକଳ୍ପନାରେ କିଛି ନୂଆ କୁନି କଳାକାରଙ୍କୁ ନେଇ ଭେଟି ଦେଇଥିଲେ 'ତୁ ମୋ ଘରଣୀ' ନାମକ ଏକ ମ୍ୟୁଜିକ୍ ଭିଡିଓ । ଯାହାକୁ ଦର୍ଶକ ଦେଇଛନ୍ତି ଅନେକ ଭଲ ପାଇବା । ଏବେ ସାବିତ୍ରୀ ଆସିଛି, ସେହି ଅବସରରେ ପୁଣି ଏକ ନୂଆ ପରିକଳ୍ପନାରେ ମୁକ୍ତିଲାଭ କରିଛି ତୁ ମୋ ସାବିତ୍ରୀ । ଏହି ଅବସରରେ ଓଲିଉଡ଼ର ଅନେକ ପୁରୁଖା କଳାକାର ଅତିଥି ଭାବେ ଯୋଗଦେଇଥିଲେ । ବରିଷ୍ଠ ଅଭିନେତା ତଥା ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ




ନାୟକ, ପ୍ରଯୋଜକ ସଚ୍ଚିକାନ୍ତ ଜେନା, ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ, ମ୍ୟୁଜିକ୍ ଭିଡିଓ ନିର୍ଦ୍ଦେଶକ ମଣ୍ଟୁ ଜେନା, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ଲାଇନ୍ ପ୍ରଡ୍ୟୁସର ଅମର ମହାପାତ୍ରଙ୍କ ସମେତ ପ୍ରଯୋଜକ ରିଙ୍କୁ ପ୍ରଧାନ ଏବଂ ପ୍ରିୟା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଓଲିଉଡ଼ର ଜଣା ଶୁଣା କମେଡି ଅଭିନେତା ଅମର ମହାପାତ୍ରଙ୍କ ତତ୍ୱାବଧାନରେ ପ୍ରିୟା ମ୍ୟୁଜିକ୍ ବ୍ୟାନରରେ ପ୍ରସ୍ତୁତ ହୋଇଥିବା ଏହି ମ୍ୟୁଜିକ୍ ଭିଡିଓକୁ ପ୍ରଯୋଜନା କରିଛନ୍ତି ରିଙ୍କୁ ପ୍ରଧାନ ଓ ପ୍ରିୟା ପ୍ରଧାନ । ନିର୍ଦ୍ଦେଶନା ଦେଇଛନ୍ତି ମଣ୍ଟୁ ଜେନା । ରିଙ୍କୁ ପ୍ରଧାନ, ପ୍ରିୟା ପ୍ରଧାନ, ଅମର ମହାପାତ୍ର, ରାହୁଲ ରଙ୍ଗିଲା, ବୁଲ୍ଟି, ଶୁଭସ୍ମିତା ଏବଂ ସ୍ୱିଟିଙ୍କ ଭଳି କିଛି ନବୀନ ଓ ପ୍ରବୀଣ କଳାକାର ଏହି ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଛନ୍ତି । ଗୀତ ରଚନା କରିଛନ୍ତି ପି. ଶାରଦା, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପିଣ୍ଟୁ ଦାସ ଏବଂ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର ଓ ଅନ୍ତରା ଚକ୍ରବର୍ତ୍ତୀ । ଚିତ୍ରଉତ୍ତୋଳନ ସୁମନ ଏବଂ ସମ୍ପାଦନା କୁନା ରାଉଳ କରିଛନ୍ତି । ଲାଇନ୍ ପ୍ରଡ୍ୟୁସର ରହିଛନ୍ତି ଅମର ମହାପାତ୍ର । ମ୍ୟୁଜିକ୍ ଭିଡିଓର ଶୁଭମୁକ୍ତି ପରେ ପ୍ରିୟା ମ୍ୟୁଜିକ୍ ପ୍ରଡ଼କସନ୍ସ ବ୍ୟାନରରେ ଆସିବାକୁ ଥିବା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ ଘୋଷଣା କରାଯାଇଥିଲା । ଯାହାର ନିର୍ଦ୍ଦେଶନା ରାଜେନ୍ଦ୍ର ମହନ୍ତ,କାହାଣୀ ଏବଂ ଶିବା ପ୍ରଣବ, ସଙ୍ଗୀତ ବୈଦ୍ୟନାଥ ଦାଶ, ନୃତ୍ୟ ମଣ୍ଟୁ ଜେନାଙ୍କ କାନ୍ଧରେ ଦାୟିତ୍ୱ ଦିଆଯାଇଛି । ମୁଖ୍ୟ ଭୂମିକାରେ ସମ୍ବିତ ନଜର ଆସିବେ ଏବଂ ଅନ୍ୟାନ୍ୟ ଭୂମିକାରେ ହରି ମହାପାତ୍ର, ଶ୍ରୀତମ୍ ଦାସ, ଅନିନ୍ଦିତା, ଅଙ୍କିତ୍, ପ୍ରତିଭା ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ, ପୁଷ୍ପା ପଣ୍ଡା, କାଳିଆ ଷଣ୍ଢ, ନିତିଆ ସାର୍ ନାଲି ଆମ୍ବ ଏବଂ ଅମର ମହାପାତ୍ର ପ୍ରମୁଖ ରହିଛନ୍ତି ।

# ଆଧାର ନାହିଁ ବୋଲି ନେଲେନାହିଁ ଆଡ଼ମିସନ: ବିଦ୍ୟାଳୟର ମାଟି ମାଡ଼ିପାରିଲେ ନାହିଁ 'ସାକର'

ଉଦଳା , ୨୫/୫ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ନଟାପଡ଼ା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଧରମା ମୁର୍ମୁ ଓ ତାଙ୍କର ସହଧର୍ମିଣି ପଦ୍ମାବତି ମୁର୍ମୁଙ୍କର ୮ ବର୍ଷ ବୟସର କନ୍ୟା 'ସାକର' ଏ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ି ପାରିନଥିବାର ଜଣାଯାଇଛି । ଖବର ନେବାରୁ 'ସାକର' ଗ୍ରାମରେ ଥିବା ଅଙ୍ଗନୱାଡ଼ି ପାଠ ସାରିଛନ୍ତି । ପରେ ବିଦ୍ୟାଳୟକୁ ନାମ ଲେଖାଇବାକୁ ଯିବାରୁ ସେଠାରେ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ମାଗିଲେ । ସେ ଆଧାରକାର୍ଡ଼ ଦେଖାଇ ନପାରିବାରୁ ନାମ ନଲେଖାଇ ତାଙ୍କୁ ଫେରାଇ ଦେଇଥିବାର କଥା ଅବିଭାବକ ଜଣାଇଛନ୍ତି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ସେହିପରି ନାମ ଲେଖା କ୍ଷେତ୍ରରେ 'ଆଧାର' ବାଧ୍ୟତାମୂଳକ ନୁହେଁ ବୋଲି ସରକାରୀ କଳ ଢ଼ୋଲ ପିଟୁଛି । ଅଥଚ 'ସାକର'ଙ୍କ ପରି ବହୁ ସଂଖ୍ୟାରେ ପିଲା ଏବେ ମଧ ବିଦ୍ୟାଳୟ ବାହାରେ ଥିବାର



ଖବର ଆମର ହସ୍ତଗତ ହୋଇଛି । ଶିକ୍ଷାବିଭାଗର ଏପରି ପ୍ରହସନ ଆଉ କେତେଦିନ ଚାଲିବ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି । ନିକଟରେ ଘର ଘର ବୁଲି ଶିକ୍ଷକ ମାନେ ବିଦ୍ୟାଳୟ ଯାଉନଥିବା ପିଲାଙ୍କୁ ଚିହ୍ନଟକଲେ ଅଥଚ 'ସାକର' କିପରି କାହାରି ନଜରରେ ପଡ଼ିଲେ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି କରିଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida